



# ସଞ୍ଚାର THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 210 | ଭାଗ ୩୩ | ସଂଖ୍ୟା ୨୧୦ Friday 24 October 2025 | Page 8 Rs. 5.00 ● ଭୁବନେଶ୍ୱର ଶୁକ୍ରବାର ୨୪ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ସୁଦର୍ଶନର ଆତ୍ମସମର୍ପଣ, ଧରାହେଲା ସୁନୀଲ

**ପୀତବାସ ହତ୍ୟା ମାମଲା**





**ବ୍ରହ୍ମପୁର, ୨୩।୧୦ (ସଂଚାର ବ୍ୟୁରୋ):** ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗତକାଲି ବ୍ରହ୍ମପୁର ପୁଲିସ୍ ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବ୍ରହ୍ମପୁର ବିଜେଡି ସଭାପତି ବିକ୍ରମ ପଣ୍ଡା ଓ ପୂର୍ବତନ ବ୍ରହ୍ମପୁର ମହାନଗର ନିଗମ ମେୟର୍ ଶିବ ଶଙ୍କର ଦାସଙ୍କ ସମେତ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ଆଉ ଦୁଇ ଜଣ ପୁଲିସ୍ କବ୍‌ଜାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ଅଭିଯୁକ୍ତ ତଥା ବ୍ୟବସାୟୀ ସୁଦର୍ଶନ ଜେନା ଆତ୍ମସମର୍ପଣ କରିଥିବା ବେଳେ ସୁନୀଲ ହୋତା ଜୟପୁରଠାରେ ଗିରଫ ହୋଇଛି। ଆଜି ସୁଦର୍ଶନ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଆତ୍ମସମର୍ପଣ କରିଛି। ସେହିପରି ଆଇନଜୀବୀ ଶ୍ରୀ ପଣ୍ଡାଙ୍କୁ ଗୁଳି କରିଥିବା ଦୁଇ ହତ୍ୟାକାରୀଙ୍କୁ ଏକ ଭଡ଼ାଘରେ ରଖାଇଥିବା ସୁନୀଲ କୋରାପୁଟ ଜିଲ୍ଲାର ଜୟପୁରରୁ ଗିରଫ ହୋଇଛି। ତାକୁ ଜୟପୁରର ଶ୍ରୀରାମନଗରସ୍ଥିତ ତା’ ଘରୁ ପୁଲିସ୍ ଗିରଫ କରିଛି। ଅବଶ୍ୟ ଏନେଇ ଜୟପୁର ପୁଲିସ୍ କୌଣସି ➩ପୃଷ୍ଠା-୬

# ୭ରୁ ରୋଡ୍ କଂଗ୍ରେସ, ଆସିବେ ଗଡ଼କରୀ



**ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ):** ଆସନ୍ତା ମାସ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ହେବ ଇଣ୍ଡିଆନ ରୋଡ କଂଗ୍ରେସ (ଆଇଆର୍‌ସି)ର ୮୪ତମ ବାର୍ଷିକ ଅଧିବେଶନ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ଯୋଗଦେବେ। ଏଥିସହ ଏହି କାର୍ଯ୍ୟକ୍ରମରେ ଦେଶବ୍ୟାପୀ ପ୍ରାୟ ଦୁଇ ହଜାର ଆର୍‌ଆର୍‌ସି ପ୍ରତିନିଧିଙ୍କ ଯୋଗଦାନ କରିବେ। ଆହୁରି ମଧ୍ୟ ସଡ଼କ ଓ ପରିବହନ କ୍ଷେତ୍ର ସହ ଜଡ଼ିତ ଅନେକ ବିଶେଷଜ୍ଞ ଏହି ଚାରିଦିନିଆ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅଧିକନ୍ତୁ ପାଖାପାଖି ସାଢ଼େ ୩ ହଜାର ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିବେ। ଅଦ୍ୟାବଧି ଆୟୋଜନ ପ୍ରାୟ ସବୁ ସେସନ୍ ଉଦ୍‌ଘାଟନ କରିଥିବା କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଏଥିରେ ଯୋଗଦେବାକୁ ଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ବୋଧନ କରିବେ। ଏହି ଅବସରରେ ଦେଶରେ କେନ୍ଦ୍ର ସରକାର ସଡ଼କ ଭିତ୍ତିଭୂମି, ନିରାପତ୍ତା ଓ ନୂତନ ଜ୍ଞାନକୌଶଳର ଉପଯୋଗ ସମ୍ପର୍କରେ ସବିଶେଷ ତଥ୍ୟ ରଖିବେ। ଏହି ➩ପୃଷ୍ଠା-୬

## ମୁଖ୍ୟମନ୍ତ୍ରୀଙ୍କ ସହ ଅନୀଲ ଅଗ୍ରୱାଲଙ୍କ ଆଲୋଚନା

# ଗେମ୍-ଚେଞ୍ଜର ହେବ ବେଦାନ୍ତ ପ୍ରକଳ୍ପ



- ଲକ୍ଷେ କୋଟି ନିବେଶ ନିଷ୍ପତ୍ତି, ଲକ୍ଷେଙ୍କୁ ମିଳିବ ନିଯୁକ୍ତି
- କେନ୍ଦୁଝରରେ ୨ ହଜାର କୋଟିର ଫେରୋ-ଆଲଏଜ୍ ପ୍ଲାଣ୍ଟ
- ୨ଟି ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା ହେବ

**ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ):** ଆଜି ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଏହି ଅନୁସାରେ, ଆଗାମୀ ଦିନରେ ବେଦାନ୍ତ ରାଜ୍ୟରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଫଳସ୍ୱରୂପ ରାଜ୍ୟର ୧ ଲକ୍ଷରୁ ଅଧିକ ଯୁବକଯୁବତୀ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ପାଇବେ। ରାଜ୍ୟ ସରକାର ମଧ୍ୟ ଏହି ନିବେଶକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଏଥିପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବିଶ୍ୱର ମେଟାଲ ଭାଲ୍ୟୁ-ଚେନ୍‌ରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝରଠାରେ ଏକ ଅତ୍ୟାଧୁନିକ ଫେରୋ-ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି ବେଦାନ୍ତ ଘୋଷଣା କରିଛି। ଏଥିରେ ମୋଟ ୨ ହଜାର କୋଟି ଟଙ୍କା ବିନିଯୋଗ ହେବ।

ଆହୁରି ବେଦାନ୍ତ ପକ୍ଷରୁ ଓଡ଼ିଶାରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଝାରସୁଗୁଡାରେ ଥିବା ଏହାର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ଏଥିସହ ରାଜ୍ୟର ଅନ୍ୟ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ, ସେଠାରେ ମଧ୍ୟ ଆଉ ଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ଏହି ଦୁଇଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ➩ପୃଷ୍ଠା-୬

## ଚୌଦ୍ୱାର ଜେଲରୁ କଏଦୀ ଫେରାର (ଏପିସୋଡ୍-୩)

# ଫେରାର୍ କରାଇବାକୁ ହୋଇଥିଲା କି ପ୍ଲାନ୍ ?

**ସନ୍ଦେହରେ ୱାର୍ଡର୍ ଓ ନାଇଟ ଡ୍ୟୁଟି ଅଫିସରଙ୍କ ଭୂମିକା**




**ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ):** ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ହେବା ଘଟଣାରେ ପୁଣି ଏକ ରୋଚକ ତଥ୍ୟ ପଦାକୁ ଆସିଛି। ଗୋଟେ ପଟେ ଏକାବେଳେ ଜେଲ ଡ଼ିଆଇଜି ଓ ସୁପରିଣ୍ଟେଣ୍ଡେଣ୍ଟ୍ ଛୁଟିରେ ଯିବା ଯେତିକି ସନ୍ଦେହ ସୃଷ୍ଟି କରୁଛି, ଡ୍ୟୁଟି ଛାଡି ୱାର୍ଡର ଶୋଇପଡ଼ିବା ସେତିକି ଭ୍ରୂକୁଞ୍ଚନ ସୃଷ୍ଟି କରୁଛି। ଘଟଣା ଦିନ ଦାୟିତ୍ୱରେ ଥିବା ନାଇଟ ଡ୍ୟୁଟି ଅଫିସର ବି ଡ୍ୟୁଟିରେ ଯୋଗ ଦେଇନଥିଲେ। ଡ୍ୟୁଟି ଛାଡ଼ି ସେ କୁଆଡେ ଯାଇଥିଲେ, ସେନେଇ ବି ଖୋଳତାଡ଼ ଆରମ୍ଭ ହୋଇଛି।

ଜେଲରେ ଦୁର୍ଗାପୂଜା ଚାଲିଥିବା ସମୟରେ ଦୁଇ ବରିଷ୍ଠ ଅଧିକାରୀ କିପରି ଛୁଟିରେ ଗଲେ, ତା’ର ତଦନ୍ତ ଆରମ୍ଭ ହୋଇଛି। ଏଥିସହ ଅକ୍ଟୋବର ୨ ତାରିଖ ରାତିରେ ଡ୍ୟୁଟିରେ ଥିବା ୱାର୍ଡରଙ୍କ କାର୍ଯ୍ୟ ମଧ୍ୟ ସନ୍ଦେହ ପରିସରକୁ ଆସିଛି। କାରଣ ସେଦିନ ଶେଷ ପୂଜା ଅର୍ଥାତ ପୂର୍ଣ୍ଣାହୁତି ଥିଲା। ବାହାରୁ ଆସିଥିବା ସବୁ ଲୋକ ବାହାରକୁ ଗଲେ। କଏଦୀମାନେ ନିଜ ନିଜ ସେଲ୍‌କୁ ଫେରିଲେ। ରାତି ୯ଟା ୩୦ରେ ଡ୍ୟୁଟି ୱାର୍ଡର୍‌ଙ୍କ ଡ୍ୟୁଟି ଆରମ୍ଭ ହେଲା। ସେ ଡ୍ୟୁଟି ପୋଷ୍ଟରେ ପହଞ୍ଚିଲେ ୯ଟା ୪୮ରେ, ଆଉ ୯ଟା ୫୧ରେ ପଳାଇଗଲେ। ଅର୍ଥାତ ମାତ୍ର ୩ ମିନିଟ ପରେ ୱାର୍ଡର ପ୍ରାୟ ଦେଢ଼ ଘଣ୍ଟା ଧରି କୁଆଡ଼େ ଗାଏବ ହୋଇଗଲେ। ତା’ପରେ ରାତି ୧୧ଟାରେ ସେ ଡ୍ୟୁଟିକୁ ଫେରିଥିଲେ। ଅଧିକନ୍ତୁ ୫ ମିନିଟ ବୁଲାବୁଲି କରି ପୁଣିଥରେ ସେ ଗାଏବ ହୋଇଗଲେ। ସେହିପରି ଘଟଣା ଦିନ ନାଇଟ ଡ୍ୟୁଟି ଅଫିସର ଶରତ ନନ୍ଦ ମଧ୍ୟ ଆଦୌ ଡ୍ୟୁଟିକୁ ଯାଇନାହାନ୍ତି। କିନ୍ତୁ ➩ପୃଷ୍ଠା-୬

## କଟକ ବାଲିଯାତ୍ରା ଇତିହାସରେ ପ୍ରଥମ

# ଇଣ୍ଡୋନେସିଆ ପାର୍ଟନର ନେସନ

**ଷ୍ଟଲ୍‌ରେ ଉପଲବ୍ଧ ହେବ ଇଣ୍ଡୋନେସୀୟ ସାମଗ୍ରୀ**



**କଟକ, ୨୩।୧୦ (ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବର ୫ରୁ କଟକରେ ଆରମ୍ଭ ହେବ ଐତିହାସିକ ବାଲିଯାତ୍ରା। ଏହି ବାଲିଯାତ୍ରାକୁ ବିଶ୍ୱ ସ୍ତରରେ ପରିଚିତି ଦେବା ସକାଶେ ରାଜ୍ୟ ସରକାର ନିୟମିତ ଭାବେ ପଦକ୍ଷେପ ନେଇଆସୁଥିବା ବେଳେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏକ ବିଦେଶୀ ରାଷ୍ଟ୍ରକୁ ଏହାର ପାର୍ଟନର୍ ଭାବେ ମନୋନୀତ କରାଯାଇଛି। ଚଳିତ ବର୍ଷ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଇଣ୍ଡୋନେସିଆକୁ ପାର୍ଟନର ନେସନ ଭାବେ ମନୋନୀତ କରାଯାଇଛି। ଇଣ୍ଡୋନେସିଆ ସହ ଓଡ଼ିଶାର ଐତିହାସିକ ନୌବାଣିଜ୍ୟ ସମ୍ପର୍କ ରହିଥିବାରୁ ଏହି ଦେଶକୁ ପ୍ରାଥମିକତା ଭିତ୍ତିରେ ପାର୍ଟନର୍ ନେସନ୍ କରାଯାଇଛି ବୋଲି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ପାର୍ଟନର ନେସନ ଭାବେ ବାଲିଯାତ୍ରା ଆୟୋଜନରେ ଇଣ୍ଡୋନେସିଆର ଏକ ପ୍ରମୁଖ ଭୂମିକା ରହିବ। ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ ଓଡ଼ିଶା ଓ ଇଣ୍ଡୋନେସିଆର ନୌବାଣିଜ୍ୟକ ସମ୍ପର୍କକୁ କିଭଳି ପ୍ରଦର୍ଶିତ କରାଯିବ, ସେନେଇ ଆଲୋଚନା ହୋଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ବାଲିଯାତ୍ରାରେ ଇଣ୍ଡୋନେସିଆ ହସ୍ତକଳା ସାମଗ୍ରୀ ପ୍ରଦର୍ଶନ ସକାଶେ ଏକ ଷ୍ଟଲ ରହିବ ବୋଲି ଜିଲ୍ଲାପାଳ ➩ପୃଷ୍ଠା-୬

# ୫୦ ମାଓବାଦୀଙ୍କ ଆତ୍ମସମର୍ପଣ



- କେନ୍ଦ୍ରୀୟ କମିଟି ସଦସ୍ୟ ମୁଣ୍ଡରେ ଥିଲା ୫୦ ଲକ୍ଷ ପୁରସ୍କାର
- ଖୁବ୍‌ଶୀଘ୍ର ଭୁଶୁଡ଼ିବ ସଂଗଠନ
- ନାହାନ୍ତି ଠୋସ୍ ନିଷ୍ପତ୍ତି ନେବା ଭଳି ସଦସ୍ୟ

**ମାଲକାନଗିରି, ୨୩।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ବଳିଷ୍ଠ ନୀତି ଓ ରାଜ୍ୟ ସରକାରଙ୍କ ଆକର୍ଷଣୀୟ ପ୍ୟାକେଜ୍ ମାଓବାଦୀମାନଙ୍କୁ ହିଂସାପଥ ଛାଡ଼ିବାକୁ ଏକରକମ ବାଧ୍ୟ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସୁରକ୍ଷାକର୍ମୀମାନେ ମାଓଗଡ଼ରେ କ୍ରମାଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ମାଓବାଦୀମାନେ କ୍ରମାଗତ ଭାବେ ଛତ୍ରଭଙ୍ଗ ଦେଉଛନ୍ତି। ଫଳସ୍ୱରୂପ ମାଓଗଡ଼ ଦିନକୁ ଦିନ ଦୁର୍ବଳ ହେଉଛି। ନିକଟରେ ମହାରାଷ୍ଟ୍ରର ଗଡଚିରୋଲି ଓ ବସ୍ତରରେ ପ୍ରାୟ ୩୦୦ ମାଓବାଦୀଙ୍କ ଆତ୍ମସମର୍ପଣ ସଂଗଠନକୁ ଦୋହଲାଇ ଦେଇଥିବା ବେଳେ ଆଜି ପୁଣି ୫୦ ଜଣ ମାଓବାଦୀ ହିଂସାପଥ ପରିତ୍ୟାଗ କରିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ମାଓବାଦୀମାନଙ୍କ ନେତୃତ୍ୱ କେନ୍ଦ୍ରୀୟ କମିଟି ମେମ୍ବର ରାମଧର ଓରଫ ମାଝୀ ନେଇଛନ୍ତି। ରାମଧର ନାମରେ ସରକାର ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ପୁଖାଞ୍ଜର ଜିଲ୍ଲାର ମହଲା କ୍ୟାମ୍ପରେ ଏହି ମାଓବାଦୀମାନେ ଆଜି ପୂର୍ବାହ୍ନରେ ଆତ୍ମସମର୍ପଣ କରିଛନ୍ତି। ପୂର୍ବରୁ ସଂଗଠନର କେନ୍ଦ୍ରୀୟ କମିଟିର କେତେକ ପ୍ରମୁଖ ସଦସ୍ୟ ନିଜ ଚିନ୍ତାଧାରା ବଦଳାଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ➩ପୃଷ୍ଠା-୬

**● ମହଙ୍ଗା ପଡ଼ିଲା କାର୍ଯ୍ୟରେ ଅବହେଳା**

# ୬ ବ୍ଲକ୍ ଏଡିଇଓଙ୍କ ୩ ମାସର ଦରମା ବନ୍ଦ

**କଟକ, ୨୩।୧୦ (ସଂଚାର ବ୍ୟୁରୋ):** ମୋହନ ସରକାରରେ ଠକ କର୍ମଚାରୀଙ୍କୁ ନିସ୍ତାର ନାହିଁ। କାମରେ ଠକିଲେ କେତେବେଳେ ନିଲମ୍ବନ କରାଯାଉଛି ତ ଆଉ କେତେବେଳେ ଦରମା ବନ୍ଦ କରାଯାଉଛି। ଏହି କ୍ରମରେ ଆଜି କଟକ ଜିଲ୍ଲାର ୬ ଜଣ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ ଠକ ମନୋବୃତ୍ତି ପାଇଁ ଦଣ୍ଡିତ ହେବାକୁ ପଡ଼ିଛି। ଏହି ୬ ଜଣ ବ୍ଲକ୍ ଏଡିଇଓ ଭାବେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଦରମା ବନ୍ଦ କରାଯାଇଛି। ୬ଟି ବ୍ଲକ୍‌ର ସମସ୍ତ ପଞ୍ଚାୟତର ଏଡିଇଓଙ୍କ ୩ ମାସର ଦରମା ବନ୍ଦ ପାଇଁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ଆଠଗଡ଼, ବାଙ୍କୀ, ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ନରସିଂହପୁର, ଟାଙ୍ଗୀ ଏଡିଇଓଙ୍କ ଅକ୍ଟୋବରରୁ ଡିସେମ୍ବର ଦରମା ବନ୍ଦ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ➩ପୃଷ୍ଠା-୬

# ନିଶ୍ଚିନ୍ତକୋଇଲି ବିଇଓଙ୍କ ଖୋଲୁଛି ପୁରୁଣା ଚିଠା




- ପ୍ରଧାନ ଶିକ୍ଷକ ଥିବାବେଳେ ଅନିୟମିତତା
- ଆରଟିଆଇ ତଥ୍ୟରୁ ମିଳିଲା ସୂଚନା

**ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ):** ଶିକ୍ଷକଙ୍କୁ ନାଲିଆଖି ଦେଖାଇବା ସହ ଅସମ୍ମାନ କରି ଚର୍ଚ୍ଚାରେ ଥିବା ନିଶ୍ଚିତକୋଇଲି ବିଇଓଙ୍କ ପୁରୁଣା ଚିଠା ଖୋଲିବାରେ ଲାଗିଛି। ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟରୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବାବେଳେ ହୋଇଥିବା ଅନିୟମିତତାର ଗୁମର ଫିଟିବାରେ ଲାଗିଛି।

ସୂଚନା ଅଧିକାର ଆଇନ୍‌ରେ ମିଳିଥିବା ତଥ୍ୟର ସୂଚନା ଅନୁଯାୟୀ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରିଣୀ ତଥା ବିଇଓ ସଂଯୁକ୍ତା ମହାପାତ୍ର ଏହା ପୂର୍ବରୁ ରାଧାନାଥ ଉଚ୍ଚ ସରକାରୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ବେଳେ ବିଦ୍ୟାଳୟରେ ବ୍ୟାପକ ଅନିୟମିତା ହୋଇଛି। ବିଶେଷକରି ନିର୍ମାଣ କାର୍ଯ୍ୟରେ ଯେଉଁ ବିଲ୍ ପଇଠ ହୋଇଛି, ସେଥିରେ ତାଳମେଳ ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଯେଉଁସବୁ ରସିଦ୍ ଦାଖଲ ହୋଇଛି ସେଥିରୁ ଗୋଟିକରେ ୨୦୧୧ ମସିହା ଉଲ୍ଲେଖ ରହିଛି। ଏଥିରୁ ସ୍ପଷ୍ଟ ହୋଇଛି ଯେ ନିର୍ଦ୍ଦିଷ୍ଟ ସଂସ୍ଥାରୁ ପୁରୁଣା ବିଲ୍‌ଗୁଡ଼ିକ ଆଣି ତାହାକୁ ପୂରଣ କରି ସରକାରଙ୍କ ନିକଟରେ ଦାଖଲ ହୋଇଛି।

ସେହିଭଳି ବିଦ୍ୟାଳୟ ନିର୍ମାଣ କାମରେ ନିୟୋଜିତ ବ୍ୟକ୍ତି ମଜୁରିଆ ଭାବେ ଗୋଟିଏ ସ୍ଥାନରେ ଦସ୍ତଖତ କରି ପଇସା ନେଇଥିବା ବେଳେ ଆଉ ଗୋଟିଏ ସ୍ଥାନରେ ଟ୍ରାକ୍ଟର ଚାଳକ ଭାବେ ଦସ୍ତଖତ କରି ପଇସା ନେଇଛନ୍ତି। ଜଣେ ବ୍ୟକ୍ତି ଦୁଇଟି ସ୍ଥାନରେ ଗୋଟିଏ ନାମରେ ଦସ୍ତଖତ କରିଥିବା ବେଳେ ଏହାକୁ ନେଇ ସନ୍ଦେହ ପ୍ରକଟ ହୋଇଛି। ଏହିଭଳି ଏକାଧିକ ବିଲ୍, ଭାଉଚର ଆଦି ଦାଖଲ ହୋଇଛି ଯାହାର ➩ପୃଷ୍ଠା-୬



## କାନ ଡେରିଥା

ରାଜନୀତି ଢଙ୍ଗେ ବଳି
ପଡ଼ିଗଲେ
ଗଞ୍ଜାମର ବଡ଼ ନେତା
ପ୍ରକୃତ ଆସାମୀ କୋଉଠି
ଲୁଚିଛି
ଜାଣିବେ କେବେ ଜନତା
ଇଏ ସେ ପୁରୁଣା କଥା...
ଚବିଶି ବର୍ଷରେ ଶାସନ
କଳକୁ
ହାତେ ରଖି ନେଲ ବ୍ୟଥା ।

■ ଦେବାଶିଷ

# ନୂଆପଡ଼ାରେ ସାଲୁବାଲୁ ହେଉଛନ୍ତି ନେତା

- ଆଗାମୀ ଦିନରେ ଆହୁରି ଯିବେ
- ଘରକୁ ଘର ଜଗିବାକୁ ଯୋଜନା



**ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ) :** ନୂଆପଡାରେ ଏବେ ନେତାମାନେ ସାଲୁବାଲୁ ହେଉଛନ୍ତି। ପ୍ରତିଦିନ ଏମାନଙ୍କ ସଂଖ୍ୟା ବଢୁଛି। କିଏ ବ୍ଲକ ଦାୟିତ୍ୱରେ ତ ଆଉ କିଏ ବୁଥ୍ ଦାୟିତ୍ୱରେ। ଆଗାମୀ ଦିନରେ କେତେକ ଅଞ୍ଚଳରେ ଘରକୁ ଘର ଜଗିବା ପାଇଁ ବି ଯୋଜନା ଚାଲିଛି। ଏଭଳି ହେଲେ ନୂଆପଡାରେ ବୁଥ୍ ତୁଳନାରେ ନେତା ଅଧିକ ହୋଇଯିବେ ବୋଲି ଆକଳନ ହେଲାଣି।

ନୂଆପଡା ପାଇଁ ରାଜ୍ୟର ଶାସକ ବିଜେପି ଓ ବିରୋଧୀ ବିଜେଡି ପ୍ରତିଦିନ ନିଜ ନିଜର ଯୋଦ୍ଧା ତାଲିକା ଘୋଷଣା କରୁଛନ୍ତି। ବିଜେଡି ତାହାର ୪୦ ଜଣିଆ ଷ୍ଟାର ପ୍ରଚାରକ ବାଦ୍ ନୂଆପଡା ବ୍ଲକ ପାଇଁ ପ୍ରଥମେ ୧୮ଜଣଙ୍କୁ ଦାୟିତ୍ୱ ଦେଇଥିବା ବେଳେ ପରେ ଏଥିରେ ଆଉ ୭ ଜଣଙ୍କୁ ସାମିଲ କରିଛି। ସେହିଭଳି ନୂଆପଡା ଏନଏସି ପାଇଁ ୮ଜଣଙ୍କୁ ଦାୟିତ୍ୱ ଦେଇଛି। କୋମନା ବ୍ଲକ ପାଇଁ ପ୍ରଥମେ ୧୮ଜଣଙ୍କ ନାମ ତାଲିକା ଘୋଷଣା କରିଥିବା ବେଳେ ସେଥିରେ ଆଉ ୩ଜଣ ସାମିଲ ହୋଇଛନ୍ତି। ଖରିଆର ଏନଏସି ଜଗିବାକୁ ବିଜେଡି ପ୍ରଥମେ ୮ଜଣଙ୍କ ନାମ ଘୋଷଣା କରିଥିବା ବେଳେ ଏବେ ସେଥିରେ ଆଉ ୩ଜଣଙ୍କୁ ସାମିଲ କରିଛି ।

ଏଥି ସହିତ ବିଜେଡି ନୂଆପଡାରେ ସାମାଜିକ କାର୍ଯ୍ୟ ପରିଚାଳନା ପାଇଁ ତାହାର ୨୧ ଜଣିଆ ଟିମ୍ ପଠାଇଛି। ତେଣୁ ଏମାନଙ୍କୁ ମିଶାଇ ବିଜେଡି ବର୍ତ୍ତମାନ ସୁଦ୍ଧା ନୂଆପଡା ପାଇଁ ୧୨୬ଜଣଙ୍କ ନାମ ଘୋଷଣା କରି ସାରିଲାଣି। ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିବ ବୋଲି ଆଲୋଚନା ହେଉଛି। ବିଜେପି ବି ଏ କ୍ଷେତ୍ରରେ ପଛରେ ପଡିନାହିଁ। ଦଳ ପକ୍ଷରୁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଥିଲା। ଏହାପରେ ଆଜି ୮ଜଣ ମନ୍ତ୍ରୀଙ୍କୁ ୮ଟି ଜୋନ୍ ଦାୟିତ୍ୱ ଦେଇଛି। ଏହାବାଦ୍ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ବିଧାୟକ ଜୟ ନାରାୟଣ ମିଶ୍ର ପୂରା ନୂଆପଡ଼ା ଦାୟିତ୍ୱରେ ରହିଛନ୍ତି। ଦୁଇ ତିନିଦିନ ଭିତରେ ଦଳ ଆଉ ଗୋଟିଏ ତାଲିକା ପ୍ରକାଶ କରିବାର ସୂଚନା ମିଳୁଛି।

କଂଗ୍ରେସ ବର୍ତ୍ତମାନ ସୁଦ୍ଧା ତାହାର ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣାରେ ସୀମିତ ଥିବାବେଳେ ଦଳର ପ୍ରଦେଶ ସଭାପତି ଦଳବଳ ସହ ସେଠାରେ ଡେରା ପକାଇଛନ୍ତି। ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆଉ ଗୋଟିଏ କିମ୍ବା ଦୁଇଟି ତାଲିକା ପ୍ରକାଶ ପାଇବାର ସମ୍ଭାବନା ରହିଛି। ରାଜ୍ୟର ପ୍ରମୁଖ ନେତାମାନେ ଦଳ ବଳ ସହିତ ଏବେ ନୂଆପଡା ମୁହାଁ ହୋଇଥିବାବେଳେ ସେଠାରେ ଏବେ ରହିବାକୁ ହୋଟେଲ ଓ ପରିବହନ ପାଇଁ ଯାନବାହାନ ସଙ୍କଟ ଦେଖାଦେଇଛି। ଅଧିକାଂଶ ନେତା ବଲାଙ୍ଗିରରେ ଡେରା ପକାଇଥିବା ବେଳେ ଅନେକ କିନ୍ତୁ ନୂଆପଡା ଛାଡିବାକୁ ରାଜି ନାହାନ୍ତି। ଏତେ ସଂଖ୍ୟାରେ ନେତାଙ୍କ ସମାଗମ ଯୋଗୁଁ ପୁଲିସ୍ ଓ ଜିଲ୍ଲା ପ୍ରଶାସନ ଆଇନଶୃଙ୍ଖଳା ନେଇ ଚିନ୍ତାରେ ଥିବାବେଳେ ଆଗାମୀ ଦିନରେ ଅଧିକ ନେତାଙ୍କ ସମାଗମକୁ ନେଇ ସେମାନଙ୍କ ଚିନ୍ତା ବଢ଼ିବାରେ ଲାଗିଛି।

# ଟ୍ରମ୍ପଙ୍କ କଟକଣା ପରେ ବଢ଼ିଲା ତେଲ ଦର

## ରୁଷିଆରୁ ପୁଣି କିଣି ପାରେ ଭାରତ !

**ନୂଆଦିଲ୍ଲୀ, ୨୩।୧୦:** ଆମେରିକା ଦ୍ୱାରା ରୁଷିଆର ମୁଖ୍ୟ ତୈଳ କମ୍ପାନୀଗୁଡ଼ିକ ଉପରେ ନୂଆ କଟକଣା ଲାଗୁ ହେବା ପରେ ଭାରତୀୟ ରିଫାଇନାରୀମାନେ ରୁଷୀୟ ଅଶୋଧିତ ତୈଳ କ୍ରୟ ଯୋଜନାକୁ ପୁନଃବିଚାର କରୁଥିବା ଖବର ମିଳିଛି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଗୁରୁବାର ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ପ୍ରାୟ ୫% ବୃଦ୍ଧି ପାଇଛି। ଏହା ବିଶ୍ୱ ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି କୁହାଯାଉଛି। ଆମେରିକା ରୁଷିଆର ବୃହତ୍ ତୈଳ ଉତ୍ପାଦନକାରୀ କମ୍ପାନୀ ରୋସନେଫ୍ଟ ଏବଂ ଲୁକୋଇଲ୍ ଉପରେ କଟକଣା ଲଗାଇଛି। ଏହା ପରେ ଭାରତ, ଯିଏ ୨୦୨୨ରୁ ରିହାତି ମୂଲ୍ୟରେ ରୁଷୀୟ ତୈଳର ସବୁଠୁ ବଡ଼ କ୍ରେତା ପାଲଟିଥିଲା, ସେ ଏବେ ଅନ୍ୟ ଯୋଗାଣକାରୀଙ୍କ ଆଡ଼କୁ ମୁହାଁଇବାକୁ ବାଧ୍ୟ ହୋଇପାରେ। ଭାରତର ପ୍ରମୁଖ ଘରୋଇ ରିଫାଇନାରୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷିଆରୁ ତୈଳ ଆମଦାନୀ ହ୍ରାସ କରିବାକୁ କିମ୍ବା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ସରକାରୀ ରିଫାଇନାରୀଗୁଡ଼ିକ ମଧ୍ୟ ସେମାନଙ୍କ କ୍ରୟ ଯୋଜନା ସମୀକ୍ଷା କରୁଛନ୍ତି। ବଜାରରେ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ଯୋଗୁଁ ତୈଳ ଦରରେ ତୀବ୍ର ବୃଦ୍ଧି ଘଟିଛି। ବ୍ରେଣ୍ଟ୍ ➩ପୃଷ୍ଠା-୬

# ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି ଉପଜିଲ୍ଲାପାଳ

**କେନ୍ଦ୍ରାପଡ଼ା,୨୩।୧୦ (ସଂଚାର ବ୍ୟୁରୋ):** ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି ଉପଜିଲ୍ଲାପାଳ ଅରୁଣ ନାୟକ । ଏନେଇ ଗୁରୁବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ରାଜକନିକା ଥାନା ଅନ୍ତର୍ଗତ ପେଗରପଡା ଗ୍ରାମର ଭିନ୍ନକ୍ଷମ ଯୁବକ ପ୍ରଫୁଲ୍ଲ କୁମାର ପଣ୍ଡା ଅଭିଯୋଗରେ ଦର୍ଶାଇଛନ୍ତି ତାଙ୍କର ଏକ କେଶ ନିମନ୍ତେ ବାରମ୍ବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେବା ପରେ ଆଜି ସେହି କେଶ ବିଷୟରେ ବୁଝିବା ପାଇଁ ଉପଜିଲ୍ଲାପାଳଙ୍କ ଚାମ୍ବରକୁ ଯାଇଥିଲେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଭିନ୍ନକ୍ଷମ ପ୍ରଫୁଲ୍ଲଙ୍କୁ ଦେଖି ତୁ କୁଆଡେ ଆସିଛୁ ବୋଲି ଉଚ୍ଚ ଗଳାରେ କହିଥିଲେ । ପ୍ରଫୁଲ୍ଲ କହିଥିଲେ ମୋ କେଶ ବିଷୟରେ ବୁଝିବାକୁ ଆସିଛି। ଏହା ଶୁଣିବା ପରେ ଉପଜିଲ୍ଲାପାଳ ଶ୍ରୀ ନାୟକ ତାଙ୍କ କେଶର ଅଗ୍ରଗତି ସଂକ୍ରାନ୍ତରେ କହିବା ପରିବର୍ତ୍ତେ ତାଙ୍କୁ ଅସୌଜନ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ତୁରନ୍ତ ଅଫିସ ଚାମ୍ବରରୁ ବାହାରି ଯିବା ପାଇଁ କହିଥିଲେ। କିନ୍ତୁ ପ୍ରଫୁଲ୍ଲ ପୁନର୍ବାର ଉପଜିଲ୍ଲାପାଳଙ୍କୁ ତାଙ୍କ କେଶ ବିଷୟରେ ପଚାରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଉପଜିଲ୍ଲାପାଳ ଅଡରଲି ଦ୍ୱାରା ଧକ୍କା ଦେଇ ବିଦା କରିଦେବେ ବୋଲି କହିଥିଲେ। ଫଳରେ

## ଜିଲ୍ଲାପାଳଙ୍କୁ ଅଭିଯୋଗ

ମନଦୁଃଖ କରି ପ୍ରଫୁଲ୍ଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଫେରିଆସି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନା ଥାଉକି ଉପଜିଲ୍ଲାପାଳ ଶ୍ରୀ ନାୟକ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ବୈଠକରେ ଜଣେ ସାମ୍ବାଦିକ ଜୀବନ ସିଂଙ୍କୁ ତୁ ତା କରି ଦୁର୍ବ୍ୟବହାର କରିଥିଲେ । ଏହାକୁ ନେଇ ଜିଲ୍ଲାପାଳ କ୍ଷୁବ୍ଧ ହୋଇଥିଲେ । କାରଣ ଜିଲ୍ଲାପାଳଙ୍କ ସମ୍ମୁଖରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଉପଜିଲ୍ଲାପାଳ ଅସୌଜନ୍ୟ ବ୍ୟବହାର କରିଥିଲେ। ଉପଜିଲ୍ଲାପାଳଙ୍କ ବିରୋଧରେ ତଦନ୍ତ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଫଳରେ ସାମ୍ବାଦିକମାନେ ଶାନ୍ତ ପଡିଥିଲେ । ଏବେ ପୁଣି ଜଣେ ଭିନ୍ନକ୍ଷମଙ୍କୁ ଉପଜିଲ୍ଲାପାଳ ଦୁର୍ବ୍ୟବହାର କରିବା ଘଟଣା ବୁଦ୍ଧିଜୀବୀମାନଙ୍କୁ ଆନ୍ଦୋଳିତ କରିଛି। ସହରର କେତେକ ବୁଦ୍ଧିଜୀବୀ କହିଛନ୍ତି ଜଣେ ସରକାରୀ ଅଧିକାରୀ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ଉଚିତ । ହେଲେ ଜନସାଧାରଣଙ୍କୁ ଦୁର୍ବ୍ୟବହାର କରିବା ଦୁର୍ଭାଗ୍ୟଜନକ ଘଟଣା। ଏସଂକ୍ରାନ୍ତରେ ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ପଚାରିବାରୁ ସେ କହିଲେ ସାମ୍ବାଦିକଙ୍କୁ ଚିହ୍ନିନପାରିବା କାରଣରୁ ପାଟିରୁ ଅସୌଜନ୍ୟ ବ୍ୟବହାର ବାହାରି ଯାଇଥିଲା। ସେନେଇ ମୁଁ ସଂପୃକ୍ତ ସାମ୍ବାଦିକଙ୍କୁ ବୁଝାଇ ସାରିଛି। କିନ୍ତୁ କୌଣସି ଭିନ୍ନକ୍ଷମ ଜନତାଙ୍କୁ ମୁଁ ଦୁର୍ବ୍ୟବହାର କରିବାହିଁ ବୋଲି ଉପଜିଲ୍ଲାପାଳ କହିଛନ୍ତି ।

## ଜିଲ୍ଲାପାଳଙ୍କ ବତୀଘର ଗ୍ରାମପଞ୍ଚାୟତ ଗସ୍ତ



**ମହାକାଳପଡ଼ା, ୨୩।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର ଆଜି ବତୀଘର ଗ୍ରାମ ପଞ୍ଚାୟତ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି।ଜିଲ୍ଲାପାଳ ପ୍ରଥମେ ଡଙ୍ଗା ପାରି ହୋଇ ବାଇକ୍ ଯୋଗେ ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି କୁନ୍ଦୁକୁନି ପିଲାମାନଙ୍କୁ ଦିଆଯାଉଥିବା ଶିକ୍ଷା ଓ ଖାଦ୍ୟ ସାମଗ୍ରୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ କୋଚିଳା ବେଲାରି ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବତିଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ଧରି ଶିକ୍ଷାଦାନ ମଧ କରିଥିଲେ। ପରେପରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବ୍ୟବସ୍ଥା, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆଦି ବିଭାଗର କାର୍ଯ୍ୟ ତଦାରଖ କରିବା ସଙ୍ଗେସଙ୍ଗେ ପଞ୍ଚାୟତବାସୀଙ୍କ ଅଭିଯୋଗ ଗ୍ରହଣ କରିଥିଲେ।

## ରାତ୍ର ଜଗୁଆଳିଙ୍କୁ ମିଳୁନି ଦରମା



**କେନ୍ଦ୍ରାପଡ଼ା,୨୩।୧୦(ସଂଚାର ବ୍ୟୁରୋ):** ନିଖିଳ ଓଡ଼ିଶା ନାଇଟ ୱାଚ୍‌ମ୍ୟାନ ଓ ହାଉସ କିପିଂ କର୍ମଚାରୀ ସଂଘ ପକ୍ଷରୁ ଶତାଧିକ କର୍ମଚାରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ସେମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ସଂଘର ସଭାପତି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଆଇନଜିବୀ ରମଣୀ ରଂଜନ ରାଉତରାୟ, ବିକାଶ ଚନ୍ଦ୍ର ବେହେରା, ଅଜୟ ସାମଲ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ତୁରନ୍ତ ଏମାନଙ୍କ ଦରମା ପ୍ରଦାନ କରାଯିବା, ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ଦେବା, ଦେହ ଖରାପ ହେଲେ ଛୁଟି ଦେବାର ବ୍ୟବସ୍ଥା କରାଯିବା, ସହିତ ଦରମା ବୃଦ୍ଧି କରାଯିବାକୁ ଦାବି କରିଛନ୍ତି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ସଂଘ ତରଫରୁ ଦାବି କରାଯାଇଛି।

## ମହାସମାରୋହରେ ମା' କାଳୀଙ୍କ ପୂଜା ପାଳିତ

**ପଟ୍ଟାମୁଣ୍ଡାଇ,୨୩।୧୦(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରପରିଷଦ ଅର୍ନ୍ତଗତ ୧୮ ନମ୍ବର ୱାର୍ଡ ଦକ୍ଷିଣଦିଆ, ତାତନା ଗ୍ରାମର ମିଳିତ ଯୁବକ ମାନଙ୍କ ପକ୍ଷରୁ ୪ର୍ଥ ବାର୍ଷିକ ମା' କାଳୀଙ୍କ ପୂଜା ମହାବିଣା ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଛି। ପୂର୍ବରୁ ଏହି ମହାବିଣାର ବହୁ କିମ୍ବଦନ୍ତୀ ରହିଛି ବୋଲି ଏହି ଦୁଇ ଗ୍ରାମର ବୟସ୍କ ବୃଦ୍ଧ,ବୃଦ୍ଧାମାନେ କୁହନ୍ତି। ପୂର୍ବରୁ ଏହି ମହାବିଣା



ପଟ୍ଟାମୁଣ୍ଡାଇ ଅଂଚଳର ବଡ ଶ୍ମଶାନ ଥିଲା। ଏଠାରେ ସମୂହ ଶବଦାହ କରାଯାଉଥିଲା । କିଛି ଚଣ୍ଡି ସାଧକମାନେ ସେହି ସ୍ଥାନରେ ଚଣ୍ଡିପାଠ କରନ୍ତି ବୋଲି ଗ୍ରାମର ବୟସ୍କ ବୃଦ୍ଧବୃଦ୍ଧାମାନେ କୁହନ୍ତି। ତେଣୁ ସନ୍ଧ୍ୟାହେଲେ ଲୋକମାନେ ସେ ରାସ୍ତା ଦେଇ ଯିବାକୁ ଭୟ କରନ୍ତି। ଆଜି ସେ ସବୁ ପରିବର୍ତ୍ତନ ହୋଇଛି। ଏ ସମସ୍ତ କଥାକୁ ଦୃଷ୍ଟିରେ ରଖି ଦୁଇ ଗ୍ରାମର କିଛି ଉଦୀୟମାନ ଯୁବକ ମା'କାଳୀଙ୍କ ପୂଜା ସ୍ଥାପନ କରିବାକୁ ମନସ୍ଥ କଲେ। ତା'ପରେ ଦୁଇ ଗ୍ରାମର ଗ୍ରାମବାସୀ ମାନଙ୍କ ସହଯୋଗରେ ମା'ଙ୍କ ପୂଜା ଆଜି ୪ର୍ଥ ବର୍ଷରେ ପଦାର୍ପଣ କରିଛି । ଚଳିତବର୍ଷ ଅତି ଆଡମ୍ବର ସହିତ ମା' କାଳୀଙ୍କ ପୂଜା ଦିପାବଳୀ ଠାରୁ ଆରମ୍ଭ ହୋଇଛି। ଅଂଚଳର ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ପୂଜାପାଠ କରି ଆର୍ଶୀବାଦ ଭିକ୍ଷା କରୁଛନ୍ତି। ପୂଜକପଣ୍ଡିତ ସୁଶାନ୍ତ କୁମାର ଦାଶଙ୍କ ମନ୍ତ୍ର ପାଠରେ ମା'ଙ୍କ ପିଠ ଉତ୍ସବ ମୁଖର ହୋଇଉଠିଛି। ଆସନ୍ତା ୨୬ ତାରିଖରେ ବିସର୍ଜନ ଓ ଭସାଣି ଯାତ୍ରା କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## କାର୍ଯ୍ୟରେ ମନ୍ଥର ଗତି ଯୋଗୁଁ ବ୍ଲକର ବହୁ ଅଧିକାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ସାଲେପୁର,୨୩।୧୦(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକରେ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରାଯାଉନଥିବାରୁ ସାଲେପୁର ବ୍ଲକର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରଙ୍କ ଦରମା ବନ୍ଦ କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ସାଲେପୁର ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଶେଷ କରି ନରେଗା ଓ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଏହି ବ୍ଲକରେ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦରମା ବନ୍ଦ କରିବାପାଇଁ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଏହି ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଆକାଉଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରଙ୍କ ଦରମା ବନ୍ଦ ପାଇଁ ସାଲେପୁର ଟ୍ରେଜେରୀ ଅଫିସର ସାଲେପୁର ଓ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ଚିଠି କରିଥିବା ଜଣାଯାଇଛି।

## କିଶୋର ଅବସ୍ଥା ଓ ପୋଷଣର ଆବଶ୍ୟକତା ଶୀର୍ଷକ କର୍ମଶାଳା

**ରାଜନଗର,୨୩।୧୦ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆଜି ଶୈଶବ ଅବସ୍ଥା, ପ୍ରଜନନ ସ୍ୱାସ୍ଥ୍ୟ ଓ ପୋଷଣର ଆବଶ୍ୟକତା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୋରହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ, ରାଜକନିକାର ପ୍ରାଣୀବିଜ୍ଞାନ ବିଭାଗର ପ୍ରାଧାପିକା ଡକ୍ଟର ମିଥିଳା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କିଶୋର କିଶୋରୀ ମାନଙ୍କର ଶୈଶବ ଅବସ୍ତାରେ ଆସୁଥିବା ବିଭିହନ ପ୍ରକାର ଶାରୀରିକ, ମାନସିକ ଓ ସାମାଜିକ ପରିବର୍ତ୍ତନ ଓ ଏହି ସମୟରେ ବିଭିହନ ପ୍ରଜନନ ଜନିତ ସମସ୍ୟା ଉପରେ ଆଲୋକପାତ



କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ଅନୁଶୟା ବେହେରା କୈଶୋର ଅବସ୍ଥାରେ ହରମୋନ ଜନିତ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ରାଜଶ୍ରୀ ସାମନ୍ତ କିଶୋର କିଶୋରୀ ମାନଙ୍କର ସ୍ୱାସ୍ଥ୍ୟ ପାଇଁ ପୋଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

## ଭଲିବଲ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା



**ଡେରାବିଶ,୨୩।୧୦ (ସଂଚାର ବ୍ୟୁରୋ):** ୬୯ତମ ରାଜ୍ୟସ୍ତରୀୟ ଭଲ୍ଲିବଲ୍ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଫକିରାବାଦ ସ୍ଥିତ ରାମଚନ୍ଦ୍ର ନୋଡ଼ାଲ ଉଚ୍ଚବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ଜୁବୁଲି ସିଂଙ୍କୁ ଆଜି ତାଙ୍କ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ବିଦ୍ୟାଳୟର ପ୍ରଥମ ଛାତ୍ରୀ ଭାବେ ଏହି ବିରଳ କୃତିତ୍ୱ ହାସଲ କରିଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜୁବୁଲିଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ଶ୍ରୀମତୀ ସାମଲଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଭବିଷ୍ୟତ ଜୀବନ ଉତରୋତର କାମନା କରିଥିଲେ। ଏଥିସହିତ ଜୁବୁଲିଙ୍କୁ ବିଦ୍ୟାଳୟରେ ଭଲ୍ଲୀବଲ୍ ଖେଳର ଶିକ୍ଷା ପ୍ରଦାନ କରୁଥିବା ଶାରିରୀକ ଶିକ୍ଷା ଶିକ୍ଷକ ମଧୁସୂଦନ ଦାଶଙ୍କୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ବେଶ୍ ପ୍ରଶଂସା କରିଥିଲେ। ଏହି ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଛାତ୍ରାଭିଭାବକମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଶାରିରୀକ ଶିକ୍ଷା ଶିକ୍ଷକ ଶ୍ରୀ ଦାଶ ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ପୁଲିସ



**ଡେରାବିଶ,୨୩।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ବଜାର ନିକଟରେ ଆଜି ଏକ କାରରେ ଜଣେ ଯୁବକ ୧ବସ୍ତା ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୁଲସ୍ ତାକୁ କାବୁ କରିବା ସହିତ ଗଞ୍ଜେଇ ଜବତ କରିଛନ୍ତି। ସୂଚନାରୁ ପ୍ରକାଶ ମାର୍ଶାଘାଇ ଥାନା କୁସୁନୁପୁର ଗ୍ରାମର ରମାକାନ୍ତ ନାୟକ ନାମକ ଜଣେ ଯୁବକ ଏକ କାର (ଓ.ଡି-୩୩-ଏଡି-୨୨୯୧) ଡିକିରେ ଗୋଟିଏ ବସ୍ତା ଗଞ୍ଜେଇ ମାର୍ଶାଘାଇରୁ ଆଣି କଟକ-ଚାନ୍ଦବାଲି ରାସ୍ତା ଦେଇ ଭୁବନେଶ୍ୱରକୁ ଚାଲାଣ କରୁଥିଲା। ଏ ସମ୍ପର୍କରେ କୌଣସି ସୁତ୍ରରୁ ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ଓ ଚାନ୍ଦୋଳ ଫାଣ୍ଡି ପୋଲିସ୍ ସଦଳବଳେ ଚାନ୍ଦୋଳବଜାର ପେଟ୍ରୋଲ ଟାଙ୍କି ପାଖରେ ଛକି ବସିଥିଲେ। ଏହି ସମୟରେ ଦ୍ରୁତଗତିରେ ଯାଉଥିବା ଗଞ୍ଜେଇ ଭର୍ତ୍ତି କାରଟିକୁ ପୋଲିସ୍ ଅଟକାଇ ଖୋଜାଖୋଜି କରି କାର ଡିକିରୁ ଗୋଟିଏ ବସ୍ତା ଗଞ୍ଜେଇ ଜବତ କରିଥିଲେ। ଘଟଣା ସ୍ଥଳରେ ମାଜିଷ୍ଟ୍ରେଟ ଭାବେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ଉପସ୍ଥିତ ରହିଥିଲେ। ପୋଲିସ ସମ୍ପୃକ୍ତ ଯୁବକ ନିକଟରୁ ୧୩ କିଲୋ ୫୦୦ ଗ୍ରାମ ଗଞ୍ଜେଇ, ଦୁଇଟି ମୋବାଇଲ ଓ ନଗଦ ଟଙ୍କା ସମେତ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାରଟିକୁ ଜବତ କରିଥିବା ଜଣାଯାଇଛି। ଯୁବକ ଜଣକ ମାର୍ଶାଘାଇ ଅଞ୍ଚଳରୁ ଏହି ଗଞ୍ଜେଇ ନେଇ ଭୁବନେଶ୍ୱରରେ ବିକ୍ରି କରିଥାନ୍ତେ ବୋଲି ପୋଲିସ୍‌କୁ କହିଥିଲେ।

## ୱେବ୍ ଚ୍ୟାନେଲ ବିରୁଦ୍ଧରେ ଥାନାରେ ଏତଲା

**ସାଲେପୁର,୨୩।୧୦ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ସାଲେପୁର ଥାନା ଆଇ.ଆଇ.ସି.ଙ୍କୁ ଶତାଧିକ କର୍ମୀମାନେ ସାକ୍ଷାତ କରି ପିସିସି. ସଭାପତି ଭକ୍ତ ଚରଣ ଦାସଙ୍କ ବିରୁଦ୍ଧରେ ଫୋକସ୍ ପ୍ଲସ୍ ପୋର୍ଟାଲରେ ବିଭିନ୍ନ କପୋଳକଳ୍ପିତ ଓ ଅଭିସନ୍ଧିମୂଳକ ଖବର ପ୍ରକାଶ ପାଇଆସୁଥିବାରୁ ଏହା ବିରୁଦ୍ଧରେ ଏହି ସଂସ୍ଥା ସହ ସମ୍ପୃକ୍ତ ସୁଧାଂଶୁ ଶେଖର ରାଉତ ଏବଂ ଅନ୍ୟ ୪ଜଣଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫା ଏବଂ ସୂଚନା ଓ ପ୍ରସାରଣ ଆଇନ୍ ୨୦୦୫ ଧାରାରେ ମାମଲା ରୁଜୁ କରିବାକୁ ଦାବି କରାଯାଇଛି। ଏହି ଘଟଣାରେ ସାଲେପୁର ଥାନା ପରିସରରେ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଲିଖିତ ଭାବରେ ଦସ୍ତଖତ କରି ଏତଲା ଦାୟର କରିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ନେଇ ସାଲେପୁର ଥାନା ଆଇଆଇସି ଜିଲ୍ଲା କଂଗ୍ରେସ କମିଟିର ସଭାପତି ଠାରୁ ଲିଖିତ ଅଭିଯୋଗ ଗ୍ରହଣ କରି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ସୁଧାଂଶୁ ରାଉତଙ୍କ ବିରୋଧରେ ଥାନାରେ ଏତଲା ଦେଲା ଜିଲ୍ଲା କଂଗ୍ରେସ

**କେନ୍ଦ୍ରାପଡ଼ା,୨୩।୧୦(ସଂଚାର ବ୍ୟୁରୋ):** ୱେବ ଚାନେଲ ଫୋକସ ପ୍ଲସର ସାମ୍ବାଦିକ ସୁଧାଂଶୁଶେଖର ରାଉତ, ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ଓ କଂଗ୍ରେସ କର୍ମୀ ଅଜୟ ପଣ୍ଡାଙ୍କ ବିରୋଧରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ା ଟାଉନ୍ ଥାନାରେ ଏତଲା ଦିଆଯାଇଛି । କଜଳା ସ୍ଥିତ ଜିଲ୍ଲା କଂଗ୍ରେସ ଭବନରୁ ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଟାଉନ୍ ଥାନାରେ ପହଞ୍ଚିଥିଲେ ।

ଏହି ଅବସରରେ ଜିଲ୍ଲା ସଭାପତି ଡାକ୍ତର ଶର୍ମା ଗଣମାଧମକୁ କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ବିରୋଧରେ ଏକ ୱେବ ଚାନେଲରେ ନାଣ୍ଟୁ ବହୁ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି । ଏହାଦ୍ୱାରା ପିସିସି ସଭାପତିଙ୍କ ମର୍ଯ୍ୟାଦାହାନି ହୋଇଛି । ତେଣୁ ନାଣ୍ଟୁ, ୱେବ ଚାନେଲର ସଂପାଦକ ଓ ଅନ୍ୟ ଜଣେ କଂଗ୍ରେସ କର୍ମୀ ଅଜୟ କୁମାର ପଣ୍ଡାଙ୍କ ବିରୋଧରେ ଦୃଢ



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନାଣ୍ଟୁ ଗତ ୧୫ ତାରିଖରେ ପ୍ରଦେଶ କଂଗ୍ରେସ ଭବନରେ ପଶିବାକୁ ଉଦ୍ୟମ କରିଥିଲେ । ହେଲେ ପିସିସି ପକ୍ଷରୁ ତାଙ୍କୁ ବାରଣ କରାଯାଇଥିଲା । ଫଳରେ ସେ ପ୍ରତିହିଂସା ପରାୟଣ ହୋଇ ପିସିସି ସଭାପତିଙ୍କ ବିରୋଧରେ ସଂପୃକ୍ତ ୱେବ ଚାନେଲରେ ବିଭିନ୍ନ ପ୍ରକାରର ଟିପ୍ପଣୀ ଦେଇଛନ୍ତି । ଯାହାଦ୍ୱାରା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ମର୍ଯ୍ୟାଦା ହାନି ହୋଇଛି । ସେହିପରି ଭକ୍ତ ଚରଣ ଦାସଙ୍କ ପୁଅ ବିଧାୟକ ସାଗର ଚରଣ ଦାସଙ୍କ ବିରୋଧରେ ମଧ ଅପମାନ ସୂଚକ ଟିପ୍ପଣୀ ଦେଉଛନ୍ତି । ଏହାଦ୍ୱାରା କଂଗ୍ରେସ ଦଳ ବଦନାମ ହେଉଛି । ତେଣୁ ଏହି ତିନି ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କଂଗ୍ରେସ ନେତା ଓ କର୍ମୀମାନେ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ଗୁହାଳ ସମେତ ଦୁଇବଖରା ଜଳିଗଲା



**ଡେରାବିଶ,୨୩।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ କାଉପଡ଼ା (ଲେଙ୍କାସାହି) ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ରତ୍ନାକର ଲେଙ୍କାଙ୍କ ୨ବଖରା ଚାଳଛପର ଘର ଓ ଗୋଟିଏ ଗୁହାଳ ଘର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡ ଫଳରେ ଗୁହାଳରେ ଥିବା ଦୁଇଟି ବାଛୁରୀଙ୍କର ମଧ ପୋଡ଼ି ମୃତ୍ୟୁ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ ରତ୍ନାକରଙ୍କ ଚଳଘରେ ନିଆଁ ଲାଗିଯାଇଥିଲା। ନିଆର ତିବ୍ରତା ଏତେ ଥିଲା ଯେ, ଚାହୁଁ ଚାହୁଁ ନିଆଁ ହଠତ୍ ତାଙ୍କର ଘର ସମେତ ଗୁହାଳକୁ ବ୍ୟାପିଯାଇଥିଲା। ଖବର ପାଇ ଡେରାବିଶ ଓ କେନ୍ଦ୍ରାପଡ଼ାରୁ ଦୁଇଟି ଅଗ୍ନିଶମ ଗାଡ଼ି ଆସି ନିଆଁକୁ ଆୟତ କରିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶାକର୍ମୀ ସଂଘ ପକ୍ଷରୁ ଦାବିପତ୍ର



**କେନ୍ଦ୍ରାପଡା,୨୩।୧୦(ସଂଚାର ବ୍ୟୁରୋ):** ନିଖିଳ ଓଡିଶା ଆଶାକର୍ମୀ ସଂଘ ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ୧୯ଦଫା ଦାବି ନେଇ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ସଭା ଆଇନଜିବୀ ସଭାପତି ବିକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଂପାଦିକା କାନ୍ତିପ୍ରଭା ନାୟକ, ରମଣି ରଞ୍ଜନ ରାଉତରାୟ, ଭଜହରି ପ୍ରଧାନ, ନନ୍ଦିନୀ ସ୍ୱାଇଁ, ଭଗବତୀ ନାୟକ ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ରେ ତୁରନ୍ତ ପାରିଶ୍ରମିକ କୁ ବୃଦ୍ଧି କରି ମାସିକ ୨୬ ହଜାର ଟଙ୍କା ପ୍ରଦାନ କରିବା, ଘରୋଇ ମେଡିକାଲ ରେ ପିଲା ଜନ୍ମ ହେଲେ ଅଶାକର୍ମୀଙ୍କୁ ତାର ପାରିଶ୍ରମିକ ଦେବା, ସେକ୍ଟର ମିଟିଂ, ମମତା ଦିବସ ଓ ଟୀକାକରଣ ରେ ପାରିଶ୍ରମିକ କୁ ବୃଦ୍ଧି କରିବା, ପ୍ରତ୍ୟେକ ଗ୍ରାମରେ ଆଶାଗୃହ ନିର୍ମାଣ କରିବା, ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ କରିବା, ମୋବାଇଲ ସହିତ ବର୍ଷକୁ ୨ଖଣ୍ଡ ଶାଢୀର ମୂଲ୍ୟ ବୃଦ୍ଧି କରିବା, ଦୈନିକ ୧୦ ଘଣ୍ଟା ପରିବର୍ତ୍ତେ ୮ ଘଣ୍ଟା କାର୍ଯ୍ୟକରିବା, ମୁଖ୍ୟ ଚକିତ୍ସାଳୟ ରେ ଆଶାଗୃହ ନିର୍ମାଣ କରିବା, ଆଶାକର୍ମୀଙ୍କୁ ସରକାରୀ ଚାକିରୀର ମାନ୍ୟତା ଦେବା ଆଦି ଦାବି ଗୁଡିକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଦାବି ଗଗୁଡିକ ପୁରଣ ନହେଲେ ଆଶାକର୍ମୀ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ନାଉଗାଁ ବିଡିଓଙ୍କ ବିରୁଦ୍ଧରେ ନିର୍ବାଚିତ ଜନପ୍ରତିନିଧିଙ୍କ ଗଣଧାରଣା



**ପାରାଦ୍ୱୀପ, ୨୩।୧୦ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ବିଡ଼ିଓଙ୍କ ମନମାନୀ କାର୍ଯ୍ୟ ଓ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ହେଉଥିବା କାର୍ଯ୍ୟକୁ ନେଇ ଏହି ବ୍ଲକର ୧୬ଟି ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିମାନେ ପୂର୍ବ ଦାବିପତ୍ର ପ୍ରଦାନ ଅନୁଯାୟୀ ଆଜି ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିବା ଦେଖିବାକୁ ମିଳିଛି। ଜନ ପ୍ରତିନିଧିମାନେ ଏହି ବ୍ଲକରେ ବନ୍ଦ ହୋଇ ପଡିରହିଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଏକ ସପ୍ତାହ ପୂର୍ବରୁ ଏନେଇ ୧୦ଦଫା ସମ୍ବଳିତ ଦାବିପତ୍ର ନାଉଗାଁ ବିଡ଼ିଓଙ୍କୁ ପ୍ରଦାନ କରିଥିଲେ। ଏମିତିକି ଦାବିପତ୍ର ପ୍ରଦାନର ଆଗାମୀ ୭ ଦିନ ମଧରେ ଏମାନଙ୍କ ଦାବି ପୂରଣ ନହେଲେ ଏମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ମଧ ଦେଇଥିଲେ। ଏହି ଜନପ୍ରତିନିଧିମାନଙ୍କ ଅଭିଯୋଗ ଅନୁସାରେ ମଣ୍ଡଳ ଉନ୍ନୟନ ଅଧିକାରୀ ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକୁ ବିନା ପଞ୍ଚାୟତ ସମିତି ଅନୁମତିରେ ବନ୍ଦ କରିବା ସହିତ ସ୍ୱଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ଯାହା ସମ୍ବିଧାନ ବିରୋଧୀ ଅଟେ।

ତୁରନ୍ତ ଏହାର ସମାଧାନ ନହେଲେ ଆଗକୁ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ମଧ ଦେଇଛନ୍ତି। ଏହି ଧାରଣାରେ ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଉପାଧକ୍ଷ ସୁଜିତ କୁମାର ପୁହାଣ, ଦିଲୀପ ନାୟକ, ପ୍ରଶାନ୍ତ କୁମାର ଜେନା, ନିହାର ରଞ୍ଜନ ବସ୍ତିଆ, ତରୁଣ କାନ୍ତ ବାରିକ, ସୁବଳ ବେହେରା, ଚନ୍ଦନ କୁମାର ଲେଙ୍କାଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟାମାନେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି।

## 'ଆମ ଗାଁ ସାହିତ୍ୟ ପରିଷଦ' ପକ୍ଷରୁ ଶାରଦୀୟ ସାହିତ୍ୟ ଆସର



**କେନ୍ଦ୍ରାପଡା,୨୩।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂଗଠନ ଆମ ଗାଁ ସାହିତ୍ୟ ପରିଷଦ ଓ ମା' ପୌର୍ଣ୍ଣମାସୀ ଦୁର୍ଗା ପୂଜା ସମିତି ବାଲିଆ ଆନୁକୁଲ୍ୟରେ ବାଲିଆ ହାଟ ଦୁର୍ଗା ମଣ୍ଡପରେ ଶାରଦୀୟ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା।

ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦର ସଭାପତି ଗୀତାଞ୍ଜଳୀ ସେଠୀ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଗବେଷକ ନିରଞ୍ଜନ ମେକାପ, ସମ୍ମାନନୀୟ ଅତିଥି ଭାବେ କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ,ସତୀର୍ଥ ର ସଭାପତି ଅମର ପ୍ରସାଦ ରାଉତ, ବିଶିଷ୍ଟ ଶିକ୍ଷାବିତ୍ ଭରତ ଚରଣ ସାହୁ, ଜିଲ୍ଲା ସାହିତ୍ୟ ସଂସଦ ର ସମ୍ପାଦକ ଶୁଭ୍ରାଂଶୁ କୁମାର ଦାସ,ପଞ୍ଚାୟତ ସମିତି ସଭ୍ୟା ପ୍ରମିଳା ମିଶ୍ର ପ୍ରମୁଖ ଯୋଗ ଦେଇ ମାତୃ ଶକ୍ତିର ଉପାସନା, ମା' ଦୁର୍ଗାଙ୍କ ଆବିର୍ଭାବ, ମଣ୍ଡପରେ ଦୁର୍ଗା ପୂଜାର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ୩୫ ଜଣ କବି କବିତା ପାଠ କରିଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ

**ରାଜକନିକା,୨୩।୧୦(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ପଞ୍ଚାୟତ ମୁରାଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ହାବଳଗଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୫ ଅନୁଷ୍ଠିତ ହୋଇଛି। ଏହି ଉଦଘାଟିତ ଉତ୍ସବରେ ଏହି ସାଧନ କେନ୍ଦ୍ରର ସଂଯୋଜକ ମୀନକେତନ ନାୟକ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜକନିକା ବ୍ଲକ ଶିକ୍ଷାଧିକାରୀ ରତିକାନ୍ତ ସେନାପତି ଯୋଗଦେଇ ଶିଶୁ ମହାତ୍ସବ ପାଳନରେ ଶିଶୁ ମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ହୋଇ ପାରିବ ବୋଲି ମତ ରଖିଥିବା ବେଳେ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ରାଜକନିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ମହିଳା ସୁପରଭାଇଜର ଚିତ୍ରକଳା ଜେନା, ,ଦେଉଳତରା ପଞ୍ଚାୟତ ସରପଞ୍ଚ ସଞ୍ଜୟ ପଣ୍ଡା, ,ପ୍ରାକ୍ତନ ସରପଞ୍ଚ ଅଭିମନ୍ୟୁ ବାରିକ୍ ,କୈଥାପାଳ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ତରୁଲତା ଦାସ ମଧ ଏଭଳି ମହାତ୍ସବ ପାଳନରେ ବିଦ୍ୟାଳୟର ଛାତ୍ରୀଛାତ୍ର ବେଶ୍ ନିଜ ନିଜର ପ୍ରତିଭାକୁ ପ୍ରଦର୍ଶିତ କରି ପାରିବେ ବୋଲି କହିଥିଲେ।

## ବୋଇତ ବନ୍ଦାଣ ପାଇଁ ପ୍ରସ୍ତୁତି ବୈଠକ



**ପଟ୍ଟାମୁଣ୍ଡାଇ,୨୩।୧୦(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ଗୌରବ ମୟ କଳା, ସାହିତ୍ୟ,ସଂସ୍କୃତିକୁ ପୁନଃଜୀବିତ କରିବା ସହିତ ଋଦ୍ଧିମନ୍ତ କରିବା ପାଇଁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଦୀର୍ଘ ୧୫ବର୍ଷ ହେବ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଆସୁଛି । ଆସନ୍ତା ନଭେମ୍ବର ୫ତାରିଖ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସଂଲଗ୍ନ ପତ୍ରପୁର ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ ତଟରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହେବାକୁ ଯାଉଛି । ଏହି ଉତ୍ସବକୁ ସଫଳତାର ସହିତ ଆୟୋଜନ କରିବା ପାଇଁ ପଟ୍ଟାମୁଣ୍ଡାଇ କଲ୍ୟାଣ ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଅଂଚଳର ଗୌରବମୟ ଐତିହ୍ୟ, ପରମ୍ପରାର ମୁକସାକ୍ଷୀ ବୋଇତ ବନ୍ଦାଣ ଉତ୍ସବକୁ ସଫଳତାର ପାଳନ କରିବା ପାଇଁ ସବୁବର୍ଗର ଲୋକମାନେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ ।

## ମା' ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବ ଉଦ୍‌ଯାପିତ



କଟକ,୨୩।୧୦(ସଂଚାର ବ୍ୟୁରୋ): କଟକ ଶିଖରପୁର କାଳିଆବୁଦା ମା' ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବ-୨୦୨୫ ଓ ଚତୁର୍ଦ୍ଦଶତମ ଅଖଣ୍ଡ ଭଜନ ସମାରୋହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନରେ ମା'ଙ୍କ ପୀଠରେ ପୂଜାର୍ଚ୍ଚନା, ଅଖଣ୍ଡ ଭଜନ ସମାରୋହ, ଦ୍ୱିତୀୟ ଦିନରେ ଶିଶୁ କଳାକାରଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। କଟକର ମୁରବୀ, ପୂଜା କମିଟି କର୍ମକର୍ତ୍ତା, ରାଜନୈତିକ ଦଳର ନେତାକର୍ମୀ, ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅଖଣ୍ଡ ଭଜନ ସମାରୋହ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ଯୁବ ସମାଜସେବୀ ଡ. ରଞ୍ଜନ ବିଶ୍ୱାଳ, କର୍ପୋରେଟର ଜେ. କାମେଶ୍ୱର ରାଓ, ମୀନା ସାହୁ, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ବିଜେପି ନେତ୍ରୀ ରଞ୍ଜିତା ନାୟକ, ବିଜେପି ଯୁବନେତା ସ୍ମୃତିରଞ୍ଜନ ମିଶ୍ର, ୭୨ ଦିଗଭାଗ ସଂକୀର୍ତ୍ତନମଣ୍ଡଳୀ ସମସ୍ତ ସଦସ୍ୟ, ସୁରେଶ ଚନ୍ଦ୍ର ସାହୁ, ରବୀନ୍ଦ୍ର ବସ୍ତିଆ, ସୁବାସ ଚନ୍ଦ୍ର ସାହୁ ଗୋପୀନାଥ ସାହୁ, ବୀରେନ୍ଦ୍ର କୁମାର ସାହୁ, ପ୍ରଦୀପ କୁମାର ସାହୁ, ଶରତ ଚନ୍ଦ୍ର ପ୍ରଧାନ, ଗଣେଶ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ। ଶିଖରପୁର ବରିଷ୍ଠ ମୁରବୀ ସୁକାନ୍ତ କୁମାର ମହାନ୍ତି ସମ୍ବର୍ଦ୍ଧନା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଗଣେଶ କ୍ଲବ୍‌ର ସଦସ୍ୟମାନେ ସହଯୋଗ କରିଥିଲେ।

# ଚଳିତ ବର୍ଷ ୫୦ ହଜାର ଏକରରେ ହେବ ଆଳୁଚାଷ

### ୩ ଲକ୍ଷ କ୍ୱିଣ୍ଟାଲ ବିହନ ଯୋଗାଇବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ): ଚଳିତ ବର୍ଷ ସରକାର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଚାଷଜମିରେ ଆଳୁଚାଷ କରିବା ପାଇଁ ଯୋଜନା କରିଛନ୍ତି। ଆଳୁ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭର କରିବା ଅଭିଯାନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ ଉପସ୍ଥିତ ଥିଲେ।

ଓଡ଼ିଶାକୁ ଆଳୁଚାଷରେ ଆତ୍ମନିର୍ଭର କରିବା ଅଭିଯାନରେ ଚଳିତ ବର୍ଷ ଚାଷୀଙ୍କୁ ଆଗୁଆ ଆଳୁ ବିହନ ଯୋଗାଇ ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। ୫୦ ହଜାରରୁ ଊର୍ଦ୍ଧ୍ୱ ଏକର ଜମିରେ ଆଳୁ ଚାଷ ପାଇଁ ପ୍ରାୟ ୩ ଲକ୍ଷ କ୍ୱିଣ୍ଟାଲ ଆଳୁ ବିହନ ଆବଶ୍ୟକ ହେବ। ଏହି ପରିମାଣର ପ୍ରାମାଣିକ ଓ ଉନ୍ନତ ମାନର ବିହନ ଚାଷୀଙ୍କୁ ଅବିଳମ୍ବେ ଓ ଆଗୁଆ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ରାଜ୍ୟର ସମସ୍ତ ଜିଲ୍ଲାକୁ ସେମାନଙ୍କ ଆବଶ୍ୟକ ଅନୁଯାୟୀ ବିହନ ପରିମାଣର ତଥ୍ୟ କୃଷି ବିଭାଗକୁ ପଠାଇବାକୁ କୁହାଯାଇଛି। ନଭେମ୍ବର ମାସ ପ୍ରଥମ ସପ୍ତାହରୁ ଆଳୁ ବିହନ ଯୋଗାଣ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ହୋଇଛି। ଆବଶ୍ୟକ ମୁତାବକ ବ୍ଲକ ଅନୁଯାୟୀ ବିହନ ଯୋଗାଣ କରାଯିବ। ଏହାଛଡ଼ା ପ୍ରାୟ ୬୦୦୦ ହେକ୍ଟର ଜମିରେ ୬୦୦ କୁଇଣ୍ଟାଲ ପିଆଜ ଚାଷ, ୧୦୦୦ ହେକ୍ଟର ଜମିରେ ୧୦୦ କ୍ୱିଣ୍ଟାଲ ଲଙ୍କା, ୩୦୦ ହେକ୍ଟର ଜମିରେ ୭୫୦୦ କ୍ୱିଣ୍ଟାଲ ରସୁଣ ବିହନ ଚାଷ ପାଇଁ ଯୋଜନା ରହିଛି। ଯେଉଁଠି ବି ଅଧିକ ବିହନ ଆବଶ୍ୟକ କିମ୍ବା ବିହନ ଅଭାବ ଦେଖାଦେବ, କୃଷି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନମ୍ବର ୧୫୫୩୩୩ରେ ଯୋଗାଯୋଗ କିମ୍ବା ନିକଟସ୍ଥ ଉଦ୍ୟାନ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଆଜିର ବୈଠକରେ କୃଷି ବିଭାଗ, ଉଦ୍ୟାନ କୃଷି ଅଧିକାରୀ ତଥା ଓଡ଼ିଶା ବିହନ ନିଗମ ଅଧିକାରୀମାନେ ଉପସ୍ଥିତ ଥିଲେ।




● ନୂଆପଡ଼ା ଉପନିର୍ବାଚନ

## କନକ ବର୍ଦ୍ଧନ ଓ ଜୟ ନାରାୟଣଙ୍କୁ ଗୁରୁଦାୟିତ୍ୱ

ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେପିର ଦୁଇ ବରିଷ୍ଠ ନେତାଙ୍କୁ ବଡ଼ ଦାୟିତ୍ୱ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ସମ୍ପୂର୍ଣ୍ଣ ନିର୍ବାଚନମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ନିର୍ବାଚନ ପରିଚାଳନା କରିବାକୁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେମାନେ ନୂଆପଡ଼ାରେ ରହିବେ। ପ୍ରକାଶ ଯେ ନୂଆପଡ଼ାର ୮ଟି ଜୋନ୍ ଜଗିବେ ମୋହନ ସରକାରଙ୍କ କ୍ୟାବିନେଟ୍‌ର ୮ ମନ୍ତ୍ରୀ। ବଞ୍ଜାରୀ ଜୋନ୍ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାଣ ନାୟକ, ସୁନାଦେଇ ଜୋନ୍ ପାଇଁ ଗଣେଶ ରାମସିଂ ଖୁଣ୍ଟିଆ, ପାତାଳେଶ୍ୱର ଜୋନ୍ ପାଇଁ ଗୋକୁଳାନନ୍ଦ ମଲ୍ଲିକ, ଜୟଜଙ୍ଘା ଜୋନ୍ ପାଇଁ କୃଷ୍ଣ ଚନ୍ଦ୍ର ପାତ୍ର, କୋନାଭଇରା ଜୋନ୍ ପାଇଁ ବିଭୁତି ଭୂଷଣ ଜେନା, ଯୋଗେଶ୍ୱର ଜୋନ୍ ପାଇଁ ନିତ୍ୟନନ୍ଦ ଗଣ୍ଡ, ନୂଆପଡ଼ା ଏନଏସି ପାଇଁ ମୁକେଶ ମହାଲିଙ୍ଗ, ଖରିଆର ରୋଡ଼ ଏନଏସି ପାଇଁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ନୂଆପଡ଼ା ଉପନିର୍ବାଚନ ପାଇଁ ଗତକାଲି ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ୧୯ ଆଶାୟୀଙ୍କ ମଧ୍ୟରୁ ୫ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯିବା ଫଳରେ ଏବେ ୬ ଜଣ ଦଳୀୟ ଓ ୮ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ସମୁଦାୟ ୧୪ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଅକ୍ଟୋବର ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିନ ଧାର୍ଯ୍ୟ କରାଯାଇଛି। ଏହାପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ନଭେମ୍ବର ୧୧ରେ ଭୋଟ୍ ଗ୍ରହଣ ଓ ୧୪ରେ ଗଣତି ହୋଇ ଫଳାଫଳ ପ୍ରକାଶିତ ହେବ।

● ଦାମ୍ପତ୍ୟ କଳହର କରୁଣ ପରିଣତି

## ସ୍ତ୍ରୀ ଜୀବନ ନେଲା ନୃଶଂସ ସ୍ୱାମୀ




ଅନୁଗୁଳ,୨୩।୧୦(ସଂଚାର ବ୍ୟୁରୋ): ପାରିବାରିକ କଳହର କରୁଣ ପରିଣତି ଆଉ ସ୍ତ୍ରୀକୁ ହତ୍ୟା କଲା ନୃଶଂସ ସ୍ୱାମୀ। ଅନୁଗୁଳ ସହର ଉପକଣ୍ଠ ତୁରଙ୍ଗ ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି। ମୃତକ ଜଣଙ୍କ ସିଦ୍ଧାନ୍ତ ଭଞ୍ଜଙ୍କ ସ୍ତ୍ରୀ ମୀନାକ୍ଷି ଭଞ୍ଜ ବୋଲି ଜଣାପଡ଼ିଛି। ହେଲେ ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ସିଦ୍ଧାନ୍ତ ଫେରାର ଥିବା ବେଳେ ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଉଛି। ମିଳିଥିବା ସୂଚନା ମୁତାବକ, ଅନୁଗୁଳ ସହର ଉପକଣ୍ଠ ତୁରଙ୍ଗ ଗାଁର ସିଦ୍ଧାନ୍ତ ମୀନାକ୍ଷୀଙ୍କୁ ପ୍ରେମ ବିବାହ କରିଥିଲା। ତେବେ ବିବାହ ପରେ ଉଭୟଙ୍କ ମଧ୍ୟରେ ପ୍ରାୟତଃ କଳହ ଲାଗିରହୁଥିଲା। ଗତକାଲି କୌଣସି ପ୍ରସଙ୍ଗକୁ ନେଇ ଦୁହିଁଙ୍କ ମଧ୍ୟରେ ଜୋରଦାର କଳିଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସିଦ୍ଧାନ୍ତ ମୀନାକ୍ଷୀଙ୍କୁ ଆକ୍ରମଣ କରିଥିଲା। ଫଳରେ ମୀନାକ୍ଷୀଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଅନୁଗୁଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ମୀନାକ୍ଷୀଙ୍କ ଶରୀରରେ ବିଭିନ୍ନ କ୍ଷତଚିହ୍ନ ଥିବା ଦେଖିବାକୁ ପାଇଛି। ଏନେଇ ତଦନ୍ତ ଚଳାଇବା ସହ ପୁଲିସ୍ ଫେରାର୍ ଥିବା ସିଦ୍ଧାନ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଚାଲାଣ ବେଳେ ଧରାପଡ଼ିଲା କଫ୍ ସିରପ୍

### ୨ ଗିରଫ; ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଜବତ




ବରଗଡ଼,୨୩।୧୦(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଅବକାରୀ ବିଭାଗ ଆଜି ଏକ ବଡ଼ ଧରଣର ସଫଳତା ପାଇଛି। ଏକ ପିକଅପ ଭ୍ୟାନ ଯୋଗେ ଭୁବନେଶ୍ୱରରୁ ବରଗଡ଼କୁ ବ୍ୟାପକ ମାତ୍ରାରେ କଫ୍ ସିରପ୍ ଚାଲାଣ ହେଉଥିଲା। ଏନେଇ ଖବର ପାଇ ସହର ଉପକଣ୍ଠ ଏକାମ୍ର ଛକରେ ଅବକାରୀ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୫୪୦୦ ବୋତଲ କଫ୍ ସିରପ୍ ସହ ଏହାକୁ ନେଉଥିବା ୨ ଜଣ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବରଗଡ଼ ନୂଆପଡ଼ାର ଜମିଦେବ ବାଗ ଓ ଏକାମ୍ର ଛକର ଆଶିଷ ଅଗ୍ରୱାଲ। ଏହାଛଡ଼ା ଏହି କଫ୍ ସିରପ୍ ଚାଲାଣ କରୁଥିବା ପିକଅପ୍ ଭ୍ୟାନ ଓ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି।

## ବିପିଏନ୍‌ଏସ୍‌ଆଇ ପକ୍ଷରୁ ଦିନିକିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳା

କଟକ,୨୩।୧୦(ସଂଚାର ବ୍ୟୁରୋ): ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ), ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରାଳୟ ପକ୍ଷରୁ ଆଜି କଟକ ଗାଳ ଆଗରଡ଼ସ୍ଥିତ ବିକେ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ରେ ଏକ ଦିନିକିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ, ୩ପି'ର ଏକ ଅଂଶ ଭାବେ ଆୟୋଜନ କରିଛି। ବିକେ ଷ୍ଟିଲ୍‌ର ଡିଜିଏମ୍-ଏଚ୍ଆରଏମ୍ ମନୋରଞ୍ଜନ ମିଶ୍ର ବିପିଏନ୍‌ଏସ୍‌ଆଇ ଦ୍ୱାରା ପରିଚାଳିତ ଜ୍ଞାନ ଆଦାନପ୍ରଦାନ କର୍ମଶାଳାକୁ ଉଦଘାଟନ କରିଥିଲେ। ବିପିଏନ୍‌ଏସ୍‌ଆଇ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିକେ ଷ୍ଟିଲ୍‌ର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଇଆଇଟି, ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡକ୍ଟର ରାମକୃଷ୍ଣ ସାବତ ଡିଆଇଆଇ ଉତ୍ପାଦନ



ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ତାଙ୍କର ବକ୍ତୃତା ଶ୍ରେଣୀ ଉପସ୍ଥାପନ କରିଥିଲେ। ବିପିଏନ୍‌ଏସ୍‌ଆଇର ପ୍ରଫେସର ସତ୍ୟପ୍ରିୟ ଶତପଥୀ ବିକେ ଷ୍ଟିଲ୍ସ କାର୍ଯ୍ୟରତ ବୃତ୍ତିଗତମାନଙ୍କୁ ଡିଆଇଆଇ ପ୍ରକ୍ରିୟାରେ ଶକ୍ତି ଦକ୍ଷ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଅପରାହ୍ଣ ଅଧିବେଶନରେ ଡକ୍ଟର ରାମକୃଷ୍ଣ ସାବତ ବିକେ ଷ୍ଟିଲ୍‌ର ଇଞ୍ଜିନିୟରମାନଙ୍କ ସହ ଇଣ୍ଡକସନ ଫର୍ଣ୍ଣେସ୍, ଲାଡଲ୍ ରିଫାଇନିଂ ଫର୍ଣ୍ଣେସ୍, ଇଆଇଏଫ୍, ନିରନ୍ତର କାଷ୍ଟିଂ ଓ ରୋଲିଂ ଉପରେ ପାରସ୍ପରିକ ଆଲୋଚନା କରିଥିଲେ। ବିକେ ଷ୍ଟିଲ୍‌ର ପରିଚାଳକ-ପରିବେଶ ସରୋଜ କୁମାର ପଣ୍ଡା ବିପିଏନ୍‌ଏସ୍‌ଆଇର ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ସଂଯୋଜନା କରିଥିଲେ।

## ଭୋଟ୍ ଚୋରି ପ୍ରକ୍ରିୟାରୁ ନୂଆପଡ଼ା ବାଦ୍ ନୁହେଁ: କଂଗ୍ରେସ

ନୂଆପଡ଼ା/ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଚୂଡ଼ାନ୍ତ ଭୋଟର ତାଲିକାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ଆଜି ନୂଆପଡ଼ାର ଖୁଣ୍ଟିଆ ଭବନଠାରେ ପ୍ରଦେଶ କଂଗ୍ରେସ ମିଡିଆ ସେଲ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ ଗତ ୧୫ରେ ଆଇସିଡିଏସ ଓ ଏସ୍‌ଡବ୍ଲୁ ନିର୍ଦ୍ଦେଶିକା ଅନୁଯାୟୀ ଜାତି, ଓ ଜନଜାତି ବିଭାଗର ସଚିବଙ୍କୁ ପଠାଯାଇଥିବା ଏକ ଚିଠିରେ ୧୮ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ବୃତ୍ତି ପାଉଥିବା ଛାତ୍ରୀମାନଙ୍କୁ ସୁରକ୍ଷା ପୋଷାକରୁ ବାଦ୍ ଦିଆଯିବ। ଏପରି ନିଷ୍ପତ୍ତି ସରକାରଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଉଛି। ତେଣୁ ସରକାର ତୁରନ୍ତ ଏପରି ନିଷ୍ପତ୍ତି ପ୍ରତ୍ୟାହାର କରିବା ସହାସେ ଶ୍ରୀ ଦାସ ଦାବି କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଭୋଟ ଚୋରିର ପର୍ଦ୍ଦାଫାସ ସାରା ଦେଶବାସୀଙ୍କୁ ଜାଗ୍ରତ କରିଛି। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ବିଜୟ ସୁନିଶ୍ଚିତ ଥିବା ଜାଣି ବିଜେପି ଭୟଭୀତ ହୋଇପଡିଛି। ତେଣୁ କଂଗ୍ରେସକୁ ହରାଇବା ପାଇଁ ସରକାର ସମସ୍ତ ପ୍ରକାରର କୌଶଳ ଆପଣେଇଛନ୍ତି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି।

### ସମୟର ୨୯ତମ ପ୍ରତିଷ୍ଠା ଦିବସ

## ସାମ୍ବାଦିକତା ଏକ ବୃତ୍ତି ନୁହେଁ, ବ୍ରତ

ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ): ସାମ୍ବାଦିକତା ବୃତ୍ତି ନୁହେଁ ଏକ ବ୍ରତ, ଧନ୍ଦା ନୁହେଁ ଏକ ଧର୍ମ, ଏହା ବିଜ୍ଞାପନର ବିପଣି ନୁହେଁ ଏକ ବିଚାର। ସାହିତ୍ୟ ଓ ସାମ୍ବାଦିକତା ପରସ୍ପର ପରିପୂରକ। ନିରପେକ୍ଷ ଓ ନିର୍ଭୀକତା ହିଁ ସାମ୍ବାଦିକତାର ମୂଳମନ୍ତ୍ର। ଆଜି ସ୍ଥାନୀୟ ଜୟଦେବ ଭବନଠାରେ ଓଡ଼ିଆ ଦୈନିକ 'ସମୟ'ର ୨୯ତମ ପ୍ରତିଷ୍ଠା ଦିବସରେ ଅତିଥିଗଣ ଏପରି ମତ ବ୍ୟକ୍ତ କରିଛନ୍ତି।

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧକ ଉଦ୍‌ଘାଟନ କରି ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ 'ସମୟ'ର ସ୍ଥାପନା କରିଥିଲେ, ତାହା ଆଜି ସଫଳ ହୋଇଛି ବୋଲି କହିଥିଲେ। ସାମ୍ବାଦିକମାନେ ସରକାରଙ୍କ କଥା ଲୋକଙ୍କ ପାଖରେ ଏବଂ ଲୋକଙ୍କ କଥାକୁ ସରକାରଙ୍କ ନିକଟରେ ପହଞ୍ଚାଉଛନ୍ତି। ନିରପେକ୍ଷତା, ସଚ୍ଚୋଟତା ଏବଂ ନିର୍ଭିକତା ଏହି ତିନୋଟି ବିନ୍ଦୁକୁ ଗ୍ରହଣ କରିବା। ତା'ହେଲେ ଗଣମାଧ୍ୟମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ ନାହିଁ। ଯେଉଁ କଥା ପ୍ରଶାସନ ଓ ସରକାର ବହୁ ସମୟରେ କରିପାରି ନଥାନ୍ତି, ସାମ୍ବାଦିକମାନେ କରି ଦେଖାଇଥାନ୍ତି ବୋଲି ଶ୍ରୀ ସୂରଜ କହିଥିଲେ।




ସେହିପରି ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ କହିଛନ୍ତି ଯେ ଡିଗ୍ରୀ ଭିତରେ ଜ୍ଞାନ ସୀମିତ ନୁହେଁ। ନିରପେକ୍ଷ ଓ ନିର୍ଭୀକ ହିଁ ସାମ୍ବାଦିକତାର ମୂଳମନ୍ତ୍ର। ହେଲେ ବର୍ତ୍ତମାନ ଭାରତରେ ସାମ୍ବାଦିକତା ବିପଦରେ ରହିଛି। ଦେଶରେ ଦୈନିକ ୩ ଜଣ ସାମ୍ବାଦିକ ହତ୍ୟାର ଶିକାର ହେଉଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ସାମ୍ବାଦିକତା ବଞ୍ଚିଛି ଓ ବଞ୍ଚିବ। ଏହା ମଧ୍ୟ 'ସମୟ' ଦୀର୍ଘପଥ ଅତିକ୍ରମ କରି ବେଶ ସଫଳ ହୋଇଛି ବୋଲି ପ୍ରଫେସର ଦାସ କହିଥିଲେ।

ପ୍ରାରମ୍ଭରେ 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମ୍ପାଦକ, ପୂର୍ବତନ ଆଇପିଏସ ଅଧିକାରୀ ତଥା ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ କହିଛନ୍ତି ଯେ ଅନେକ ଘାତ ପ୍ରତିଘାତ ଭିତରେ ଗତିକରି 'ସମୟ' ଅନେକାଂଶରେ ସଫଳ ହୋଇଛି। ଏହି ସଂସ୍ଥା କଦାପି ବ୍ୟକ୍ତିଗତ ଆକ୍ଷେପ କରିନାହିଁ। କେବଳ ଜନହିତକର କାର୍ଯ୍ୟକୁ ସର୍ବଦା ଗୁରୁତ୍ୱ ଦେଇଆସିଛି ଓ ଆଗକୁ ଏହି ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାଭିମାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶ୍ରୁତି ମହାପାତ୍ର ଓ 'ଓଟିଭି'ର ପଶ୍ଚିମ ଓଡ଼ିଶା ମୁଖ୍ୟ ମନୋରଞ୍ଜନ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

● ବେଦାନ୍ତର ସ୍ୱଚ୍ଛ ଶକ୍ତି ପଦକ୍ଷେପ

## ଉପକୃତ ହେଉଛନ୍ତି ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ

ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ ଓ ସ୍ଥାୟୀ ସମ୍ପ୍ରଦାୟ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସୌରଚାଳିତ ସମାଧାନ ମାଧ୍ୟମରେ ସାର୍ବଜନୀନ ସ୍ଥାନ ଓ ଘରକୁ ଆଲୋକିତ କରିବା ପାଇଁ ଦୁଇଟି ପ୍ରମୁଖ ସ୍ୱଚ୍ଛ ଶକ୍ତି ପଦକ୍ଷେପ ପ୍ରୋଜେକ୍ଟ ରୋଶନ ଓ ପ୍ରୋଜେକ୍ଟ ଜ୍ୟୋତି ଆରମ୍ଭ କରିଛି।

ପ୍ରୋଜେକ୍ଟ ରୋଶନ୍ ଅଧୀନରେ ବେଦାନ୍ତର ଲାଞ୍ଜିଗଡ଼ ୟୁନିଟ୍ ପାର୍ଶ୍ୱବର୍ତ୍ତୀ ସମ୍ପ୍ରଦାୟଗୁଡ଼ିକରେ ୩୧୦ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଉଛି। ଏଥିରେ ୨୫୦ଟି ସାଧାରଣ ୟୁନିଟ୍ ଓ ୬୦ଟି ହାଇ-ମାଷ୍ଟ ଲାଇଟ୍ ସାମିଲ୍, ଯାହା କଳାହାଣ୍ଡି ଗ୍ରାମାଞ୍ଚଳର ୧୫ ହଜାରରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରୁଛି। ପ୍ରଥମ ପର୍ଯ୍ୟାୟରେ ୨୫ଟି ସମ୍ପ୍ରଦାୟ ସ୍ଥାନରେ ୯୧ଟି ୟୁନିଟ୍ (୭୬ଟି




ସାଧାରଣ ଏବଂ ୧୫ଟି ହାଇ-ମାଷ୍ଟ ଲାଇଟ୍) ସ୍ଥାପନ କରାଯାଇଛି, ଯାହା ୫ ହଜାରରୁ ଅଧିକ ଲୋକଙ୍କ ଜୀବନକୁ ଆଲୋକିତ କରୁଛି। ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ଲାଇଟ୍‌ର ସ୍ଥାପନା ଜାରି ରହିଛି। ସେହିପରି ପ୍ରୋଜେକ୍ଟ ଜ୍ୟୋତି ବିଦ୍ୟୁତ୍ ଯୋଗାଣ ଦିଗରେ ବାଧାର ସମ୍ମୁଖୀନ ହେଉଥିବା ଦୂରଦୂରାନ୍ତ ଗ୍ରାମର ପରିବାରଗୁଡ଼ିକୁ ସୌର ଗୃହ ଲାଇଟ୍ ପ୍ରଦାନ କରୁଛି। ଅଦ୍ୟାବଧି ଏହାଦ୍ୱାରା ୮ ଗ୍ରାମର ୩୧୮ଟି ପରିବାର ଉପକୃତ ହୋଇଛନ୍ତି। ଏହି ପଦକ୍ଷେପକୁ ଆହୁରି ୮ଟି ଗ୍ରାମକୁ ବିସ୍ତାର କରି ୧,୫୦୦ ସୌର ଗୃହ ଲାଇଟ୍ ବଣ୍ଟନ କରାଯିବାର ଲକ୍ଷ୍ୟ ରହିଛି। ଏନେଇ ବେଦାନ୍ତ ଆଲୁମିନା (ବ୍ୟବସାୟ)ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତ ଲାଞ୍ଜିଗଡ଼ରେ ସ୍ୱଚ୍ଛ ଶକ୍ତିର ବ୍ୟବହାର ସମ୍ପ୍ରଦାୟ ସ୍ତରରୁ ଆରମ୍ଭ ହେବା ଉଚିତ। ସୌରଶକ୍ତି ସହ ଗ୍ରାମଗୁଡ଼ିକୁ ଆଲୋକିତ କରି ଆମେ ସୁରକ୍ଷାକୁ ଉନ୍ନତ କରିବା ସହ ସାମାଜିକ ଅଂଶଗ୍ରହଣକୁ ଉତ୍ସାହିତ କରୁଛୁ ଏବଂ ଅଞ୍ଚଳର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟକୁ ସମର୍ଥନ କରୁଛୁ। ଏହା ପ୍ରଯୁକ୍ତିବିଦ୍ୟାରେ ଏକ ଛୋଟ ପଦକ୍ଷେପ, କିନ୍ତୁ ସମ୍ପ୍ରଦାୟ କଲ୍ୟାଣ ପାଇଁ ଏକ ବିରାଟ ଲମ୍ଫ ବୋଲି ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଲାଞ୍ଜିଗଡ଼ର ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା, ଗ୍ରାମୀଣ ଭିତ୍ତିଭୂମିକୁ ମଜବୁତ କରିବା ଓ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଜାରି ରଖିଛି। ସମ୍ପ୍ରଦାୟ ବିକାଶ ସହ ସ୍ୱଚ୍ଛ ଶକ୍ତି ସମାଧାନକୁ ସମନ୍ୱିତ କରି କମ୍ପାନୀ ଓଡ଼ିଶାର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଯାତ୍ରାରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଉଛି।

■ ଚାକିରି ଦେବା ନାଁରେ ଠକେଇ

## ୨ ଗିରଫ, ୬୨ ଲକ୍ଷ ଜବତ

ସମ୍ବଲପୁର,୨୩।୧୦(ସଂଚାର ବ୍ୟୁରୋ): ଚାକିରି ଦେବାକୁ କହି ପାଖାପାଖି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଟଙ୍କା ଠକିନେଇଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଆଜି ବୁର୍ଲା ପୁଲିସ ଗିରଫ କରିବା ସହ ନଗଦ ୬୨ ଲକ୍ଷ ୧ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରାହୁଲ ରାଏ ଓ ପଦ୍ମାବତୀ ତାଣ୍ଡି। ଗିରଫ ଅଭିଯୁକ୍ତମାନେ ଲୋକଙ୍କ ଭରସା ଜିତି ସଫେଇ କର୍ମୀ ଭାବେ ଚାକିରି ଦେବାକୁ କହି ସେମାନଙ୍କଠାରୁ ପାଖାପାଖି ୨ କୋଟି ଟଙ୍କା ଠକି ନେଇଥିଲେ ବୋଲି ଆଜି ସମ୍ବଲପୁର ଏସପି କହିଛନ୍ତି। ଉଭୟ ରାହୁଲ୍ ଓ ପଦ୍ମାବତୀ ବରଗଡ, ସମ୍ବଲପୁର, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ସେମାନଙ୍କ ନେଟ୍‌ୱର୍କ ଚଳାଇଥିଲେ। ଚାକିରି ଦେବାକୁ କହି ଜଣ ପିଛା ସେମାନେ ୧୨ ହଜାର ଟଙ୍କା ଲେଖାଏଁ ନେଉଥିଲେ। କିନ୍ତୁ ସେମାନେ ଲୋକଙ୍କୁ ମିଛ ଚାକିରି ଦେବା ସହ ମିଛ କାମ କରାଉଥିବା ନେଇ ଅଭିଯୋଗ ହୋଇଥିଲା। ବୁର୍ଲା ପୁଲିସ ଘଟଣାର ତଦନ୍ତ କରି ରାହୁଲ ଓ ପଦ୍ମାବତୀଙ୍କୁ ଗିରଫ କରିଛି। ଉଭୟ ଆର୍‌ମ୍ୟାକ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ମିଛ କମ୍ପାନୀ ମଧ୍ୟ ଖୋଲିଥିବା ଏସପି କହିଛନ୍ତି।

## ସେଲ୍‌ଫି/ରିଲ୍ ନେଇ ପୂର୍ବତଟ ରେଳପଥର ଚେତାବନୀ

### ଲାଗୁ ହେବ ଜେଲ୍ ସହ ଆର୍ଥିକ ଦଣ୍ଡ



ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ଜନସାଧାରଣଙ୍କୁ ବିଶେଷକରି ଯୁବପିଢ଼ି ଓ ସାମାଜିକ ଗଣମାଧ୍ୟମ ରୁଚିଶୀଳମାନଙ୍କୁ ରେଳପଥ ଉପରେ, ଟ୍ରାକ୍ ନିକଟରେ କିମ୍ବା ଚାଲୁଥିବା ଟ୍ରେନ୍‌ର ଫୁଟବୋର୍ଡ କିମ୍ବା ଛାତ ଉପରେ ଭିଡିଓ ଶୁଟିଂ କରିବା କିମ୍ବା ରିଲ୍' ତିଆରି କରିବାର ମାରାତ୍ମକତା ଓ ବେଆଇନ ଅଭ୍ୟାସ ବିରୁଦ୍ଧରେ ସତର୍କ କରାଇଦେବା ସହ କଡ଼ା ସଚେତନତା ଅଭିଯାନ ଆରମ୍ଭ କରିଛି। ଏପରି ବେପରୁଆ କାର୍ଯ୍ୟ କେବଳ ଜୀବନ ପାଇଁ ବିପଦପୂର୍ଣ୍ଣ ନୁହେଁ, ବରଂ ରେଳବାଇ ଆଇନ, ୧୯୮୯ ଅନୁଯାୟୀ କଡ଼ା ଦଣ୍ଡନୀୟ ଅପରାଧ ବୋଲି ରେଳବାଇ ସ୍ପଷ୍ଟ କରିଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ପକ୍ଷରୁ ନିବେଦନ କରାଯାଇଛି ଯେ ରେଳପଥ, ଷ୍ଟେସନ ପରିସର ଓ ଚଳନ୍ତା ଟ୍ରେନ୍‌ଗୁଡ଼ିକ ମନୋରଞ୍ଜନ ଭିଡିଓର ପୃଷ୍ଠଭୂମି ନୁହେଁ। ବରଂ ଏଗୁଡ଼ିକ ଉଚ୍ଚ ବିପଦପୂର୍ଣ୍ଣ କାର୍ଯ୍ୟକ୍ଷମ କ୍ଷେତ୍ର। ଏହି ସ୍ଥାନଗୁଡ଼ିକରେ ଅନଧିକାର ପ୍ରବେଶ କିମ୍ବା ଷ୍ଟଣ୍ଟ ପ୍ରଦର୍ଶନ ଜୀବନ ପ୍ରତି ଏକ ଗୁରୁତର ବିପଦ ଓ ଅପରାଧିକ ଅବହେଳାର କାର୍ଯ୍ୟ। ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଓ ସରକାରୀ ରେଳ ପୁଲିସ (ଜିଆରପି)କୁ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା' ନୀତି ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଶୀଘ୍ର ଓ କଠୋର ହେବ। ଚଳନ୍ତା ଟ୍ରେନ୍ ନିକଟରେ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରିବା କିମ୍ବା ରେଳପଥ ଉପରେ ଅନଧିକୃତ ପ୍ରବେଶ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଏମାନଙ୍କ ବିରୁଦ୍ଧରେ ରେଳ ଆଇନ, ୧୯୮୯ର ଧାରା ୧୪୭ ଓ ୧୫୩ ଅନୁଯାୟୀ ମାମଲା ରୁଜୁ ହେବ ଏବଂ ଏଥିପାଇଁ ଜେଲ ଦଣ୍ଡ ସହ ଆର୍ଥିକ ଦଣ୍ଡ ମଧ୍ୟ ଲାଗୁ ହେବ। ତେଣୁ ଯୁବପିଢ଼ି ଓ ଅନ୍ୟାନ୍ୟ ସମସ୍ତ ବର୍ଗ ଏପରି ଅଭ୍ୟାସଠାରୁ ଦୂରେଇ ରହିବାକୁ ପୂର୍ବତଟ ରେଳବାଇ ପକ୍ଷରୁ ନିବେଦନ କରାଯାଇଛି। ଏ କ୍ଷେତ୍ରରେ ଯୁବପିଢ଼ିକୁ ଅଭିଭାବକ ଓ ଶିକ୍ଷକମାନେ ଆବଶ୍ୟକ ଶିକ୍ଷା ଦେବାକୁ ମଧ୍ୟ ରେଳବାଇ ପକ୍ଷରୁ କୁହାଯାଇଛି। ସେହିପରି ବିଭିନ୍ନ ଦୁର୍ଭାଗ୍ୟଜନକ ଘଟଣା ରୋକିବା ସକାଶେ ପୂର୍ବତଟ ରେଳପଥ ସାର୍ବଜନୀନ ଘୋଷଣା, ଡିଜିଟାଲ୍ ମିଡିଆ ବାର୍ତ୍ତା ଓ ଶାରୀରିକ ପାଟ୍ରୋଲିଂ ମାଧ୍ୟମରେ ସଚେତନତା ଅଭିଯାନକୁ ଆହୁରି ତୀବ୍ର କରିଛି। ରେଳବାଇ ସମସ୍ତଙ୍କୁ ସାମାଜିକ ଗଣମାଧ୍ୟମ ଷ୍ଟଣ୍ଟ ଅପେକ୍ଷା ସୁରକ୍ଷାକୁ ପ୍ରାଥମିକତା ଦେବାକୁ ନିବେଦନ କରିଛି।

● ଓପିଟିସିଏଲ କଲୋନୀରେ ଅତ୍ୟାଧୁନିକ କ୍ରୀଡ଼ା କ୍ଷେତ୍ରର ଶିଳାନ୍ୟାସ

# ଉପଲବ୍ଧ ହେବ ଅନ୍ତର୍ଜାତୀୟ ମାନର ଭିତ୍ତିଭୂମି

ଭୁବନେଶ୍ୱର,୨୩।୧୦(ସଂଚାର ବ୍ୟୁରୋ): ଓଡିଶା ପାୱାର ଟ୍ରାନ୍ସମିସନ କର୍ପୋରେସନ ଲିମିଟେଡ (ଓପିଟିସିଏଲ୍) ଏହାର ସ୍ପୋର୍ଟସ ଆରେନା - ସ୍ୱାସ୍ଥ୍ୟ, ମନୋରଞ୍ଜନ ଏବଂ କ୍ରୀଡା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଆଧୁନିକ, ଏକାଧିକ-କ୍ରୀଡା ସୁବିଧାର ଶିଳାନ୍ୟାସ ସହ କର୍ମଚାରୀ କଲ୍ୟାଣ ଓ ସାମୁଦାୟିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଦିଗରେ ଆଜି ଏକ ପ୍ରମୁଖ ପଦକ୍ଷେପ ନେଇଛି। ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା କ୍ରୀଡା ଏବଂ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ସ୍ଥାପିତ ହୋଇଛି।




ଓପିଟିସିଏଲର ଆଭ୍ୟନ୍ତରୀଣ ସମ୍ବଳ ମାଧ୍ୟମରେ ସମ୍ପୂର୍ଣ୍ଣ ଭାବେ ପାଣ୍ଠି ବିନିଯୋଗ କରାଯାଇଥିବା ଏହି ୧୫ କୋଟି ବ୍ୟୟର ପ୍ରକଳ୍ପ ସ୍ଥାନୀୟ ୟୁନିଟ୍-୯ ଭୋଇନଗର ଓପିଟିସିଏଲ କଲୋନୀକୁ ବିଶ୍ୱସ୍ତରୀୟ ସୁବିଧା ସହ ସଜ୍ଜିତ ଏକ ବ୍ୟାପକ କ୍ରୀଡା ଏନକ୍ଲେଭରେ ପରିଣତ କରିବ। ମୋଟ ବିକଶିତ କ୍ଷେତ୍ର ୮୨୨୫ ବର୍ଗମିଟର (୨.୦୩ ଏକର)ରେ ଏହା ପରିବ୍ୟାପ୍ତ ହେବ। ଓପିଟିସିଏଲ କ୍ରୀଡା ଆରେନାରେ ବ୍ୟାଡମିଣ୍ଟନ, ଟେନିସ୍, ଭଲିବଲ୍ କୋର୍ଟ ସହ ଅଲିମ୍ପିକ୍-ମାନକ ନିର୍ଦ୍ଧାରିତ ସୁଇମିଂ ପୁଲ୍, ଜଗିଂ ଟ୍ରାକ୍, ଭୂଦୃଶ୍ୟଯୁକ୍ତ ସବୁଜ କ୍ଷେତ୍ର, ଉନ୍ନତ ଆଲୋକ ବ୍ୟବସ୍ଥା, ସୁରକ୍ଷା ନିରୀକ୍ଷଣ ଓ ମନୋରଞ୍ଜନ ଏବଂ ଫିଟନେସ୍ ପାଇଁ ଆରାମଦାୟକ ଆସନ ବ୍ୟବସ୍ଥା ରହିବ।

ଏହି ଅବସରରେଶ୍ରୀ ସିଂହଦେଓ କହିଛନ୍ତି ଯେ ଓପିଟିସିଏଲ କ୍ରୀଡା ଆରେନା ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସାମଗ୍ରିକ କଲ୍ୟାଣ ପାଇଁ ଆମ ପ୍ରତିବଦ୍ଧତାର ଏକ ପ୍ରତୀକ। ଏହା କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିବ। ସେହିପରି ଶ୍ରୀ ସୂରଜ କହିଛନ୍ତି ଯେ କ୍ରୀଡା ଜୀବନ ଧାରଣର ଏକ ପ୍ରମୁଖ ଅଂଶ। ନୂତନ କ୍ରୀଡା କ୍ଷେତ୍ର ଏକ ସୁସ୍ଥ, ସକ୍ରିୟ କର୍ମକ୍ଷେତ୍ର ଇକୋସିଷ୍ଟମ ଗଠନ ପାଇଁ ଓପିଟିସିଏଲର ପ୍ରତିବଦ୍ଧତାର ପ୍ରମାଣ। ବିଦ୍ୟୁତ ପରିବହନ କ୍ଷେତ୍ରରେ ନିଗମ ଯେଉଁ ନବସୃଜନ ଆଣି ଚାଲିଛି, ତାହାକୁ ସ୍ୱୀକୃତି ଦେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଆଜି ଓପିଟିସିଏଲ ପ୍ରାୟ ୨୭୦୦ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ ଓ ଏହାର ଆବାସିକ କଲୋନୀରେ ୩୦୦ରୁ ଅଧିକ ପରିବାରକୁ ସଂଗଠିତ କରି ବିଦ୍ୟୁତ ଭିତ୍ତିଭୂମି ଓ ସାମଗ୍ରିକ ବିକାଶରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ସିଏମଡି ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା, ସମାଜସେବୀ ଜଗନ୍ନାଥ ପ୍ରଧାନ, ଓଡିଶା ବିଦ୍ୟୁତ୍ ସମାଜର ବରିଷ୍ଠ ଅଧିକାରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶୁକ୍ରବାର ୨୪ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Friday 24 October 2025, Bhubaneswar



# ବିହାର ନିର୍ବାଚନରେ ଏନଡିଏର ସମ୍ଭାବନା

ବିହାରର ବିଧାନସଭା ନିର୍ବାଚନ ୨୦୨୫ ଏକ ଉତ୍ତେଜନାପୂର୍ଣ୍ଣ ରାଜନୈତିକ ଯୁଦ୍ଧର ରୂପ ନେଇଛି। ନଭେମ୍ବର ୬ ଓ ୧୧ ତାରିଖରେ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନରେ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ଓ ମହାଗଠବନ୍ଧନ (ଇଣ୍ଡିଆ ବ୍ଲକ୍) ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି। ନିତିଶ କୁମାରଙ୍କ ନେତୃତ୍ୱରେ ଏନଡିଏ କ୍ଷମତାରେ ରହିଥିବା ବେଳେ ତେଜସ୍ୱୀ ଯାଦବଙ୍କ ଆରଜେଡି ନେତୃତ୍ୱରେ ବିରୋଧୀ ମେଣ୍ଟ କ୍ଷମତା ହାସଲ କରିବାକୁ ଚେଷ୍ଟା କରୁଛି। ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି (ଜେଏସପି) ଏକ ନୂଆ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଏନଡିଏର ସମ୍ଭାବନାକୁ ବିଶ୍ଳେଷଣ କରିବା ଆବଶ୍ୟକ। ଏନଡିଏର ମୁଖ୍ୟ ଶକ୍ତି ହେଉଛି ତାର ସ୍ଥିର ମେଣ୍ଟ ଓ ଜାତିଗତ ସମୀକରଣ। ଜେଡି(ୟୁ), ବିଜେପି, ଲୋକ ଜନଶକ୍ତି ପାର୍ଟି (ରାମ ବିଲାସ), ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ଓ ରାଷ୍ଟ୍ରୀୟ ଲୋକ ମଞ୍ଚ ଭଳି ଦଳଗୁଡ଼ିକ ଏକତ୍ରିତ ହୋଇ ଉପର ଜାତି, ଅଣ-ଯାଦବ ଓବିସି, ଏକ୍ସଟ୍ରିମଲି ବ୍ୟାକୱାର୍ଡ କ୍ଲାସ (ଇବିସି), ମହାଦଳିତ ଓ ପସମନ୍ଦା ମୁସଲମାନଙ୍କୁ ଟାର୍ଗେଟ କରିଛନ୍ତି। ନିତିଶ କୁମାରଙ୍କ ସରକାର ମହିଳାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଭଳି ଯୋଜନା ମାଧ୍ୟମରେ ମହିଳା ଭୋଟରଙ୍କୁ ଆକୃଷ୍ଟ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଭାବ ଓ କେନ୍ଦ୍ର ସରକାରର ଯୋଜନାଗୁଡ଼ିକ ଏନଡିଏକୁ ଏକ ବଡ଼ ସହାୟତା ପ୍ରଦାନ କରୁଛି। ସାମ୍ପ୍ରତିକ ମୁଡ୍ ଅଫ୍ ବିହାର ପୋଲ୍ ଅନୁଯାୟୀ, ଏନଡିଏକୁ ୪୧.୩% ଭୋଟ୍ ମିଳିବାର ସମ୍ଭାବନା ରହିଛି, ଯାହା ଇଣ୍ଡିଆ ବ୍ଲକର ୩୯.୭% ଠାରୁ କେବଳ ୧.୬% ଅଧିକ। ଏହା ଏନଡିଏର ସମ୍ଭାବନାକୁ ଉଜ୍ଜ୍ୱଳ କରୁଛି। ତଥାପି, ଏନଡିଏ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ। ପ୍ରାୟ ୨୦ ବର୍ଷର କ୍ଷମତାଧାରଣ ପରେ ଆଣ୍ଟି-ଇନକମ୍ବେନ୍ସି ଏକ ବଡ଼ ସମସ୍ୟା। ପୋଲ୍ ଅନୁଯାୟୀ, ୪୮.୬% ଲୋକ ସରକାରକୁ ଅପସନ୍ଦ କରୁଛନ୍ତି। ନିତିଶ କୁମାରଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ସମ୍ଭାବ୍ୟ ଉତ୍ତରାଧିକାରୀ ଅଭାବ ଜେଡି(ୟୁ)ରେ ଅସ୍ଥିରତା ସୃଷ୍ଟି କରିଛି। ବିଜେପିରେ ସ୍ଥାନୀୟ ନେତୃତ୍ୱର ଅଭାବ, ଯେପରି ସୁଶୀଲ କୁମାର ମୋଦୀଙ୍କ ମୃତ୍ୟୁ ପରେ, ମୋଦୀଙ୍କ ଉପରେ ଅଧିକ ନିର୍ଭରତା ବଢ଼ାଇଛି। ବିରୋଧୀ ମେଣ୍ଟ ମୁସଲମାନ-ଯାଦବ ଭୋଟ୍ ବ୍ୟାଙ୍କକୁ ଏକତ୍ରିତ କରିବାରେ ସଫଳ ହୋଇଛି। ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ପଦ ପାଇଁ ୩୫% ଲୋକଙ୍କ ପସନ୍ଦ, ଯାହା ନିତିଶଙ୍କ ୨୩.୪% ଠାରୁ ଅଧିକ। ଏହା ବ୍ୟତୀତ, ଜେଏସପିର ପ୍ରବେଶ ଭୋଟ୍ ବିଭାଜନ ଘଟାଇପାରେ, ଯାହା ଏନଡିଏର କ୍ଷତି କରିବ। ପ୍ରଶାନ୍ତ କିଶୋରଙ୍କ ଯୋଜନା ଯୁବକ ଓ ପ୍ରବାସୀ ଭୋଟରଙ୍କୁ ଆକୃଷ୍ଟ କରିପାରେ। ବିହାରର ରାଜନୀତିରେ ଜାତି ଏକ ପ୍ରମୁଖ ଫ୍ୟାକ୍ଟର। ଏନଡିଏ ଏହାକୁ ସନ୍ତୁଳିତ କରିବାରେ ସଫଳ ହୋଇଛି, କିନ୍ତୁ ବିରୋଧୀ ଦଳଗୁଡ଼ିକ ଭିଆଇପି ଓ ଆଇଆଇପି ଭଳି ଛୋଟ ଦଳଗୁଡ଼ିକୁ ନେଇ ନିଶାଦ ଓ ତନ୍ତି ଭୋଟରଙ୍କୁ ଟାର୍ଗେଟ କରୁଛନ୍ତି। ଏନଡିଏ ଏଲଜେପି(ଆରଭି), ଆରଏଲଏମ୍ ଓ ହାମ୍ ମାଧ୍ୟମରେ ଏସସି ଓ କୁଶୱାହା ଭୋଟ୍ ଏକତ୍ରିତ କରିବାକୁ ଚେଷ୍ଟା କରୁଛି। କିନ୍ତୁ ୨୦୨୦ ନିର୍ବାଚନରେ ଦେଖାଯାଇଥିବା ଫାଟ ଏହି ସମୀକରଣକୁ ଅସ୍ଥିର କରିପାରେ। ସମ୍ପ୍ରତି ପରିସ୍ଥିତିରେ ଏନଡିଏର ସମ୍ଭାବନା ଉଜ୍ଜ୍ୱଳ ମନେହୁଏ, କାରଣ ତାହାର ବ୍ୟାପକ ମେଣ୍ଟ ଓ ଯୋଜନାଗୁଡ଼ିକ ଭୋଟରଙ୍କୁ ଧରି ରଖିଛି। ତଥାପି, ଏହା ଏକ କଡ଼ା ଲଢ଼େଇ ହେବ ଓ ଜେଏସପିର ପ୍ରଭାବ ନିର୍ଣ୍ଣାୟକ ହୋଇପାରେ। ବିହାରର ରାଜନୀତି ସ୍ଥିର ଜାତିଗତ ସମୀକରଣରେ ଆଧାରିତ ହୋଇଥିଲେ ମଧ୍ୟ, ଏହି ନିର୍ବାଚନ ଏକ ନୂଆ ପରିବର୍ତ୍ତନ ଆଣିପାରେ। ଏନଡିଏ ଯଦି ଆଣ୍ଟି-ଇନକମ୍ବେନ୍ସିକୁ ନିୟନ୍ତ୍ରଣ କରି ଯୋଜନାଗୁଡ଼ିକର ପ୍ରଚାର କରିପାରେ, ତେବେ କ୍ଷମତା ଧରି ରଖିବାର ସମ୍ଭାବନା ବଢ଼ିବ। କିନ୍ତୁ ବିରୋଧୀଙ୍କ ଏକତା ଓ ତେଜସ୍ୱୀଙ୍କ ଲୋକପ୍ରିୟତା ଏହାକୁ କଠିନ କରିବ। ସମୁଦାୟରେ, ଏନଡିଏର ବିଜୟ ସମ୍ଭବ, କିନ୍ତୁ ଏହା ଏକ ସଂଘର୍ଷପୂର୍ଣ୍ଣ ଯାତ୍ରା ହେବ।





# ଅମାନିଆ ବଢ଼ାଇଲେ ବାୟୁ ପ୍ରଦୂଷଣ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଗଲା ବର୍ଷ ଯାହା ଘଟିଥିଲା ଏବଂ ତା'ର ପୁନରାବୃତି ଘଟିଲା, ମାତ୍ର ଦୀପାବଳୀରେ କଟକଣାକୁ ଫୁ କରି ଅମାନିଆମାନେ ଯେପରି ବାଣ ଫୁଟାଇଲେ, ତାହା କେବଳ ଅଦାଲତ ଓ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ହୋଇନାହିଁ ନିଜ ଜୀବନ ପ୍ରତି ବିପଦକୁ ଆମନ୍ତ୍ରଣ କରିଛନ୍ତି ବୋଲି କୁହାଯାଇପାରିବ। ଯାହାର ପରିଣତ ସ୍ୱରୁପ ଜାତୀୟ ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୁଷିତ ସହର ହୋଇଥିବାବେଳେ ଆମ ରାଜଧାନୀ ଭୁବନେଶ୍ୱର କେତେକ ସହର ବାୟୁ ପ୍ରଦୁଷଣରେ ନୂତନ ରେକର୍ଡ ଭଙ୍ଗ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଏନସିଆର ଏବଂ ଏହାର ଆଖପାଖ ଅଞ୍ଚଳରେ ଦୀପାବଳୀରେ ବାଣଫୁଟା ଉପରେ ଗଲା ୨୦୧୮ରୁ ବଳବତର ଥିବା ନିଷେଧାଦେଶକୁ ସୁପ୍ରିମକୋର୍ଟ ସାମାନ୍ୟ କୋହଳ କରି ସବୁଜ ବାଣ ବିକ୍ରୀ ଓ ଫୁଟାକୁ ଅନୁମତି ଦେଇଥିଲେ। ଏହା ବାଣ ଫୁଟାଇବା ପାଇଁ ସର୍ବୋଚ୍ଚ ଅଦାଲତ ସୀମିତ ସମୟ ଧାର୍ଯ୍ୟ କରିଥିଲେ। ସେହିପରି ଆମ ରାଜ୍ୟରେ ରାଜ୍ୟପ୍ରଦୁଷଣ ବୋର୍ଡ ଏବଂ କମିଶନରେଟ ପୋଲିସ ସନ୍ଧ୍ୟା ୭ଟାରୁ ୯ଟା ମାତ୍ର ଦୁଇଘଣ୍ଟା ପାଇଁ ବାଣ ଫୁଟାଇବା ଲାଗି କଟକଣା ଜାରି କରିଥିଲେ। ମାତ୍ର ଦୀପାବଳୀ ଉତ୍ସବରେ ଦିଲ୍ଲୀରେ ରାତି ତମାମ ସବୁଜ ନୁହେଁ, ଉଚ୍ଚଶକ୍ତି ସମ୍ପନ୍ନ ବାଣ ଫୁଟିବା ଫଳରେ ଆକାଶ ଧୂମମୟ ହୋଇଯାଇଥିବାବେଳେ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସରେ ଭରପୁର ହୋଇଯାଇଥିଲା। ମାତ୍ର ରାତିକ ଭିତରେ ଦିଲ୍ଲୀରେ ବାୟୁର ଗୁଣବତା ତଥା ଏମକ୍ୟୁଆର ମାତ୍ର ୩୫୦କୁ ବୃଦ୍ଧି ପାଇଛି। ଦୀପାବଳୀ ପୂର୍ବରୁ ଏକକ୍ୟୁଆର ମାତ୍ର ୧୫୬.୬ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଦୀପାବଳୀ ପରଦିନ ଦିଲ୍ଲୀରେ ଏକକ୍ୟୁଆର ୩୨୮ ଥିଲାବେଳେ ୨୦୨୩ରେ ୨୦୧୮ ଓ ୨୦୨୨ରେ ୩୧୨ ଥିଲା। କେନ୍ଦ୍ର ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ ଏହା ସର୍ବୋଚ୍ଚ ସ୍ତରରେ ଏବଂ ସାଂଘାତିକ ସ୍ଥିତି ବୋଲି କୁହାଯାଇଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ମାନଦଣ୍ଡ ଅନୁଯାୟୀ ଏହା ୧୦୦ଗୁଣ ଅଧିକ। ତେବେ ଦିଲ୍ଲୀର ଏହି ପ୍ରଦୁଷଣ ପାଇଁ ଚାଷୀଙ୍କ ନଡା ପୋଡିକୁ ଦାୟୀ କରାଯାଇପାରିବ ନାହିଁ। ବନ୍ୟା ଯୋଗୁଁ ପଞ୍ଜାବ ଓ ହରିଆନାରେ ନଡା ମୂଳ ପୋଡା ଆରମ୍ଭ ହୋଇନଥିବୀ କୁହାଯାଏ। ସେହିପି ରାଜ୍ୟରେ ବାଣ ଫୁଟା ପାଇଁ ରାଜ୍ୟ ପ୍ରଦୁଷଣ ବୋର୍ଡ ଓ ଟୁଇନସିଟିରେ କମିଶନରେଟ ପୋଲିସ ମାତ୍ର ଦୁଇଘଣ୍ଟା ସମୟ ଧାର୍ଯ୍ୟ କରିଥିବା ସତ୍ୱେ ରାତି ସାରା ଫୁଟିଥିଲା। ଭୁବନେଶ୍ୱରର ଏମକ୍ୟୁଆର ହାରାହାରି ୨୯୭ ରେକର୍ଡ କରାଯାଇଥିବାବେଳେ ପଳାଶୁଣିରେ ଏମକ୍ୟୁଆର ସର୍ବୋଚ୍ଚ ୩୬୧ ଥିଲା। ତେବେ କେତେକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ ଏମକ୍ୟୁଆର ୫୦୦ରୁ ୬୦୦ମଧ୍ୟରେ ଥିବା କୁହାଯାଇଛି। ସେହିପରି କଟକ ସହରର ସ୍ଥିତି ଅତ୍ୟନ୍ତ ସାଂଘାତିକ ହୋଇପଡ଼ିଥିବା କୁହାଯାଏ। ସହରରେ ବାୟୁ ପ୍ରଦୁଷଣ ଏମକ୍ୟୁଆର ୩୦୦କୁ ଟପିଯାଇଥିବା ଜଣାଯାଏ। କହିବା ବାହୁଲ୍ୟ ଯେ, ଧୂଳି, ଧୂଆଁ, ଓ ଆବର୍ଜନା ଯୋଗୁଁ କଟକ ସହରରେ ବାୟୁର ଗୁଣବତା ତଥା ଏମକ୍ୟୁଆର ଯେଉଁ ତଥ୍ୟ କହୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ରାଜ୍ୟ ପ୍ରଦୁଷଣ ବୋର୍ଡର ରିପୋର୍ଟ ଅନୁସାରେ ଗତ ୯ମାସ ମଧ୍ୟରେ ୭୫ଦିନ ତଥା ଅଢେଇ ମାସ ଜନସାଧାରଣ ସ୍ୱଚ୍ଛ ବାୟୁ ଗ୍ରହଣ କରିଥିବାବେଳେ ୧୦୪ଦିନ ବାୟୁର ମାନ ସନ୍ତୋଷଜନକ ରହିଥିଲା। ବାକି ୮୩ଦିନ ବାୟୁର ମାନ ମଧ୍ୟମ ଓ ଅତି ପ୍ରଦୁଷିତ ରହିଥିବା କୁହାଯାଇଛି। ଆଗକୁ ଐତିହାସିକ ବାଲିଯାତ୍ରା ଆଗକୁ ବାୟୁପ୍ରଦୁଷଣ ମାତ୍ରା ଆହୁରି ଅଧିକ ହେବ ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, ହୁ'ର ରିପୋର୍ଟ ଅନୁଯାୟୀ ବିଶ୍ୱରେ ବାର୍ଷିକ ବାୟୁ ପ୍ରଦୁଷଣ ଯୋଗୁଁ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟୁଥିବାବେଳେ ଆମ ଦେଶରେ ୫ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଉଛି। କେବଳ ରାଜଧାନୀ ଦିଲ୍ଲୀରେ ବାର୍ଷିକ ଲକ୍ଷାଧିକ ଲୋକ ମୃତ୍ୟୁବରଣ କରିଥାନ୍ତି। ଏହା ବ୍ୟତୀତ ପ୍ରତିବର୍ଷ ଶ୍ୱାସ, ହୃଦରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ସେହିପରି ଉଚ୍ଚଶକ୍ତି ସମ୍ପନ୍ନ ବାଣଫୁଟାର ପ୍ରଭାବ ଲୋକଙ୍କ ଉପରେ ପଡ଼ିଛି। ବିଶେଷ କରି ଶିଶୁ, ବୃଦ୍ଧବୃଦ୍ଧା, ଶ୍ୱାସ ଓ ହୃଦରୋଗୀ ଉପରେ ବାଣଶବ୍ଦ ଏବଂ ବାୟୁ ପ୍ରଦୁଷଣ ଘାତକ ସାବ୍ୟସ୍ତ ହୋଇଛି। ଏହା ନିସନ୍ଦେହ ଯେ, ବାଣଫୁଟା ପ୍ରଭାବରେ ବିଷାକ୍ତ ଗ୍ୟାସ ଯୋଗୁଁ ଲୋକେ ଅଣନିଶ୍ୱାସୀ ହୋଇପଡ଼ିଥିବା କୁହାଯାଏ। ଏହା ସତ୍ୟ ଯେ, ଅମାନିଆ ଯୋଗୁଁ ଜୀବନ ଏବେ ବିପଦରେ। ବାୟୁ ଜୀବନ ରକ୍ଷକ ହୋଇଥିବା ଏବେ ଏବେ ପ୍ରଦୁଷିତ ବାୟୁ ଜୀବନ ନେବାର ମୁଖ୍ୟ କାରଣ ପାଲଟିଛି। ସ୍ୱଚ୍ଛ ବାୟୁ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏହା ନିଶ୍ଚିତ ଆମେ ନିଜେ ଯଦି ବାୟୁକୁ ସ୍ୱଚ୍ଛ, ପ୍ରଦୁଷଣ ମୁକ୍ତ ନରଖିବା ତେବେ ସ୍ୱଚ୍ଛ ବାୟୁ ପାଇବା ଦିନେ ଦୁଃସ୍ୱପ୍ନ ହୋଇଯିବ। ତେଣୁ ବାୟୁକୁ ପ୍ରଦୁଷଣମୁକ୍ତ ରଖିବା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ସମୟ ଏବେ ଆସିଛି। ଅନ୍ୟ ବିପଦକୁ ଡାକି ଆଣିବା ସାର ହେବାସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,

**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ସବୁରି ଉପରେ ଜାତି

**ସୁବାସ ଷଡଙ୍ଗୀ**



'ବିନା ଜାତି ରାଜନୀତିରେ ବିହାରରେ ଭୋଟ ଜିତି ହେବକି?' ପ୍ରଶ୍ନଟିଥିଲା ଭୁବନେଶ୍ୱରରେ ରହୁଥିବା ଜଣେ ବିହାରି ବନ୍ଧୁଙ୍କୁ।

ହସି ହସି ସେ ଉତର ଦେଲେ, ' ବିହାରି ଲୋକଙ୍କୁ ବିନା ଜାତି ଦେଖି ଭୋଟ ଦେବାକୁ କହିଲେ, ସେମାନେ ବିପଦରେ ପଡ଼ିଯାଆନ୍ତି। ' ଜାତି ନଦେଖି ଭୋଟ?' ତା' ହେଲେ କଣ ପାଇଁ ଭୋଟ ଦେବୁ?'

ସରକାର କଣ କରୁଛନ୍ତି? ବେକାର ଶିକ୍ଷିତ ପିଲାଙ୍କୁ ଚାକିରି ମିଳିବ କି ନାହିଁ? ରାସ୍ତାଘାଟର ଉନ୍ନତି ହେବ କି ନାହି?ଏ ସବୁ କଣ ଲୋକମାନେ ଜାଣିବାକୁ ଚାହାନ୍ତି ନାହିଁ?'

' ଆମେ ହେଲୁ ଶ୍ରମିକ। ଦେହରେ ଶକ୍ତି ଅଛିତ ଟଙ୍କା ଯେମିତି ହେଲେ ରୋଜଗାର ହେବ। ଭାରତର ଏମିତି କୌଣସି ରାଜ୍ୟ ନାହିଁ, ଯେଉଁଠାକୁ ବିହାରିମାନେ କାମ କରିବାକୁ ଯାଉ ନାହାନ୍ତି? ଜାତି ହିଁ ଆମ ପାଇଁ ସବୁଠାରୁ ବଡ କଥା।'

' ଆପଣଙ୍କର କଣ ଏଠି ଭୋଟରେ ଜାତି କଥା ଉଠେ ନା?' ସେ ମୋତେ ପଚାରିଲେ।

କହିଥିଲି, 'ଆମର ଏଠାରେ ସବୁଠୁ ଅଧିକ ଦିନ ଶାସନ କରିଛନ୍ତି କରଣ ଜାତି। ମାତ୍ର ଆମ ରାଜ୍ୟରେ ଏମିତି କୌଣସି ବିଧାନସଭା ଆସନ ନାହିଁ, ଯେଉଁ ଠାରୁ କରଣ ଜାତି ନାମରେ ଭୋଟ ପାଇ ଜିତି ହେବ'। ବ୍ରାହ୍ମଣମାନଙ୍କ କଥା ମଧ୍ୟ ସେଇଆ। ଏବେ ଅବଶ୍ୟ ଆଦିବାସୀମାନଙ୍କ ଭୋଟ ଏକାଠି କରିବା ପାଇଁ ସେମାନଙ୍କୁ କ୍ଷମତା ଦିଆଯାଉଛି। ଜାତି ଆଧାରରେ ଏକଜୁଟ କରିବା ପାଇଁ ଚେଷ୍ଟା ଚାଲିଛି।ଓବିସି ପାଇଁ ବହୁ ନେତା ଏବେ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। କିନ୍ତୁ ତାହା ସଫଳ ହେଉ ନାହିଁ।

କିଛିଦିନ ପରେ ବିହାରରେ ନିର୍ବାଚନ ହେବ। ନଭେମ୍ବର ୬ ଓ ୧୧ ତାରିଖରେ ଭୋଟ ହେବ। ନଭେମ୍ବର ୧୪ ତାରିଖରେ ଫଳାଫଳ ଘୋଷଣା ହେବ। ଏଣୁ ବିହାର ରାଜନୀତିରେ ଏବେ ଜାତି ରାଜନୀତିର ଅଙ୍କ କଷା ଚାଲିଛି। ଅନ୍ୟ ଭୋଟ ତୁଳନାରେ ଏଥରକ ଏନଡିଏ ପାଇଁ ନିର୍ବାଚନ ଜିତିବା ଟିକେ କଷ୍ଟକର। କାରଣ ଏନଡିଏର ପ୍ରଧାନ ଅଂଶୀଦାର ଦଳ ଜେଡିୟୁ ରନେତା ନୀତିଶ କୁମାର ଅନେକ ବର୍ଷ ଧରି କ୍ଷମତାରେ ରହିବା ଫଳରେ ଲୋକଙ୍କ ଅସନ୍ତୋଷ ଦେଖାଦେଇଛି। ଏଣୁ ଏଥିରୁ ରକ୍ଷାପାଇବା ପାଇଁ ହେଲେ ଜାତି ହିଁ ଏକମାତ୍ର ରକ୍ଷା କବଚ।

ଅପରପକ୍ଷରେ ମହାଗଠବନ୍ଧନ ମଧ୍ୟ ସଂକଟରେ। ସିପିଆଇ ଲିବରେସନ କହୁଚି, ତାଙ୍କ ଦଳ ଶ୍ରମିକମାନଙ୍କ ଉନ୍ନତି ପାଇଁ କାମ କରୁଛି। ଏଣୁ ତାର କାଟତି ଅଧିକ। ମୁଖ୍ୟ ଦଳ ଆରଜେଡି ଉପରେ ଭରସା କରିପାରୁ ନାହିଁ କଂଗ୍ରେସ। ଏମିତି ଭାବରେ ଆସନ ମଧ୍ୟ ବଣ୍ଟାମଣା ହୋଇପାରୁ ନାହିଁ।

ଏମିତି ଦେଖିବାକୁ ଗଲେ ବିହାର ଏକ ଅନଗ୍ରସର ରାଜ୍ୟ।ଶିକ୍ଷିତ ଟୁବକମାନେ ଚାକିରି ପାଉ ନାହାନ୍ତି। ଲୋକମାନଙ୍କୁ ଘର ଚଳାଇବା ପାଇଁ ବାହାରକୁ କାମ କରିବାକୁ ଯିବାକୁ ପଡୁଛି। ଏସବୁ ପିଷୟ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ହେବା ଦରକାର। ବିହାରରେ ବେକାରି ହାର ଭାରତ ବର୍ଷରେ ସବୁଠୁ ଅଧିକ। ଗତବର୍ଷଠାରୁ ଚାକିରିରେ ଦୁର୍ନିତି ନେଇ ଆନ୍ଦୋଳନ ଚାଲିଛି।

କିନ୍ତୁ ରାଜନୀତି ବଡ ବିଷମ ଜିନିଷ। ଭୋଟ ରାଜନୀତିରେ 'ସୋସିଆଲ ଇଞ୍ଜିନିୟରିଂ' କଥା ସମସ୍ତେ କହୁଛନ୍ତି। ଜାତିକୁ ଭିତି କରି ପ୍ରାର୍ଥୀ ଦିଆଯାଉଛି। ସବୁଠୁ ଆଗରେ ରହିଛି ଜାତି। ସମସ୍ତେ ଚାହାନ୍ତି ତାଙ୍କ ଜାତି ଆଗକୁ ଯାଉ।



ଆଉ ଏକ ବଡ ଫ୍ୟାକଟର ହେଲା, ବିହାରରେ ମୁସଲିମ ଭୋଟର। ଏମାନଙ୍କ ୧୭.୭ ଶତାଂଶ। ଏଠାରେ ହିନ୍ଦୁ ଭୋଟ ପାଞ୍ଚ ଭାଗରେ ବିଭକ୍ତ। ପ୍ରଥମ ହେଲେ ଉଚବର୍ଣ୍ଣ। ତାପରେ ଯାଦବ ଓ ଓବିସି। ପଛୁଆ ବା ଅତି ପଛୁଆ। ଯାହାକୁ କହନ୍ତି, ଇବିସି। ଶେଷୋ ଦଳିତ ଓ ଜନଜାତି। ଏମାନଙ୍କ ଭିତରେ ଇବିସି ବା ଅତି ପଛୁଆ ଜାତିର ସଂଖ୍ୟା ଅଧିକ। ଏମାନଙ୍କ ସଂଖ୍ୟା ପ୍ରାୟ ୩୬ ଶତାଂଶ। ଏହାପରେ ଓବିସି। ଏମାନଙ୍କ ସଂଖ୍ୟା ହନ୍ଦୁ ଭୋଟର ପ୍ରାୟ ୨୭.୧୨ ଶତାଂଶ। ହିନ୍ଦୁମାନଙ୍କ ମଧ୍ୟରେ ଉଚଜାତିର ଭୋଟ ହେଉଛି ୧୫.୫୨ଶତାଂଶ। ଦଳିତ ୧୯ ଶତାଂଶ। ଜନଜାତି ମାତ୍ର ୧.୬୮ ଶତାଂଶ।

ବିହାର ରାଜନୀତି କହିଲେ ତିନୋଟି ଦଳକୁ ବୁଝାଏ। ଏନଡିଏ।ଇଣ୍ଡ ବା ମହାଗଠବନ୍ଧନ। ଶେଷରେ ପ୍ରଶାନ୍ତ କିଶୋରଙ୍କ ଦଳ। ବିଜେପି ନୀତିଶ କୁମାରଙ୍କୁ ନେଇ ଅତି ପଚୁଆବର୍ଗଙ୍କୁ ସାଥୀରେ ନେଇ ଚାଲିଛି। ନୀତିଶ ହେଲେ କୁର୍ମୀ ଜାତିର। ଏହା ଛଡା ଦଳିତମାନେ ମଧ୍ୟ ତାଙ୍କ ସହ ଅଛନ୍ତି। କାରଣ, ପାଶ୍ୱାନଙ୍କ ଦଳ ତାଙ୍କ ସହ ଆସନ ବୁଝାମଣା କରିଛି। ସବୁଠାରୁ ବଡ କଥା ମହିଳା ଭୋଟର। ଏମାନଙ୍କୁ ନୀତିଶ ସରକାର ସବୁ ବେଳେ ଖୁସି କରିଆସିଛନ୍ତି। ନିର୍ବାଚନ ପୂର୍ବରୁ ସେମାନଙ୍କୁ ଦଶ ହଜାର ଲେଖାଏଁ ଦିଆଯାଇଛି। ମହିଳା ଭୋଟ ବ୍ୟଶଙ୍କ ସୃଷ୍ଟି କରିବ। ଏବେ ସବୁରାଜ୍ୟରେ ଏକା ପ୍ରକାରର। ନଗଦ ଟଙ୍କାର ମୋହ କେହିଛାଡି ପାରିବେନି। ଓଡ଼ିଶାରେ ମଧ୍ୟ ସେଇଆ ଚାଲିଛି।

ତେବେ ନିତିଶ କୁମାର କୋଡିଏ ବର୍ଷ ହେଲା କ୍ଷମତାରେ ଥିବାରୁ କିଛିଟା ଅସନ୍ତୋଷ ରହିଛି। ଯେଉଁ ଦଳ ଅଧିକ ଦିନ କ୍ଷମତାରେ ରହିବ, ସେ ଦଳ ଉପରେ ଲୋକଙ୍କ ଅସନ୍ତୋଷ ବଢ଼ିବ।ଏଣୁ କୁହାଯାଉି ଜେଡିୟୁର ଭୋଟ ହାର କମିବ। କିନ୍ତୁ ବ୍ରାହ୍ମଣ, ଭୂମିହାର, ରାଜପୁତ ଏବଂ ବଣିଆମାନଙ୍କ ଭୋଟ ଯଦି ବିଜେପି ପାଏ, ତେବେ ଏହାର ଭୋଟ ହାର ୪୮ ଶତାଂଶ ହୋଇଯିବ। ମହାଦଳିତ ଭୋଟ ପାଇଲେ ତାହା ୫୫ ଶତାଂଶରେ ପହଞ୍ଚିଯିବାର ଆଶା କରାଯାଉଛି। ଅପରପକ୍ଷରେ ଆରଜେଡି ଯାଦବ ଓ ମୁସଲିମ ଭୋଟ ପାଇବ ବୋଲି ଆଶା କରୁଛି। ୨୦୨୦ ନିର୍ବାଚନରେ ଆରଜେଡି ସବୁଠାରୁ ଅଧିକ ଆସନରେ ଜିତିଥିଲା।ତଥାପି କଂଗ୍ରେସ ଓ ବାମପନ୍ଥୀମାନଙ୍କ ସହଯୋଗରେ ମଧ୍ୟ ସରକାର ଗଠନ କରିପାରିଲା ନାହିଁ। ଏଣୁ ଦଳ ବାହାରେ ରହି ଲଢେଇ ଜାରି ରଖିଛି।

ଏବେ ବିହାର ରାଜନୀତିରେ ଆବିର୍ଭାବ ହୋଇଛି, ପ୍ରଶାନ୍ତ କିଶୋରଙ୍କର। ସେ ଜାତି ରାଜନୀତିର ବିଶ୍ୱାସୀ ନୁହଁନ୍ତି। ବେକାରି ସମସ୍ୟାର ସମାଧାନ, ରାସ୍ତାଘାଟର ଉନ୍ନତି ଏବଂ କର୍ମନିଯୁକ୍ତି ସୃଷ୍ଟି କରିବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ। ଅନ୍ୟ ଦଳକୁ ନିର୍ବାଚନରେ ଜିତାଇବା ଦାଇତ୍ୱ ଦିନେ ତାଙ୍କ ଉପରେ ରହିଥିଲା। ଏବେ ସେ ନିଜେ ଦଳ ତିଆରି କରି ଲୋକଙ୍କୁ ବୁଝାଉଛନ୍ତି। ବିଶେଷ କରି ଯୁବବର୍ଗ ତାଙ୍କ କଥାକୁ ଗ୍ରହଣ କରୁଛନ୍ତି। କଣ ପାଇଁ ବିହାରରେ କଳ କାରଖାନା ନାହିଁ? ଚାକିରି ନାହିଁ? ଆଶା କରାଯାଉଛି ବିହାରର ଶିକ୍ଷିତ ଲୋକମାନେ ତାଙ୍କୁ ସମର୍ଥନ କରିବେ।

ଅନେକ ଦୃଷ୍ଟିରୁ ବିହାର ଭୋଟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଜାଣିବାକୁ ଚାହାନ୍ତି, ବିହାରରେ କି ପ୍ରକାରର ପରିବର୍ତନ ଘଟିବାକୁ ଯାଉଛି। କାରଣ ସବୁ ପରିବର୍ତନ ବିହାରରୁ ହିଁ ଆରମ୍ଭ ହୁଏ। ଜାତି ଉପରକୁ କଣ ବିହାର ଉଠିବ? ନାଁ, ପୁଣି ଥରେ ସବୁରି ଉପରେ ଜାତି ରହିବ?।

୯୪୩୯୬୫୨୩୨୨

# ଗଣତନ୍ତ୍ର ଭିତରେ ବହୁ ମତବାଦର ବିକୃତ ଛାୟା

**ଗୋପାଳ ମହାପାତ୍ର**



ଲୋକତନ୍ତ୍ରର ଆଧାର "ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା, ଜନତାଙ୍କ ଶାସନ"। ଏହି ବିଚାର ସରଳ, ସ୍ପଷ୍ଟ ଏବଂ ସାର୍ବଭୌମିକ ଅଟେ କିନ୍ତୁ ଯେତେବେଳେ ଏହାକୁ ସାମାଜିକ ସଂରଚନା, ଜାତୀୟ ବିବିଧତା ଏବଂ ଜନସଂଖ୍ୟାର ପରିବର୍ତ୍ତିତ ସ୍ୱରୂପର ସନ୍ଦର୍ଭରେ ଦେଖାଯାଏ, ସେତେବେଳେ ଏହାର ଜଟିଳତା ଏବଂ ଚାଲେଞ୍ଜପୁର୍ଣ୍ଣ ସ୍ୱରୂପ ନଜରକୁ ଆସେ। ଭାରତ ଭଳି ବିଶାଳ, ବିବିଧ ଏବଂ ବହୁଳତାବାଦୀ ଦେଶରେ ଏହି ପ୍ରଶ୍ନ ଆହୁରି ମଧ୍ୟ ଅଧିକ ପ୍ରାସଙ୍ଗିକ ହୋଇଥାଏ। କ'ଣ ଗଣତନ୍ତ୍ର ସେତିକି ପ୍ରଭାବୀ ଏବଂ ନିରପେକ୍ଷ ରହିଥାଏ ଯେବେବେଳେ ତାର ଜନସଂଖ୍ୟା (ଡ଼େମୋଗ୍ରାଫିକ୍) ଜନିତ ସଂରଚନା କ୍ରମାଗତ ଭାବେ ବଦଳିଥାଏ? କ'ଣ ଜାଣିଶୁଣି ଜନସଂଖ୍ୟକୀୟ ସଂରଚନା ବଦଳାଇବା ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈକ ଦଳର ସମର୍ଥକଙ୍କୁ ନେଇ ନିର୍ବାଚନ ଜିତିବାକୁ ଗଣତନ୍ତ୍ର କୁହାଯିବ କି? ଡ଼େମୋଗ୍ରାଫିର ସିଧା ସମ୍ପର୍କ ଜନସଂଖ୍ୟାର ଜାତିଗତ, ଧାର୍ମିକ, ଭାଷା ଏବଂ ସଂସ୍କୃତି ସହିତ ରହିଛି। ଗଣତନ୍ତ୍ରିକ ଶାସନ ବ୍ୟବସ୍ଥାରେ ପ୍ରତିନିଧିତ୍ୱର ସିଦ୍ଧାନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସବୁ ସମୁଦାୟ, ସବୁ ବର୍ଗକୁ ସେମାନଙ୍କ ଉଚିତ୍ ସ୍ଥାନ ଏବଂ ସ୍ୱର ଉଠାଇବାର ସୁଯୋଗ ମିଳିବା ଆବଶ୍ୟକ କିନ୍ତୁ ଯେତେବେଳେ ଡ଼େମୋଗ୍ରାଫିକ ସମୀକରଣ କୌଣସି ବିଶେଷ ସମୁଦାୟର ଅତ୍ୟଧିକ ବୃଦ୍ଧି ବା ଅନ୍ୟ ସମୁଦାୟର ଗୁରୁତ୍ୱ କାରଣରୁ ବଦଳିଯାଏ ସେତେବେଳେ ଏହି ସନ୍ତୁଳନ ଭାଙ୍ଗିଯାଇଥାଏ। ଏହି ସନ୍ତୁଳନର ସିଧା ପ୍ରଭାବ ମଧ୍ୟ ଗଣତାନ୍ତ୍ରିକ ସଂସ୍ଥାଗୁଡିକର ନିରପେକ୍ଷତା, ନୀତି ନିର୍ମାଣ ଏବଂ ସାମାଜିକ ନ୍ୟାୟ ଉପରେ ପଡ଼ିଥାଏ। ବର୍ତ୍ତମାନ ସମୟରେ ଅନେକ ଦେଶରେ ଏଭଳି ଅବସ୍ଥା ଦେଖାଦେଇଛି ହୁଏତ ଏହା ପ୍ରବାସ (ମାଇଗ୍ରେସନ) କାରଣରୁ ହେଉ ବା ପ୍ରଜନନ ହାରରେ ପାର୍ଥକ୍ୟ କାରଣରୁ ହେଉ ଏହା ରାଜନୈତିକ ପରିଦୃଷ୍ୟକୁ ପ୍ରଭାବିତ କରିଥାଏ। ଭାରତରେ ମଧ୍ୟ ଏହି ପ୍ରସଙ୍ଗ ସମ୍ବେଦନଶୀଳ ଏବଂ ଗମ୍ଭୀର ହେବାରେ ଲାଗିଛି।




ଯଦି ଏକ ବିଶେଷ ଧର୍ମ ଅବା ଜାତିର ଜନସଂଖ୍ୟା ଅଧିକ ଭାବରେ ବଢ଼ିଥାଏ ଏବଂ ଅନ୍ୟ ସମୁଦାୟର ଜନସଂଖ୍ୟା ସାଂସ୍କୃତିକ, ଆର୍ଥୀକ ଏବଂ ଶିକ୍ଷାର ଅଭାବ କାରଣରୁ କମିଯାଏ ତେବେ ଏହା ଯେ କେବଳ ସାମାଜିକ ବିମେତାକୁ ଜନ୍ମ ଦେଇଥାଏ ତା ନୁହେଁ ବରଂ ଗଣତନ୍ତ୍ର ଭିତରେ ବହୁ ମତବାଦର ବିକୃତ ଛାୟା ମଧ୍ୟ ବିସ୍ତାର ଲାଭ କରିଥାଏ। ଗଣତନ୍ତ୍ର ବହୁ ମତରେ ଚାଲିଥାଏ। ଏହା କେବଳ କଥାରେ ନୁହେଁ ପରନ୍ତୁ ଏକ ପରିପକ୍ୱ ଗଣତନ୍ତ୍ର ତାକୁ ହିଁ କୁହାଯାଏ ଯେଉଁଠି ବହୁମତର ଶକ୍ତିର ଦୁରୁପଯୋଗ ହୋଇନଥାଏ ଏବଂ ସଂଖ୍ୟାଲଘୁଙ୍କ କଥା ବା ସ୍ୱରକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯାଇଥାଏ। ଏଥିପାଇଁ ଡେମୋଗ୍ରାଫିକ୍ ସନ୍ତୁଳନ ଆବଶ୍ୟକ। ଏହି ସନ୍ତୁଳନ କେବଳ ସଂଖ୍ୟାତ୍ମକ ହୋଇନଥାଏ ବରଂ ଅବସର ବା ସୁଯୋଗ, ସଂଶାଧନ ଏବଂ ପ୍ରତିନିଧିତ୍ୱରେ ମଧ୍ୟ ହୋଇଥାଏ। ଯଦି କୌଣସି ବିଶେଷ କ୍ଷେତ୍ରରେ କୌଣସି ଏକ ସମୁଦାୟର ଜନସଂଖ୍ୟା ଅଧିକ ଭାବରେ ବଢ଼ିଯାଏ ଓ ଏହି ଜନସଂଖ୍ୟା ବୃଦ୍ଧି କାରଣରୁ ଅନ୍ୟ ସମୁଦାୟ ମାନଙ୍କର ରାଜନୈତିକ ସ୍ୱରକୁ ଚାପିଦିଏ ତେବେ ଗଣତନ୍ତ୍ର କେବଳ ଏକ ସଂଖ୍ୟାକୀୟ ଖେଳରେ ପରିଣତ ହୋଇଯାଏ। ଏପରିକି ଗଣତନ୍ତ୍ରର ନୈତିକ ଏବଂ ନ୍ୟାୟପୂର୍ଣ୍ଣ ମୂଲ୍ୟ ମଧ୍ୟ ହ୍ରାସ ପାଇଥାଏ।

ଭାରତର ଉତ୍ତର ପୂର୍ବ ରାଜ୍ୟ, କେରଳ, ପଶ୍ଚିମବଂଗ, ଆସାମ ଏବଂ ଦିଲ୍ଲୀ ଭଳି ଅଞ୍ଚଳରେ ଏଭଳି ଆଶଙ୍କା ଅନେକ ସମୟରେ ଉଠିଥାଏ ଯେ ଜନସାଂଖ୍ୟିକୀୟ (ଡ଼େମୋଗ୍ରାଫିକ୍) ପରିବର୍ତ୍ତନ କାରଣରୁ ମୂଳନିବାସୀ ବା ପରମ୍ପରାଗତ ସମୁଦାୟର ପ୍ରଭାବ କମିବାରେ ଲାଗିଛି। ଯେତେବେଳେ ଜନସଂଖ୍ୟା ସନ୍ତୁଳନ ବିଗିଡିଯାଏ ସେତେବେଳେ ସାମାଜିକ ସଂଘର୍ଷ, ସାଂସ୍କୃତିକ ସଂଘର୍ଷ ଏବଂ ରାଜନୈତିକ ଧ୍ରୁବୀକରଣ ଜନ୍ମ ନେଇଥାଏ। ଏହି ପ୍ରକ୍ରିୟାରେ ଗଣତନ୍ତ୍ରର ମୂଳ ଉଦେଶ୍ୟ ସମାବେଶିତା, ସହଭାଗିତା ଏବଂ ନ୍ୟାୟ ଦୁର୍ବଳ ହୋଇଯାଇଥାଏ। ଏକଥା କହିବା ଜରୁରୀ ଯେ ଡେମୋଗ୍ରାଫିକ୍ ନିୟନ୍ତ୍ରଣର ଅର୍ଥ କୌଣସି ସମୁଦାୟ ବିଶେଷକୁ ଟାର୍ଗେଟ କରିବା ନୁହେଁ ବରଂ ପ୍ରୟାସ କରାଯିବା ଉଚିତ୍ ଯେ ସବୁ ସମ୍ପ୍ରଦାୟକୁ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତି କରଣ ଏବଂ ଆର୍ଥୀକ ବିକାଶର ସମାନ ସୁଯୋଗ ଯେମିତି ମିଳିବ। ଏହା ହୋଇପାରିଲେ ସମ୍ପୁର୍ଣ୍ଣ ସମାଜ ସନ୍ତୁଳିତ ଏବଂ ସ୍ଥିର ଗତିରେ ଆଗକୁ ବଢ଼ିପାରିବ। ଯଦି ସବୁ ବର୍ଗରେ ପ୍ରଜନନ ହାର, ଜୀବନ ସ୍ତର ଏବଂ ସଂସାଧନ ପର୍ଯ୍ୟନ୍ତ ପହଞ୍ଚିବାର ସନ୍ତୁଳନ ରହିପାରିବ ତେବେ ଗଣତନ୍ତ୍ର ବାସ୍ତବିକ ସଶକ୍ତ ହୋଇପାରିବ। ଅନ୍ୟ ପକ୍ଷରେ ଯଦି କୌଣସି ସମୁଦାୟର ଜନସଂଖ୍ୟା ଅଧିକ ବଢ଼ିଯାଏ ପରନ୍ତୁ ଏହି ଜନସଂଖ୍ୟା ଶିକ୍ଷା, ଆର୍ଥୀକ ସହଭାଗିତା ଏବଂ ସମାନତା ଦିଗରେ ପଛରେ ରହିଯାଏ ତେବେ କେବଳ ଯେ ସେହି ସମୁଦାୟ ପ୍ରଭାବିତ ହୁଏ ତା ନୁହେଁ ବରଂ ରାଷ୍ଟ୍ରର ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ। ଏଣୁ ଡେମୋଗ୍ରାଫିକ ସନ୍ତୁଳନ କେବଳ ସଂଖ୍ୟାଗତ ଚାଲେଞ୍ଜ ନୁହେଁ ବରଂ ଏହା ଗଣତନ୍ତ୍ରର ସ୍ଥିରତା ଏବଂ ସାମାଜିକ ବ୍ୟବସ୍ଥାରେ ଆଧାର ଅଟେ। ଭୋଟବ୍ୟାଙ୍କ ରାଜନୀତି ମଧ୍ୟ ଡ଼େମୋଗ୍ରାଫିକ୍ ଅସନ୍ତୁଳନ ପାଇଁ ଅନେକ ମାତ୍ରାରେ ଦାୟୀ।

**ରାମଚନ୍ଦ୍ରପୁର, ରଣପୁର**
**ମୋ - ୯୪୩୮୪୮୫୦୯୪**



# ୭୯,୦୦୦ କୋଟିର ପ୍ରତିରକ୍ଷା ସାମଗ୍ରୀ କିଣିବାକୁ ଅନୁମୋଦନ

**ନୂଆଦିଲ୍ଲୀ,୨୩।୧୦:** ଭାରତୀୟ ସେନାର ଶକ୍ତି ବୃଦ୍ଧି ପାଇଁ ଗୁରୁବାର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ୭୯,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସାମରିକ ସାମଗ୍ରୀ କ୍ରୟକୁ ଅନୁମୋଦନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାୟୁସେନା, ନୌସେନା ଏବଂ ସ୍ଥଳସେନା ପାଇଁ ଏହି କ୍ରୟ ଯୋଜନାକୁ ମଞ୍ଜୁରୀ ମିଳିଛି।

ସ୍ଥଳସେନା ପାଇଁ 'ନାଗ ମିସାଇଲ ସିଷ୍ଟମ ଅନ୍ ଟ୍ରାକ୍ସ' କିଣିବା ପ୍ରସ୍ତାବକୁ 'ଆବଶ୍ୟକତାର ସ୍ୱୀକୃତି' ମିଳିଛି। 'ନାଗ ମିସାଇଲ ସିଷ୍ଟମ ଅନ୍ ଟ୍ରାକ୍ସ' ଶତ୍ରୁର ଯୁଦ୍ଧ ଯାନ, ବଙ୍କର ଏବଂ ଅନ୍ୟାନ୍ୟ କ୍ଷେତ୍ର ଦୁର୍ଗଗୁଡ଼ିକୁ ନଷ୍ଟ କରିବାରେ ସେନାର କ୍ଷମତାକୁ ବୃଦ୍ଧି କରିବ। ଏହାସହ ଗ୍ରାଉଣ୍ଡ ବେସ୍ଡ ମୋବାଇଲ ଏଲିଣ୍ଟ ସିଷ୍ଟମ୍ ଏବଂ କ୍ରେନ ଲାଗିଥିବା ହାଇ-ମୋବିଲିଟି ଯାନଗୁଡ଼ିକ କିଣିବାକୁ ମଧ୍ୟ ଅନୁମୋଦନ କରାଯାଇଛି। ଗ୍ରାଉଣ୍ଡ ବେସ୍ଡ ମୋବାଇଲ ଏଲିଣ୍ଟ ସିଷ୍ଟମ୍ ଶତ୍ରୁ ଇମିଟରର ୨୪ ଘଣ୍ଟିଆ ଇଲେକ୍ଟ୍ରୋନିକ୍ ଇଣ୍ଟେଲିଜେନ୍ସ ଯୋଗାଇବ। ନୌସେନା ପାଇଁ ଲ୍ୟାଣ୍ଡିଂ ପ୍ଲାଟଫର୍ମ ଡକ୍ସ, ୩୦ ମିମି ନାଭାଲ୍ ସର୍ଫେସ୍ ଗନ୍, ଉନ୍ନତ ଲାଇଟୱେଟ୍ ଟର୍ପେଡୋ, ଇଲେକ୍ଟ୍ରୋ-ଅପ୍ଟିକାଲ୍ ଇନ୍ଫ୍ରା-ରେଡ୍ ସର୍ଚ୍ଚ ଆଣ୍ଡ ଟ୍ରାକ୍ ସିଷ୍ଟମ୍ ଏବଂ ୭୬ ମିମି ସୁପର ରାପିଡ୍ ଗନ୍ ମାଉଣ୍ଟ ପାଇଁ ସ୍ମାର୍ଟ ଆମ୍ୟୁନିସନ୍ ଅନ୍ତର୍ଭୁକ୍ତ। ଲ୍ୟାଣ୍ଡିଂ ପ୍ଲାଟଫର୍ମ ଡକ୍ସ ଗୁଡ଼ିକ ସ୍ଥଳସେନା ଏବଂ ବାୟୁସେନା ସହିତ ମିଳିତ ଭାବେ ଉଭୟଚର ଆକ୍ରମଣ କାର୍ଯ୍ୟ କରିବା ସହ ଶାନ୍ତି ରକ୍ଷା, ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ୟବହୃତ ହେବ। ଡିଆରଡିଓ ଦ୍ୱାରା ବିକଶିତ ଆଡଭାନ୍ସଡ୍ ଲାଇଟୱେଟ୍ ଟର୍ପେଡୋ ସବମେରାଇନଗୁଡ଼ିକୁ ଟାର୍ଗେଟ କରିପାରିବ।




# ଭାରତୀୟ ସେନାକୁ ମିଳିବ ୪.୨୫ ଲକ୍ଷ ସ୍ୱଦେଶୀ ସିକ୍ୟୁବି କାର୍ବାଇନ

**ନୂଆଦିଲ୍ଲୀ,୨୩।୧୦:** ଭାରତୀୟ ସେନାର ଦୀର୍ଘ ଦିନର ଅପେକ୍ଷା ଶେଷ ହେବାକୁ ଯାଉଛି। ବର୍ଷକ ଭିତରେ ତାକୁ କ୍ଲୋଜ୍ କ୍ୱାର୍ଟର ବ୍ୟାଟଲ କାର୍ବାଇନ୍ ମିଳିବାକୁ ଯାଉଛି। ଏହି ହାଲକା ହତିଆର କାଉଣ୍ଟର-ଟେରର ଅପରେସନ୍ ଓ ଆତଙ୍କୀଙ୍କ ସହ ଘନିଷ୍ଠତକୁ ନେଇ ଖୁବ୍ ଉପଯୋଗୀ ମନେକରାଯାଏ। ଦୁଇ ଭାରତୀୟ କମ୍ପାନୀ ସହ ଏହାର ଉତ୍ପାଦନ ପାଇଁ ଚୁକ୍ତି ହୋଇଛି। ବର୍ଷକ ଭିତରେ ଏହାର ଡେଲିଭରି ଆରମ୍ଭ ହୋଇଯିବ। ଏଥିପାଇଁ ୨୭୭୦ କୋଟି ଟଙ୍କାର ଚୁକ୍ତି ଉପରେ ସ୍ୱାକ୍ଷର ହୋଇସାରିଛି। ଭାରତୀୟ ସେନା ଏଭଳି କାର୍ବାଇନର ଅପେକ୍ଷଣ ଦେଢ଼ ଦଶକ ଧରି କରୁଛି।

ଇକୋନୋମିକ୍ସ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଜଣେ ବରିଷ୍ଠ ଭାରତୀୟ ସେନା ଅଧିକାରୀ କହିଛନ୍ତି ସୈନିକଙ୍କ ପାଇଁ ୪.୨୫ ଲକ୍ଷ ସିକ୍ୟୁବି କାର୍ବାଇନ ତିଆରି କରିବାର ଚୁକ୍ତି ଦୁଇଟି ଭାରତୀୟ କମ୍ପାନୀ କଲ୍ୟାଣୀ ଷ୍ଟ୍ରାଟେଜିକ୍ ସିଷ୍ଟମ୍ସ ଏବଂ ଆଦାନୀ ଗ୍ରୁପର ପ୍ରତିରକ୍ଷା କମ୍ପାନୀ ପିଏଲ୍ଆର୍ ସିଷ୍ଟମ୍ସ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ୨୭୭୦ କୋଟି ଟଙ୍କାର ଚୁକ୍ତିନାମାରେ କଲ୍ୟାଣୀର ୬୦% ଅଂଶ ରହିବ। ବାକି ଉତ୍ପାଦନ ଗ୍ୱାଲିୟର ନିକଟରେ ଅବସ୍ଥିତ ଆଦାନୀ ଗ୍ରୁପର ଏକ କମ୍ପାନୀ ଦ୍ୱାରା ପରିଚାଳିତ ହେବ। ନିର୍ଦ୍ଦେଶକ ଜେନେରାଲ ଇନଫାଣ୍ଟ୍ରି, ଲେଫ୍ଟନାଣ୍ଟ ଜେନେରାଲ ଅଜୟ କୁମାର କହିଛନ୍ତି, ସ୍ୱଦେଶୀ ଭାବରେ ନିର୍ମିତ ଅସ୍ତ୍ରଶସ୍ତ୍ରର ଯୋଗାଣ ଗୋଟିଏ ବର୍ଷ ମଧ୍ୟରେ ଆରମ୍ଭ ହେବ। ଏହା ଭାରତୀୟ ସେନା ପାଇଁ ବହୁତ ଭଲ ଖବର, କାରଣ ଏହା ପୂର୍ବରୁ ଅନେକ ପ୍ରୟାସ ବିଫଳ ହୋଇଛି।

ସେନା ପାଖରେ ଯେଉଁ ପୁରୁଣା ପୀଢ଼ିର କାର୍ବାଇନ୍ ରହିଛି, ତାହା ବହୁତ ଆଗରୁ ଖରାପ ହୋଇସାରିଛି। ଏହାର ଅଭାବକୁ ପୂରା କରିବା ପାଇଁ ୧୫ ବର୍ଷରୁ ଧରି ଆମଦାନୀ ଚେଷ୍ଟା ବିଫଳ ରହିଛି। ସବୁବେଳେ ଏହି ବିବାଦ ଓ ଭ୍ରଷ୍ଟାଚାରର ଅଭିଯୋଗ କାରଣରୁ ଜଟିଳ ହୋଇଛି। ଡିଜି ଇନଫାନଟ୍ରି ଏହା ମଧ୍ୟ କହିଛନ୍ତି ଯେ, ସେନା ଏବେ ଜରୁରୀକାଳୀନ ବ୍ୟବସ୍ଥା ଅନୁସାରେ, ୧୨ଟି ଲଞ୍ଚର ସହ ୧୦୪ ଜାଭେଲିନ୍ ଆଣ୍ଟି ଟ୍ୟାଙ୍କ ମିସାଇଲ ମଧ୍ୟ କିଣିବାର ଚେଷ୍ଟାରେ ରହିଛି, ଯାହାକି ଭାରତରେ ହିଁ ତିଆରି କରାଯିବ।

# ଆସିଆନ ସମ୍ମିଳନୀରେ ଯୋଗଦେବେନି ମୋଦି

- ପ୍ରତିନିଧିତ୍ୱ କରିବେ ବୈଦେଶିକ ମନ୍ତ୍ରୀ
- ଟ୍ରମ୍ପଙ୍କୁ ଭେଟିବାକୁ ଚାହାନ୍ତିନି ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୩।୧୦:** ମାଲେସିଆରେ ହେବାକୁ ଥିବା ଆସିଆନ ସମ୍ମିଳନୀରେ ଯୋଗଦେବେ ନାହିଁ ପ୍ରଧାନମନ୍ତ୍ରୀ ମୋଦୀ। ଭର୍ଚୁଆଲ୍ ଭାବରେ ଶିଖର ସମ୍ମିଳନୀରେ ଯୋଗଦେବେ। ଏହି ଖବରକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କଡ଼ା ସମାଲୋଚନା କରିଛି କଂଗ୍ରେସ। ପ୍ରଧାନମନ୍ତ୍ରୀ ମୋଦୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏଡାଇବାକୁ ଚାହୁଁଛନ୍ତି। ଯେଉଁଥିପାଇଁ ସେ ସମ୍ମିଳନୀରେ ଯୋଗ ଦେଉନାହାଁନ୍ତି।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରି କଂଗ୍ରେସ ନେତା କଂଗ୍ରେସ ମହାସଚିବ ଜୟରାମ ରମେଶ କହିଛନ୍ତି ଯେ, ମୋଦୀ ଯୋଗଦେବେ କି ନାହିଁ ସେ ବିଷୟରେ ଗଣମାଧ୍ୟମରେ ଦୀର୍ଘ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ସମ୍ମିଳନୀରେ ଯୋଗଦେବେ ନାହିଁ ଏହା ଏବେ ପ୍ରାୟ ନିଶ୍ଚିତ। ଏହା କରିବା ଦ୍ୱାରା ବିଶ୍ୱ ନେତାମାନଙ୍କୁ ଭେଟି ନିଜକୁ ବିଶ୍ୱ ନେତା ଭାବରେ ପ୍ରଦର୍ଶନ କରିବାର ସୁଯୋଗ ହରାଇଛନ୍ତି।

କଂଗ୍ରେସ ମହାସଚିବ ଜୟରାମ ରମେଶ କହିଛନ୍ତି ଯେ, ସୋସିଆଲ ମିଡିଆରେ ଟ୍ରମ୍ପଙ୍କୁ ପ୍ରଶଂସା କରିବା ଗୋଟିଏ କଥା। କିନ୍ତୁ ମୋଦି ତାଙ୍କୁ ମୁହାଁମୁହିଁ ଭେଟିବାକୁ ଚାହୁଁନାହାନ୍ତି। ଟ୍ରମ୍ପ ବାରମ୍ବାର ଦାବି କରିଛନ୍ତି ଯେ, ସେ ଭାରତକୁ ରୁଷରୁ ତେଲ କିଣିବା ବନ୍ଦ କରିବାକୁ କହିଥିଲେ ଏବଂ ମୋଦି ଏହି ବିବାଦରେ ଫସିବାକୁ ଚାହାଁନ୍ତି ନାହିଁ। ସେଥିପାଇଁ ଭାରତର ପ୍ରତିନିଧିତ୍ୱ କରିବେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ପ୍ରଧାନମନ୍ତ୍ରୀ ମୋଦୀ ଶିଖର ସମ୍ମିଳନୀର କିଛି ଅଧିବେଶନରେ ଭର୍ଚୁଆଲ୍ ଭାବରେ ଅଂଶଗ୍ରହଣ କରିପାରନ୍ତି।

ଆସିଆନ ସମ୍ମିଳନୀ ଅକ୍ଟୋବର ୨୬ ରୁ ୨୮ ପର୍ଯ୍ୟନ୍ତ ମାଲେସିଆର କୁଆଲାଲମ୍ପୁରରେ ଅନୁଷ୍ଠିତ ହେବ। ଏଥିରେ ଟ୍ରମ୍ପଙ୍କ ସମେତ ଅନ୍ୟ ଅନେକ ଦେଶର ନେତାମାନେ ଅଂଶଗ୍ରହଣ କରିବେ। ଭାରତ ଏବଂ ଆସିଆନ ବାଣିଜ୍ୟ, ନିବେଶ, ସୁରକ୍ଷା ଏବଂ ପ୍ରତିରକ୍ଷା ଭଳି କ୍ଷେତ୍ରରେ ସେମାନଙ୍କର ସମ୍ପର୍କକୁ ମଜବୁତ କରୁଛନ୍ତି। କାରଣ ଭାରତ ଏବଂ ଆସିଆନ ମଧ୍ୟରେ ସହଯୋଗ ୧୯୯୨ ମସିହାରୁ ଜାରି ରହିଛି ଏବଂ ବର୍ତ୍ତମାନ ଏହା ଏକ ରଣନୈତିକ ସହଭାଗୀତାରେ ପରିଣତ ହୋଇଛି। ଆସିଆନ ସଦସ୍ୟ ଦେଶଗୁଡ଼ିକରେ ଇଣ୍ଡୋନେସିଆ, ମାଲେସିଆ, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲ୍ୟାଣ୍ଡ, ବ୍ରୁନେଇ, ଭିଏତନାମ, ଲାଓସ, ମିଆଁମାର ଏବଂ କାମ୍ବୋଡିଆ ରହିଛି।

# ରେଳଧାରଣାରେ ବିସ୍ଫୋରଣ

- ଆସାମରେ ଟଳିଲା ବଡ଼ ଦୁର୍ଘଟଣା

**ଗୌହାଟୀ,୨୩।୧୦:** ଆସାମର ଉତ୍ତରପୂର୍ବ ସୀମାନ୍ତ ରେଳବାଇର ଆଲିପୁରଦ୍ୱାର ଡିଭିଜନର ସଲାକାଟି ଏବଂ କୋକ୍ରାଝାର ଷ୍ଟେସନ ମଧ୍ୟରେ ରେଳ ଟ୍ରାକରେ ଗୁରୁବାର ବଡ଼ ଧରଣର ବିସ୍ଫୋରଣ ଘଟିଛି। ରାତି ପ୍ରାୟ ୧ଟାରେ ଏହି ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ଯୋଗୁଁ ୮ ରୁ ୧୦ ଟି ଟ୍ରେନ ବିଳମ୍ବ ହୋଇଥିଲା। ଅଧିକାରୀମାନେ କହିଛନ୍ତି ଯେ, ସକାଳ ୫:୨୫ ସୁଦ୍ଧା ଟ୍ରାକ ମରାମତି କରାଯାଇଥିଲା ଏବଂ ସକାଳ ୫:୩୦ ରେ ସାଧାରଣ ଟ୍ରେନ ସେବା ପୁନଃ ଆରମ୍ଭ ହୋଇଥିଲା। ଏହି ସମୟରେ, ସେକ୍ସନରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି। ରିପୋର୍ଟ ହୋଇଛି ଯେ, ଏକ ମାଲବାହୀ ଟ୍ରେନ ଏହି ରେଳଧାରଣା ଦେଇ ଯାଉଥିବା ବେଳେ ବିସ୍ଫୋରଣ ହୋଇଥିଲା, ଯାହା ଫଳରେ ଟ୍ରେନଟି ଅଟକି ଯାଇଥିଲା। ଘଟଣା ସମ୍ପର୍କରେ, ରେଳବାଇ ପୋଲିସ ଅଧୀକ୍ଷକ ପ୍ରଞ୍ଜିତ ବୋରା କହିଛନ୍ତି ଯେ, କୋକ୍ରାଝାରରେ ବିସ୍ଫୋରଣ ଯୋଗୁଁ ରେଳ ଟ୍ରାକରେ କ୍ଷତି ହୋଇଥିବା ଜଣାପଡିଛି। ମରାମତି ସମାପ୍ତ ହୋଇଛି ଏବଂ ଟ୍ରେନ ଚଳାଚଳ ପୁନର୍ବାର ଆରମ୍ଭ ହୋଇଛି।

# ଏନକାଉଣ୍ଟରରେ ୪ ଅପରାଧୀ ନିହତ

**ନୂଆଦିଲ୍ଲୀ,୨୩।୧୦:** ଦିଲ୍ଲୀର ବାହାଦୂର ଶାହା ମାର୍ଗରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ଓ ବିହାର ପୋଲିସର ମିଳିତ ଅପରେସନରେ ଚାରି ଜଣ ଅପରାଧୀ ନିହତ ହୋଇଛନ୍ତି। ମୃତକମାନେ ବିହାରର ଗ୍ୟାଙ୍ଗଷ୍ଟର ବୋଲି ଜଣାପଡ଼ିଛି। ଏମାନେ ବିହାରରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବିସ୍ଫୋରଣ କରିବାକୁ ଉଦ୍ୟମ କରୁଥିଲେ। ପୋଲିସ ଉପରକୁ ଫାୟରିଂ ବେଳେ ଏମାନେ ସଫା ହୋଇଛନ୍ତ। ଦୀର୍ଘ ଦିନ ଧରି ପୋଲିସ ଟାର୍ଗେଟରେ ଏହି ୪ ଗ୍ୟାଙ୍ଗଷ୍ଟର ଥିଲେ। ବୁଧବାର ବିଳମ୍ବିତ ରାତିରେ ବାହାଦୁର ଶାହ ମାର୍ଗରେ ଏହି ଏନକାଉଣ୍ଟର ହୋଇଥିଲା। ନିହତ ଗ୍ୟାଙ୍ଗଷ୍ଟରମାନେ ହେଲେ ରଞ୍ଜନ ପାଠକ, ବିମଲେଶ ମାହାତୋ, ମନୀଷ ପାଠକ ଏବଂ ଅମନ ଠାକୁର। ଚାରିଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା।

# 'କାର୍ବାଇଡ୍ ଗନ୍' ବିସ୍ଫୋରଣରେ ଆଖି ହରାଇଲେ ୧୪ ଶିଶୁ



**ଭୋପାଳ,୨୩।୧୦:** ଚଳିତ ବର୍ଷ ଦୀପାବଳି ଅବସରରେ ବ୍ୟବହୃତ 'କାର୍ବାଇଡ୍ ଗନ୍' ବା 'ଦେଶୀ ଫାୟାର କ୍ରାକର୍ ଗନ୍' ନାମକ ଏକ ବିପଜ୍ଜନକ ଖେଳଣା ପାଇଁ ମଧ୍ୟପ୍ରଦେଶରେ ୧୪ ଜଣ ଶିଶୁ ସେମାନଙ୍କ ଦୃଷ୍ଟିଶକ୍ତି ହରାଇଛନ୍ତି। ମାତ୍ର ତିନି ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ୧୨୨ରୁ ଅଧିକ ଶିଶୁ ଗୁରୁତର ଆଖି ଆଘାତ ନେଇ ଭର୍ତ୍ତି ହୋଇଛନ୍ତି। ଏଥିରେ ବିଦିଶା ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି, ଯେଉଁଠାରେ ଅକ୍ଟୋବର ୧୮ରେ ସରକାରୀ ନିଷେଧାଦେଶ ସତ୍ତ୍ୱେ ସ୍ଥାନୀୟ ବଜାରରେ ଏହି ଅସ୍ଥାୟୀ 'କାର୍ବାଇଡ୍ ଗନ୍' ଖୋଲାଖୋଲି ଭାବେ ବିକ୍ରି ହେଉଥିଲା। ଏହି ଦେଶୀ ଉପକରଣଗୁଡ଼ିକ ପ୍ଲାଷ୍ଟିକ୍ କିମ୍ବା ଟିଣ ପାଇପ୍, ବାରୁଦ, ଦିଆସିଲି କାଠି ଏବଂ କ୍ୟାଲସିୟମ୍ କାର୍ବାଇଡ୍ ମିଶାଇ ତିଆରି ହେଉଛି, ଯାହା ବିସ୍ଫୋରଣ ହେଲେ ଧ୍ୱଂସାବଶେଷ ଏବଂ ଜଳୁଥିବା ଗ୍ୟାସ୍ ବାହାର କରିଥାଏ। ଡାକ୍ତରମାନେ ଏହାକୁ ଖେଳଣା ନୁହେଁ, ବରଂ ଏକ ଉନ୍ନତ ବିସ୍ଫୋରକ ବୋଲି କହିବା ସହ ଚେତାବନୀ ଦେଇଛନ୍ତି। ହାମିଡିଆ ହସ୍ପିଟାଲର ଡାକ୍ତର ମନୀଷ ଶର୍ମାଙ୍କ ଅନୁଯାୟୀ, ବିସ୍ଫୋରଣରୁ ବାହାରୁଥିବା ଧାତୁ ଖଣ୍ଡ ଏବଂ କାର୍ବାଇଡ୍ ବାଷ୍ପ ରେଟିନାକୁ ଜଳାଇ ଦେଉଛି, ଫଳରେ ସ୍ଥାୟୀ ଅନ୍ଧତ୍ୱ ସୃଷ୍ଟି ହେଉଛି। ଭୋପାଳର ହାମିଡିଆ ହସ୍ପିଟାଲରେ ୭୨ ଘଣ୍ଟା ମଧ୍ୟରେ ୨୬ ଜଣ ଶିଶୁଙ୍କୁ ଭର୍ତ୍ତି କରାଯାଇଛି। ଭୋପାଳ, ଇନ୍ଦୋର, ଜବଲପୁର ଏବଂ ଗ୍ୱାଲିୟରର ହସ୍ପିଟାଲଗୁଡ଼ିକର ଆଖି ୱାର୍ଡଗୁଡ଼ିକ ଆହତ ରୋଗୀଙ୍କ ଦ୍ୱାରା ଭର୍ତ୍ତି ହୋଇ ରହିଛି। ବିଦିଶା ପୋଲିସ ଏହି ବିପଜ୍ଜନକ ଉପକରଣଗୁଡ଼ିକୁ ବେଆଇନ ଭାବେ ବିକ୍ରି କରୁଥିବା ଅଭିଯୋଗରେ ଛଅ ଜଣଙ୍କୁ ଗିରଫ କରିଛି।

# ପ୍ରଦୂଷଣ ଏଡ଼ାଇବାକୁ ଦିଲ୍ଲୀରେ କୃତ୍ରିମ ବର୍ଷା

**ନୂଆଦିଲ୍ଲୀ,୨୩।୧୦ :** ଦୀପାବଳି ପରେ ଭୟଙ୍କର ବାୟୁ ପ୍ରଦୂଷଣର ସମ୍ମୁଖୀନ ଦିଲ୍ଲୀରେ ଆଗାମୀ ତିନି ଦିନରେ ପ୍ରଥମ ଥର କୃତ୍ରିମ ବର୍ଷା ଦେଖିବାକୁ ମିଳିପାରେ। ଗୁରୁବାର ଏକ ସେସନା ବିମାନ କ୍ଲାଉଡ୍ ସିଡିଂ ମିଶନ ପାଇଁ ବାହାରି ସାରିଛି। ଗୋଟିଏ ଦିନ ପୂର୍ବରୁ ହିଁ ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା କହିଥିଲେ ଯେ, ଶୀତ ସମୟରେ ଦିଲ୍ଲୀ - ଏନସିଆରର ବିଷାକ୍ତ ଧୂଆଁକୁ ସଫା କରିବା ଉଦ୍ଦେଶ୍ୟରେ କରାଯାଇ ଥିବା ବହୁପ୍ରତୀକ୍ଷିତ କୃତ୍ରିମ ବର୍ଷାର ପ୍ରୟୋଗ ପାଇଁ ଉପଯୁକ୍ତ ବାଦଲ ନାହିଁ। ସେ ଏହା ମଧ୍ୟ କହିଥିଲେ ଯେ, ଭାରତୀୟ ପାଣିପାଗ ବିଜ୍ଞାନ ସରକାରଙ୍କୁ ୨୫ ଅକ୍ଟୋବର ଯାଏ ଏନେଇ କୌଣସି ଆଶା ଦେଇନାହିଁ। କ୍ଲାଉଡ୍ ସିଡିଂ ଅପରେସନ ପାଇଁ ସେସନା ବିମାନ କାନପୁରରୁ ମିରଟ ପାଇଁ ପ୍ରସ୍ଥାନ ହୋଇପାରେ। ଯଦି ପାଣିପାଗର ସ୍ଥିତି ଅନୁକୂଳ ହୁଏ, ତ ଆଗାମୀ ତିନି ଦିନରେ କେବେ ବି କୃତ୍ରିମ ବର୍ଷା କରାଯାଇପାରେ। ଅଧିକାରୀମାନେ କହିଛନ୍ତି ଯେ, ଏହି ଅପରେସନ ଅତ୍ୟନ୍ତ ଗୋପନୀୟ ଏବଂ ଏହାର ବିବରଣୀ ପୂରା ହେବା ପରେ ସେୟାର କରାଯିବ। କ୍ଲାଉଡ୍ ସିଡିଂ ଟେକନିକ୍ ଅନୁସାରେ, ସେସନା ବିମାନର ଉଭୟ ଡେଣା ତଳେ ଆଠରୁ ଦଶ ପକେଟ୍ ଲଗାଯାଇଛି। ଏହି ବ୍ୟାଗ୍ ଗୁଡ଼ିକରେ ରାସାୟନିକ ସାମଗ୍ରୀ (ସିଡିଂ ସାମଗ୍ରୀ) ଜମା ଅଛି। ବର୍ଷା ଆରମ୍ଭ କରିବା ପାଇଁ ଏହି ରାସାୟନିକକୁ ପଦାର୍ଥକୁ କକପିଟ୍ରୁ ନିୟନ୍ତ୍ରିତ କରି ବାଦଲ ତଳେ ମୁକ୍ତ କରାଯିବା ସହ ବିସ୍ଫୋରଣ କରାଯିବ, ଯେଉଁଥିରେ ବର୍ଷା ଆରମ୍ଭ ହୋଇପାରେ। ଅଧିକାରୀମାନେ କହିଛନ୍ତି ଯେ, ଏହି ପାୟରୋଟେକ୍ନିକ୍ ପ୍ରକ୍ରିୟା ଫ୍ଲେୟର୍ସ (ରାସାୟନିକ ଆଲୋକ) ଜାରି କରିବ, ଯାହା ବାଦଲ ସହ ପ୍ରତିକ୍ରିୟା କରି ବର୍ଷା ଆରମ୍ଭ କରିଦେବ। ସେ କହିଛନ୍ତି ଯେ, ଏହି କ୍ଲାଉଡ୍ ସିଡିଂ ଅପରେସନର ଆନୁମାନିକ ପ୍ରଭାବ କ୍ଷେତ୍ର ପାଖାପାଖି ୧୦୦ କିଲୋମିଟର ହେବ।

# ତେଜସ୍ୱୀ ଯାଦବ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

- ମୁକେଶ ସାହାଣୀ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ



**ପାଟନା, ୨୩।୧୦:** ବିହାରରେ ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି ଆରଜେଡି ନେତା ତେଜସ୍ୱୀ ଯାଦବ। ଏନେଇ ମହାମେଣ୍ଟ ତରଫରୁ ଆଜି ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। କଂଗ୍ରେସ ନେତାଙ୍କ ସହ ତମାମ ଆଲୋଚନା ପରେ ମହାମେଣ୍ଟ ତରଫରୁ ପ୍ରେସମିଟ୍ କରି ଏହି ଘୋଷଣା କରାଯାଇଛି। କଂଗ୍ରେସ ନେତା ଅଶୋକ ଗେହଲଟ ଏହି ଘୋଷଣା କରିଛନ୍ତି। ଅଶୋକ ଗେହଲଟ କହିଛନ୍ତି, ବିହାରରେ ମହାମେଣ୍ଟ ପୂରାପୂରି ଭାବେ ଏକଜୁଟ୍ ଅଛି। ଏଥିସହିତ ପୂରା ଶକ୍ତି ଲଗାଇ ନିର୍ବାଚନ ଲଢୁଛି। ମୁଖ୍ୟମନ୍ତ୍ରୀ ଚେହେରା ସମ୍ପର୍କରେ ସେ କହିଛନ୍ତି ଯେ, ସମସ୍ତଙ୍କର ରାୟ ନେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ଯେ, ତେଜସ୍ୱୀ ଯାଦବ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ହେବେ। ଅନ୍ୟପଟେ ଏହା ମଧ୍ୟ କୁହାଯାଇଛି ଯେ, ଯଦି ବିହାରରେ ମହାମେଣ୍ଟ ସରକାର ଗଠନ କରେ ତେବେ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେବା ସହିତ ମୁକେଶ ସାହାଣୀ ହେବେ ଉପ-ମୁଖ୍ୟମନ୍ତ୍ରୀ। ତେବେ ଏହି ଘୋଷଣା ଏବେ ବିହାର ରାଜନୀତିକୁ ସରଗରମ କରିଛି। ବିହାରରେ ଏଥର ଏନଡିଏ ଏବଂ ମହାମେଣ୍ଟ ଭିତରେ କଡ଼ା ଟକ୍କର ଦେଖିବାକୁ ମିଳିବ। ଗୋଟିଏ ପଟେ ଏନଡିଏ ନୀତିଶ କୁମାରଙ୍କ ନେତୃତ୍ୱରେ ମୈଦାନକୁ ଓହ୍ଲାଇଛି। ହେଲେ ମହାମେଣ୍ଟରେ କିନ୍ତୁ ଦୀର୍ଘଦିନ ହେଲା ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ଅଙ୍କ ଛିଣ୍ଡିପାରୁ ନଥିଲା। ଖାସ୍ କରି ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିବାକୁ କଂଗ୍ରେସ ଅମଙ୍ଗ ଥିବା ଚର୍ଚ୍ଚା ହେଉଥିଲା। ହେଲେ କଂଗ୍ରେସ ସହ ମହାମେଣ୍ଟ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଛି।

- କେରଳ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# 'ମନ୍ଦିରର ପୂଜାରୀ କୌଣସି ବିଶେଷ ଜାତିର ହେବା ଜରୁରି ନୁହେଁ'

**ନୂଆଦିଲ୍ଲୀ,୨୩।୧୦:** ମନ୍ଦିରରେ ପୂଜାରୀଙ୍କ ନିଯୁକ୍ତି ଉପରେ କେରଳ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି। ମନ୍ଦିରରେ ପୂଜାରୀଙ୍କ ନିଯୁକ୍ତି କେବଳ ଏକ ବିଶେଷ ଜାତି କିମ୍ବା ବଂଶରୁ ହିଁ ହେବେ ବୋଲି କେହି ମଧ୍ୟ ଜୋର ଦେଇପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏହାସହ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏପରି ଜାତି କିମ୍ବା ବଂଶ-ଆଧାରିତ ନିଯୁକ୍ତି ଭାରତର ସମ୍ବିଧାନ ଅଧୀନରେ କୌଣସି ସଂରକ୍ଷଣ ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ଧାର୍ମିକ ପ୍ରଥା ନୁହେଁ। କେରଳ ହାଇକୋର୍ଟ କହିଛନ୍ତି ଯେ, କୌଣସି ବିଶେଷ ଜାତିର ବ୍ୟକ୍ତି ହିଁ ମନ୍ଦିରର ପୂଜାରୀ ହୋଇପାରିବେ କିମ୍ବା କୌଣସି ବଂଶର ବ୍ୟକ୍ତି ହୋଇପାରିବେ ବୋଲି ହିନ୍ଦୁ ଧର୍ମଗ୍ରନ୍ଥରେ କୌଣସି ସ୍ଥାନରେ ଉଲ୍ଲେଖ ନାହିଁ। ହିନ୍ଦୁ ଧର୍ମରେ ଏପରି କୌଣସି ପରମ୍ପରା କିମ୍ବା ବିଧାନ ନାହିଁ । ଖଣ୍ଡପୀଠ ଶୁଣାଣି ବେଳେ ୧୯୭୨ରେ ସୁପ୍ରିମକୋର୍ଟଙ୍କ ସେସମ୍ମଲ ବନାମ ତାମିଲନାଡୁ କେସ ଉପରେ ରାୟକୁ ଉଦାହରଣ ଭାବେ ଦର୍ଶାଇଥିଲେ। ଖଣ୍ଡପୀଠ କହିଥିଲେ ଯେ, ସେତେବେଳ କୋର୍ଟ ସ୍ପଷ୍ଟ କରିଥିଲେ ମନ୍ଦିର ପୂଜାରୀଙ୍କ ଭର୍ତ୍ତି ଏକ ସେକୁଲାର ନିଷ୍ପତ୍ତି ହୋଇଥାଏ।

# ଜଷ୍ଟିସ ସୂର୍ଯ୍ୟକାନ୍ତ ପରବର୍ତ୍ତୀ ସିଜେଆଇ !



**ନୂଆଦିଲ୍ଲୀ,୨୩।୧୦:** କେନ୍ଦ୍ର ସରକାର ଗୁରୁବାର ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବର୍ତ୍ତମାନର ସିଜେଆଇ ବି.ଆର.ଗଭାଇ ନଭେମ୍ବର ୨୩ରେ ଅବସର ଗ୍ରହଣ କରିବେ। ରିପୋର୍ଟ ଅନୁସାରେ ଜଷ୍ଟିସ୍ ଗଭାଇଙ୍କୁ ତାଙ୍କ ଉତ୍ତରାଧିକାରୀଙ୍କ ନାଁ ଅନୁରୋଧ କରୁଥିବା ଚିଠି ଶୁକ୍ରବାର ପଠାଯିବ। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବିଚାରପତିଙ୍କ ନିଯୁକ୍ତି, ସ୍ଥାନାନ୍ତର ଏବଂ ପଦୋନ୍ନତି ପାଇଁ ମାର୍ଗଦର୍ଶନ କରୁଥିବା ଦଲିଲର ଏକ ସେଟ୍ ହେଉଛି ମେମୋରାଣ୍ଡମ୍ ଅଫ୍ ପ୍ରୋସିଡିଅର। ଏହା ଅନୁଯାୟୀ, ଭାରତର ମୁଖ୍ୟ ବିଚାରପତି ପଦବୀରେ ନିଯୁକ୍ତି ସୁପ୍ରିମକୋର୍ଟର ବରିଷ୍ଠତମ ବିଚାରପତିଙ୍କଠାରୁ କରାଯିବା ଉଚିତ। କେନ୍ଦ୍ର ଆଇନ ମନ୍ତ୍ରୀ ଉପଯୁକ୍ତ ସମୟରେ ତାଙ୍କ ଉତ୍ତରାଧିକାରୀଙ୍କ ନିଯୁକ୍ତି ପାଇଁ ଭାରତର ବିଦାୟୀ ପ୍ରଧାନ ବିଚାରପତିଙ୍କ ସୁପାରିସ୍ ଲୋଡ଼ିବେ। ପାରମ୍ପରିକ ଭାବରେ, ଏହି ଚିଠି ବର୍ତ୍ତମାନର ସିଜେଆଇଙ୍କ ଅବସର ନେବାର ଗୋଟିଏ ମାସ ପୂର୍ବରୁ ପଠାଯାଏ। ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ପ୍ରଧାନ ବିଚାରପତିଙ୍କ ପରେ ସବୁଠାରୁ ବରିଷ୍ଠ ବିଚାରପତି। ସେ ସିଜେଆଇ ହେବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ନିଯୁକ୍ତି ପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ପରବର୍ତ୍ତୀ ମୁଖ୍ୟ ବିଚାରପତି ହେବେ ଏବଂ ପ୍ରାୟ ୧୫ ମାସ ପାଇଁ ୯ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ।

# ରୁଷ ତୈଳ କମ୍ପାନୀ ଉପରେ ଆମେରିକାର ପ୍ରତିବନ୍ଧକ

**ୱାଶିଂଟନ, ୨୩।୧୦ :** ଅମେରିକା ରୁଷିଆର ଦୁଇଟି ସବୁଠୁ ପ୍ରମୁଖ ତେଲ କମ୍ପାନୀ ରୋସନେଫ୍ଟ ଏବଂ ଲୁକୋଇଲ୍ ଉପରେ ପ୍ରତିବନ୍ଧକ ଲଗାଇଛି। ଏହି ଘୋଷଣା ନିଜେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରିଛନ୍ତି। ସେ କହିଛନ୍ତି ଯେ, ନିଜ ପ୍ରଥମଥର ପାଇଁ ତାଙ୍କୁ ରୁଷିଆ ବିରୋଧରେ ପ୍ରତିବନ୍ଧକ ଲଗାଇବାର ସିଦ୍ଧାନ୍ତ ନେବାକୁ ପଡ଼ିଲା। ଏହି ଘୋଷଣା, ବୁଡାପେଷ୍ଟରେ ଦୁଇ ନେତାଙ୍କ ମଧ୍ୟରେ ହେବାକୁ ଥିବା ସାକ୍ଷାତ ଯୋଜନା ବିଫଳ ହେବା ପରେ ହୋଇଛି। ୟୁକ୍ରେନ ଉପରେ ମସ୍କୋର ବ୍ୟାପକ ଆକ୍ରମଣ ପରେ ରୁଷିଆ ଉର୍ଜା କ୍ଷେତ୍ରର ବିରୋଧରେ ଅମେରିକାର ଏହା ସବୁଠୁ ବଡ଼ ପଦକ୍ଷେପ।

# ମାନ ପରୀକ୍ଷାରେ ୧୧୨ ଔଷଧ ବିଫଳ

**ଗୋଟିଏ ନକଲି, ତଦନ୍ତ ଆରମ୍ଭ**



**ନୂଆଦିଲ୍ଲୀ ୨୩।୧୦:** ଦେଶରେ ଔଷଧର ମାନକୁ ନେଇ ପୁଣି ଥରେ ଚିନ୍ତା ଉଦ୍ରେକ ହୋଇଛି। ସେଣ୍ଟ୍ରାଲ ଡ୍ରଗସ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ ସେପ୍ଟେମ୍ବର ୨୦୨୫ର ରିପୋର୍ଟ ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯ, ମୋଟ ୧୧୨ ଔଷଧ ମାନ ପରୀକ୍ଷଣ (କ୍ୱାଲିଟି ଟେଷ୍ଟିଂ)ରେ ବିଫଳ ହୋଇଛି, ଅର୍ଥାତ ଏହି ଔଷଧର ମାନ ନିକୃଷ୍ଟ। ରିପୋର୍ଟ ଅନୁସାରେ ୫୨ ସାମ୍ପଲ ସେଣ୍ଟ୍ରାଲ ଡ୍ରଗ ଲ୍ୟାବସ୍ ଓ ୬୦ ସାମ୍ପଲ ଷ୍ଟେଟ ଡ୍ରଗ ଟେଷ୍ଟିଂ ଲ୍ୟାବସ୍ ରେ ଫେଲ ହୋଇଛନ୍ତି।

କେବଳ ଏତିକି ନୁହେଁ ଛତିଶଗଡ଼ରେ ଏକ ଔଷଧ ନକଲୀ ବୋଲି ଜଣାପଡିଛି, ଯାହାକୁ କୌଣସି ଏକ ଅନ୍ୟ କମ୍ପାନୀ ନାମରେ ତିଆରି କରାଯାଉଥିଲା। ସରକାରୀ ଲ୍ୟାବସ୍ ସାରା ଦେଶରୁ ଔଷଧ ନମୁନା ସଂଗ୍ରହ କରି ପରୀକ୍ଷଣ କରନ୍ତି। ଏହି ରିପୋର୍ଟ ପ୍ରତିମାସରେ ସିଡିଏସସିଓଙ୍କ ୱେବସାଇଟ୍ ରେ ଜାରି ହୁଏ। ଏଥିରେ କୁହାଯାଇଛି ଯେ, ଯେଉଁ ଔଷଧଗୁଡିକ କ୍ୱାଲିଟିରେ ଫେଲ ହୁଏ, ଏହାର ପ୍ରଭାବ କେବଳ ସେହି ବ୍ୟାଚ୍ ମଧ୍ୟରେ ସୀମିତ ରହେ, ବାକି ଔଷଧ ଉପରେ ଏହାର ପ୍ରଭାବ ପଡେନି।

ହେଲେ ବାରମ୍ବାର ରିପୋର୍ଟରେ ୧୦୦ରୁ ଅଧିକ ଏନଏସକ୍ୟୁ ଔଷଧ ମିଳିବା ଏହି କଥାକୁ ଇସାରା କରୁଛି ଯେ, ପ୍ରଣାଳୀରେ କେଉଁଠି ନା କେଉଁଠି ତ୍ରୁଟି ରହୁଛି। ତେବେ ବିଶେଷଜ୍ଞଙ୍କ କହିବା କଥା ହେଉଛି ଯେଉଁ ପର୍ଯ୍ୟନ୍ତ ମେନୁଫେକ୍ଚରିଂ ଓ ଡିଷ୍ଟ୍ରିବ୍ୟୁସନ ଚେନ୍ ଉପରେ କଡ଼ା ନଜର ନ ରଖାଯାଇଛି ସେ ପର୍ଯ୍ୟନ୍ତ ଏହି ଖେଳ ଜାରି ରହିବ। ଏଥିରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା ହେଉଛି ଖରାପ କ୍ୱାଲିଟି ଔଷଧ କେବଳ ରୋଗୀକୁ ନୁହେଁ ବରଂ ପୂରା ସ୍ୱାସ୍ଥ୍ୟ ପ୍ରଣାଳୀ ପାଇଁ ବିପଦଜନକ।

# ଏଲୋନ ମସ୍କ ପ୍ରସ୍ତୁତ କରୁଛନ୍ତି 'ରୋବଟ୍ ସେନା'

**ମଣିଷ ଭଳି ଦେଖାଯିବେ, ୫ ଗୁଣା ଅଧିକ ଶକ୍ତିଶାଳୀ**



**ନୂଆଦିଲ୍ଲୀ,୨୩।୧୦:** ଆମେରିକୀୟ ଅରବପତି ଏବଂ ଟେସଲାର ସିଇଓ ଏଲୋନ ମସ୍କ ପ୍ରସ୍ତୁତ କରୁଛନ୍ତି 'ରୋବଟ୍ ଆର୍ମି' ବା ରୋବଟଙ୍କ ଏକ ସେନା । ତାଙ୍କର ଯୋଜନା ନେଇ ମସ୍କ କହିଛନ୍ତି, ସେ ଏକ ବଡ଼ 'ରୋବଟ୍ ସେନା' ଗଠନ କରିବାକୁ ଚାହୁଁଛନ୍ତି, ଯେଉଁଥିରେ ଆଗାମୀ କିଛି ବର୍ଷ ମଧ୍ୟରେ ୧୦ ଲକ୍ଷ ୟୁନିଟ୍ ଅପ୍ଟିମସ୍ ରୋବୋଟ୍ ତିଆରି କରିବେ। ଇଲେକ୍ଟ୍ରିକ୍ ଭେଇକିଲ୍ ତିଆରି କରୁଥିବା ଟେସଲା ହିଁ ଅପ୍ଟିମସ୍ ରୋବଟ୍ ବିକଶିତ କରୁଛି। କମ୍ପାନୀର ତ୍ରୈମାସିକ ଫଳାଫଳ ପ୍ରକାଶନ ସମୟରେ, ମସ୍କ କହିଛନ୍ତି ଯେ ଅପ୍ଟିମସ୍ ଟେସଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇପାରେ।

ମସ୍କ ଅପ୍ଟିମସ୍ ପାଇଁ ଖୁବ୍ ଆଶାବାଦୀ। ତାଙ୍କ ମତରେ ଏହା ରୋବଟର ସବୁଠାରୁ ବଡ଼ ପ୍ରଡକ୍ଟ ତିଆରି କରିବାର ଯୋଗ୍ୟତା ରଖିଛି। ରୋବଟ୍‌କୁ ମଣିଷ ଅପେକ୍ଷା ପାଞ୍ଚ ଗୁଣ ଅଧିକ ଦକ୍ଷତାର ସହିତ କାମ କରିବା ପାଇଁ ଡିଜାଇନ୍ କରାଯାଇଛି। ମସ୍କ କମ୍ପାନୀର ବୋର୍ଡକୁ ପ୍ରୋଜେକ୍ଟ ଉପରେ ପୂର୍ଣ୍ଣ ଅଧିକାର ଦେବା ପାଇଁ ଅନୁରୋଧ କରିଛନ୍ତି।ଅପ୍ଟିମସ୍ ମାନୁଫାକଚରିଂ, ଲଜିଷ୍ଟିକ୍ସ, ହେଲଥ୍ କେୟାର ଏବଂ ଘରୋଇ ସହାୟତାରେ ଏବଂ କଷ୍ଟକର କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଉଛି। କମ୍ପାନୀ ଏହାକୁ ମଣିଷ ପରି କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରୁଛି।

ମସ୍କ କହିଛନ୍ତି, ଏହି ରୋବଟ୍‌ଗୁଡ଼ିକ ଦାରିଦ୍ର୍ୟ ମୁକ୍ତ ବିଶ୍ୱ ସୃଷ୍ଟି କରିପାରିବେ ଏବଂ ସମସ୍ତଙ୍କୁ ଉତ୍କୃଷ୍ଟ ଚିକିତ୍ସା ସେବା ପ୍ରଦାନ କରିପାରିବେ। ଏହି ରୋବଟ୍‌ଗୁଡ଼ିକ ସର୍ଜନ ଭାବରେ ମଧ୍ୟ କାର୍ଯ୍ୟ କରିପାରିବେ। ୨୦୨୩ ମସିହାରେ ଟେସଲାର ଏକ ଇଭେଣ୍ଟରେ ଅପ୍ଟିମସ୍ ଉନ୍ମୋଚିତ ହୋଇଥିଲା। ସେବେଠାରୁ ଏହା ଚର୍ଚ୍ଚାରେ ରହିଛି। ନିକଟରେ, ରୋବଟ୍ କୁଙ୍ଗ ଫୁ ଶିଖୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ୨୦୨୩ ମସିହାରୁ, କମ୍ପାନୀ ଅପ୍ଟିମସ୍ ଉପରେ କାର୍ଯ୍ୟ ତ୍ୱରାନ୍ୱିତ କରିଛି, ଏବଂ ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। କିଛି ଦିନ ପୂର୍ବରୁ, ମସ୍କ ଅପ୍ଟିମସ୍ ସମ୍ପୂର୍ଣ୍ଣ ଭାବରେ AI-ଚାଳିତ ଏବଂ ଏହାକୁ ଟେଲିଅପରେଟ୍ କରିବାର କିଛି ଆବଶ୍ୟକତା ନାହିଁ। ଏହାର ଅର୍ଥ ହେଉଛି ଏହା ମାନବ ନିୟନ୍ତ୍ରଣ ବିନା ଗତି କରିପାରିବ ଏବଂ କାର୍ଯ୍ୟରେ ପ୍ରତିକ୍ରିୟା ଦେଇପାରିବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଏହାର ମାସ୍ ପ୍ରଡକ୍ସନ ହେବାର ଆଶା ରହିଛି।

SANCHAR ସଂଚାର

## ପୋଖରୀରେ ବୁଡ଼ି ଶ୍ରମିକ ମୃତ

**ସମ୍ବଲପୁର,୨୩।୧୦ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ମହଦା ଗ୍ରାମ ପଞ୍ଚାୟତ ମହଦା ଗାଁ ରେ ବୁଧବାର ଦିନ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମର ଜଣେ ଯୁବକ ଗାଧୋଇବା ପାଇଁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବୁଧବାର ସକାଳୁ ଠାସକର ମୁଣ୍ଡା ବୟସ ୪୫ ଗାଁରେ ଦିନମଜୁରିଆ କାମ କରନ୍ତି। କାମରୁ ଛୁଟିହେବା ପରେ ଗାଧୋଇବା ପାଇଁ ଗ୍ରାମ ନିକଟସ୍ଥ ଗଣ୍ଡା ବନ୍ଧ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବା ଯୋଗୁଁ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସନ୍ଧ୍ୟା ୫ ଟା ସମୟରେ ସ୍କୁଲ ପିଲାମାନେ ପୋଖରୀକୁ ସ୍ନାନ ହେବା ପାଇଁ ଯାଇଥିଲେ। ଏହି ସମୟରେ ଗାଧୁଆ ତୁଠରେ ଏକ ଶବ ଭାସୁଥିବା ଦେଖିଥିଲେ ଏବଂ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଶେଷରେ ପୋଖରୀକୁ ଯାଇ ଦେଖିବା ବେଳକୁ ଠାସକରଙ୍କ ପୋଷାକ, ଚପଲ ଆଦି ତୁଠରେ ଭାସୁଥିଲା। ଜମନକିରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଏହାପରେ ଦମକଳ ବାହିନୀ ରାତିରେ ଠାସକରଙ୍କୁ କୁଚିଣ୍ଡା ସ୍ଥିତ ମୁଖ୍ୟ ଚିକିତ୍ସା କେନ୍ଦ୍ର କୁ ନେଇଥିଲେ। ଏ ନେଇ ଅଭିଯୋଗ ପାଇବା ପରେ କୁଚିଣ୍ଡା ପୋଲିସ ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ କୁଚିଣ୍ଡା ସ୍ଥିତ ଚିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ହାଟ ପାଇଁ ଏସ୍‌ଓପି ଆଣିବ ବିଏମସି

**ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ):** ରାଜଧାନୀର ବିଭିନ୍ନ ହାଟ ପାଇଁ ଏସ୍‌ଓପି ଆଣିବ ବିଏମସି। ଭୁବନେଶ୍ୱରରେ ଥିବା ୨୦ଟି ବଡ଼ ହାଟ ପାଇଁ ଏସ୍‌ଓପି ଲାଗୁ ହେବ ବୋଲି ଭୁବନେଶ୍ୱରର ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ମେୟର କହିଛନ୍ତି ସମସ୍ତ ହାଟ କମିଟି ପାଇଁ ବିଧିବଦ୍ଧ ନିର୍ବାଚନ ହେବ। ବିଏମସି ଅଧିକାରୀଙ୍କ ଉପସ୍ଥିତିରେ ହାଟ କମିଟି ନିର୍ବାଚନ ହେବା ସହ ହାଟର ଗୋଷ୍ଠୀମାନଙ୍କ ପାଇଁ ଗ୍ରୁପ ଇନ୍ସୁରାନ୍ସ ହେବ। ରାଜଧାନୀର ହାଟ ଗୁଡ଼ିକରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। ହାଟ ଭିତରେ ବ୍ୟବସାୟୀ ଜରିମାନା ଟାଣି ପାରିବେନି କିମ୍ବା ରାସ୍ତା ଉପରକୁ ମାଡ଼ି ବ୍ୟବସାୟ କରି ପାରିବେନି।

## ଆଉ ମନମାନି କରିପାରିବେନି ସୋସିଆଲ ମିଡିଆ କମ୍ପାନୀ

**ନୂଆଦିଲ୍ଲୀ,୨୩।୧୦:** ଭାରତ ସରକାର ସୋସିଆଲ ମିଡିଆ ଗାଇଡଲାଇନରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ଏକ୍ସ ସହିତ କୋର୍ଟରେ ଲଢେଇ ପରେ ସରକାର ଏହି ବଡ଼ ପଦକ୍ଷେପ ନେଇଛନ୍ତି। ମିନିଷ୍ଟ୍ରି ଅଫ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫର୍ମେସନ ସୂଚନା ପ୍ରଯୁକ୍ତି ନିୟମ ୨୦୨୧ରେ ସଂଶୋଧନ ବିଜ୍ଞାପିତ କରିଛନ୍ତି। ସରକାରଙ୍କ କହିବା କଥା ହେଉଛି ଏହି ପରିବର୍ତ୍ତନ ସୋସିଆଲ ମିଡିଆ କମ୍ପାନୀ ଯେପରି ମନମାନି ନ କରିବେ ତାହା ସୁନିଶ୍ଚିତ କରିବା। ଏହା ଦ୍ୱାରା ବେଆଇନ କଣ୍ଟେଣ୍ଟ ହଟାଇବା ଆହୁରି ପାରଦର୍ଶୀ ହେବ। ଆଇନରେ ସବୁଠୁ ବଡ଼ ପରିବର୍ତ୍ତନ ଅବୈଧ ସୂଚନା ହଟାଇବାର ଆଦେଶ ଜାରି କରୁଥିବା ଅଧିକାରୀଙ୍କର ପଦକୁ ନେଇ କରାଯାଇଛି। ଏବେ କେବଳ ବରିଷ୍ଠ ପଦରେ ଥିବା ଅଧିକାରୀ ଏହି ଆଦେଶ ଜାରି କରିପାରିବେ। ସୋସିଆଲ ମିଡିଆରୁ ବେଆଇନ ସୂଚନା ହଟାଇବାକୁ ନିର୍ଦ୍ଦେଶ ଏବେ ଯୁଗ୍ମ ସଚିବ ଏ ସମକକ୍ଷ ପଦବୀ ତଳେ ଥିବା ଅଧିକାରୀଙ୍କ ଦ୍ୱାରା ଆଉ ଜାରି ହୋଇ ପାରିବନି। ଏଥିରେ ଆଉ ଏକ ମୁଖ୍ୟ ସଂଶୋଧନ ହେଉଛି ଅଧିକାରୀ ଏବେ ଅବୈଧ କଣ୍ଟେଣ୍ଟ ହଟାଇବା ନିର୍ଦ୍ଦେଶ ଦେବା ବେଳେ ଏଥି ପାଇଁ ସ୍ୱତନ୍ତ୍ର ବିବରଣୀ ମଧ୍ୟ ଦେବେ। ସେହିପରି ମନ୍ତ୍ରାଳୟର ଅନୁସାରେ ସୋସିଆଲ ମିଡିଆରେ ପ୍ରକାଶିତ ହେଉଥିବା କଣ୍ଟେଣ୍ଟର ମାସିକିଆ ସମୀକ୍ଷା ମଧ୍ୟ କରାଯିବା ଦରକାର। ଏଥିରୁ ଏହା ସୁନିଶ୍ଚିତ ହୋଇ ପାରିବ ଯେ ଏପରି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ଅନୁପାତିକ ଓ ଆଇନ ଅନୁରୂପ ହୋଇଛି। ସରକାରଙ୍କ ଦ୍ୱାରା ଏହି ସଂଶୋଧନ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରା ଏକ୍ସ ର ସେହି ପିଟିସନ ଖାରଜ କରିବା ପରେ ଆସିଛି, ଯେଉଁଥିରେ ସରକାରୀ ଅଧିକାରୀଙ୍କ ଇନଫର୍ମେସନ ବ୍ଲକିଂ ଅର୍ଡର ଜାରି କରିବାର ଅଧିକାରକୁ ଚ୍ୟାଲେଞ୍ଜ କରାଯାଇଥିଲା।

## ଏସ୍‌ଆଇଆର୍ ପ୍ରସ୍ତୁତି ସଂକ୍ରାନ୍ତ ସିଇଓ ସମ୍ମିଳନୀ ଉଦ୍‌ଯାପିତ



**ଭୁବନେଶ୍ୱର/ନୂଆଦିଲ୍ଲୀ,୨୩।୧୦:** ଭାରତ ନିର୍ବାଚନ ଆୟୋଗର ଦୁଇ ଦିନିଆ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀ ଆଜି ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ୍ ମ୍ୟାନେଜମେଣ୍ଟ ରେ ସମାପ୍ତ ହୋଇଛି।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ, ଡକ୍ଟର ବିବେକ ଜୋଶୀଙ୍କ ସମେତ ଦେଶର ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଆର ଏସ ଗୋପାଳନ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ଼ଃ ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ନିର୍ବାଚନ ଆୟୋଗ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ସେମାନଙ୍କ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ବିଶେଷ ସଘନ ସଂଶୋଧନ ପାଇଁ ସେମାନଙ୍କର ପ୍ରସ୍ତୁତିକୁ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ବିଗତ ଏସଆଇଆର ଅନୁଯାୟୀ ବର୍ତ୍ତମାନର ଭୋଟରମାନଙ୍କୁ ପୂର୍ବ ଭୋଟରମାନଙ୍କ ଅନୁସାରେ ମାନଚିତ୍ରଣ କରିବା ପାଇଁ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହୋଇଥିବା ଅଗ୍ରଗତିକୁ ଆୟୋଗ ମୂଲ୍ୟାଙ୍କନ କରିଥିଲେ। ଆୟୋଗ ନିର୍ବାଚନ ହେବାକୁ ଥିବା ଆସାମ, ତାମିଲନାଡୁ, ପୁଡୁଚେରୀ, କେରଳ ଏବଂ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ବ୍ୟକ୍ତିଗତ ଭାବରେ ଆଲୋଚନା କରିଥିଲେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ପାଳିତ

**ଭଦ୍ରକ,୨୩।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳ ଭଦ୍ରକଙ୍କ ସଭାପତିତ୍ୱରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ -୨୦୨୫ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଶିଶୁ ଦେଶର ଭାଗ୍ୟ ବିଧାତା, ଶିଶୁ ହସିଲେ ଦେଶ ହସିବ ବୋଲି ବର୍ଣ୍ଣନା କରିଥିଲେ। ଜିଲ୍ଲାପାଳ ନିଜର ସ୍ୱଳ୍ପ ସମୟର ଭାଷଣରେ ବହୁତ ମର୍ମ କଥା ଗୁଡିକ କହି ଯାଇଛନ୍ତି। ଅବହେଳିତ ହିତାଧିକାରୀଙ୍କ ପାଖକୁ ସେବା ପହଞ୍ଚା ଯାଇପାରିବ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ କାର୍ଯ୍ୟକ୍ରମରେ ଯୋଗଦେଇ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କିପରି କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଡବ୍ଲ୍ୟୁସି ଚେୟାରମ୍ୟାନ ଦେବରାଜ ପାଣିଗ୍ରାହୀ ଶିଶୁ ମାନଙ୍କ ପାଇଁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ମାନ ବିଷୟରେ ଆଲୋଚନା କରିଥିଲେ। ଏହାପରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ କରାଯାଇଥିଲା। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ସପ୍ତାହ ପ୍ରସ୍ତୁତି

**ସମ୍ବଲପୁର, ୨୩।୧୦ (ସଂଚାର ବ୍ୟୁରୋ):** ଅକ୍ଟୋବର ୨୩ ତାରିଖ ଠାରୁ ସମ୍ବଲପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ-୨୦୨୫ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ସପ୍ତାହ ୨୭ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯିବ। ଏବର୍ଷର ଥିମ୍ ହେଉଛି ଦୁର୍ନୀତି ନିବାରଣ ଆମର ସମୂହିକ ଦାୟିତ୍ୱ। ଏହା ସମ୍ବନ୍ଧରେ ଏକ ପ୍ରସ୍ତୁତି ସଭା ଆଜି ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା, ଯେଉଁଠାରେ ପୁଲିସ ଅଧୀକ୍ଷକ ଭିଜିଲାନ୍ସ ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, ସିଡିଓ- କମ୍- ଇଓ, ଜିଲ୍ଲା ପରିଷଦ ପ୍ରସନ୍ନ ପାତ୍ର ଓ ଜିଲ୍ଲା ସ୍ତର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

## ଦନ୍ତା ନେଲା ଯୁବକଙ୍କ ଜୀବନ

**କେନ୍ଦୁଝର, ୨୩।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ବନଖଣ୍ଡ ବାଂଶପାଳ ଧାନଗଦି ଗାଁରେ ପୁଣି ଦନ୍ତାହାତୀ ନେଲା ଆଉ ଜଣେ ଯୁବକଙ୍କ ଜୀବନ। ପ୍ରତ୍ୟେକ ମାସରେ ଜଣେ ଦୁଇଜଣ ହାତୀ ଆକ୍ରମଣର ଶିକାର ହେଉଛନ୍ତି। କେନ୍ଦୁଝର ବନଖଣ୍ଡ ଅଞ୍ଚଳର ବିଜେପି ରେଞ୍ଜ ଶୁଆକାଟି ସେକ୍ସନ ବାଂଶପାଳ ବିଟ୍ ଧାନଗଦି ଗ୍ରାମର ୧୮ବର୍ଷୀୟ ଯୁବକ ଶିବ ମୁଣ୍ଡା ନିଜ ଫସଲକୁ ରକ୍ଷା କରିବା ପାଇଁ ଗଛ ଉପରେ ମଞ୍ଚା କରି ଜଗିରହିଥିବା ସମୟରେ ହଟାତ୍ ୩୦ ଟିକିଆ ଜଙ୍ଗଲି ହାତୀ ତାଙ୍କ କ୍ଷେତକୁ ପଶି ଆସିଥିଲେ। ଶିବ ତାଙ୍କ ଗାଁ ଲୋକଙ୍କ ସହ ହାତୀମାନଙ୍କୁ ଘଉଡ଼େଇବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣ ଚାଲିଯାଇଥିଲା। ଅନ୍ୟମାନେ ପ୍ରାଣ ବିକଳରେ ଗଛରେ ଚଢ଼ି ନିଜ ଜୀବନକୁ ବଞ୍ଚାଇ ନେଇଥିଲେ। ତେବେ ଏବେ ମୃତ ଶିବ ମୁଣ୍ଡାଙ୍କ ସ୍ତ୍ରୀ ଯାତ୍ରୀ ମୁଣ୍ଡାଙ୍କ କୋଳରେ ୨୧ ଦିନର ଶିଶୁ ପୁତ୍ର ରହିଥିବା ବେଳେ ଗ୍ରାମବାସୀ ହାତୀ ଗତି ବିଧି ଉପରେ ସୂଚନା ଦିଆଯାଉ ନଥିବା ଅଭିଯୋଗ ଆଣି ମୃତ ପରିବାରକୁ ସରକାରୀ ସହାୟତା ଦେବାକୁ ଦାବି କରିଛନ୍ତି।

## ବାର୍‌ହା ମାଂସ ବିକ୍ରିବେଳେ ଯୁବକ ଗିରଫ

**କେନ୍ଦୁଝର, ୨୩।୧୦ (ସଂଚାର ବ୍ୟୁରୋ):** ପାଟଣା ବନାଞ୍ଚଳ ଅନ୍ତର୍ଗତ ବଣମହୁଲିଡ଼ିହା ସାପ୍ତାହିକ ହାଟରେ ଗତ ସନ୍ଧ୍ୟାରେ ବାରାହ୍ ମାଂସ ବିକ୍ରି କରୁଥିବା ବେଳେ ଜଣେ ଯୁବକକୁ ମାଡିବସିଲା ବନବିଭାଗ। ସୂଚନା ଅନୁସାରେ ବଣମହୁଲିଡ଼ିହା ଗ୍ରାମର ପାତ୍ରସ ମୁଣ୍ଡା ସେହି ଗ୍ରାମରେ ଜଣେ ବ୍ୟକ୍ତି ମାଂସ ବିକ୍ରି କରୁଥିବା ନଜର ପଡ଼ିବା ପରେ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସଦ୍ଧାର ପାଟଣା ବନପାଳ ନିରଞ୍ଜନ ସେଠୀ ଓ ତଣ୍ଡୋ ବନରକ୍ଷୀ ଦେବଜାନୀ ମହାନ୍ତି ପ୍ରମୁଖ ଘଟଣା ସ୍ଥଳକୁ ଯାଇ ସତ୍ୟାସତ୍ୟ ଯାଞ୍ଚ କରିଥିଲେ। ରୋହିଣୀଦୁମା ଗ୍ରାମର ଶମ୍ଭୁ ମହାନ୍ତଙ୍କ ପୁଅ ହରିଶ୍ଚନ୍ଦ୍ର ମହାନ୍ତ (୨୫)ଙ୍କୁ ଗିରଫ କରାଯାଇଛି। ଏପରିକି ହରିଶ୍ଚନ୍ଦ୍ର ଙ୍କ ଘରୁ ମଧ୍ୟ ବାରାହ୍ ମାଂସ ବନ ବିଭାଗ ଜବତ କରିଥିଲେ। ସେ ମୟୂରଭଞ୍ଜ ଜିଲ୍ଲା ଭିକାରାମଦା ହାଟରୁ ମାଂସ ଆଣି ଏଠାରେ ୩ ଶହ ଟଙ୍କା କିଲୋରେ ବିକ୍ରି କରିଥିଲେ। ଆଜି ବନ ବିଭାଗ କେସ ନଂ. ୫୩( ପି) ୨୦୨୫-୨୦୨୬ ଅନୁଯାୟୀ ହରିଶ୍ଚନ୍ଦ୍ରଙ୍କୁ ବନ ବିଭାଗ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ମା' ଭଦ୍ରକାଳୀଙ୍କ ସିଂହବାହିନୀ ବେଶ

ଭଦ୍ରକ, ୨୩।୧୦ (ସଂଚାର ବ୍ୟୁରୋ): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଶକ୍ତି ଦାୟିନୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ଚତୁର୍ଥ ଦିନରେ ସିଂହ ବାହିନୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କ ଏହି ଅପୂର୍ବ, ଅଲୌକିକ ରୂପକୁ ଦର୍ଶନ କରିବା ଲାଗି ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ପୀଠରେ ଭକ୍ତ ମାନଙ୍କର ଗହଳି ଲାଗିଥିଲା। ମା' ଭଦ୍ରକାଳୀଙ୍କ ସିଂହବାହିନୀ ବେଶକୁ ଦର୍ଶନ କରି ଭକ୍ତମାନେ ଆନନ୍ଦିତ ହେଇଛନ୍ତି।

# ଜଙ୍ଗଲ ପଦା କରୁଛନ୍ତି ବେଆଇନ୍ କରତକଳ

ଭୁବନେଶ୍ୱର,୨୩।୧୦: ଜଙ୍ଗଲ କ୍ଷେତ୍ରଫଳ ବୃଦ୍ଧି ପାଇଁ ରାଜ୍ୟ ସରକାର ବ୍ୟାପକ ବୃକ୍ଷରୋପଣ କରୁଥିବାବେଳେ ବେଆଇନ୍ କରତକଳଗୁଡିକ କିନ୍ତୁ ଜଙ୍ଗଲ ପଦା କରିବାରେ ଲାଗିଛନ୍ତି। ଗାଁ ଗହଳିରେ ଲୁଚାଛପାରେ ଚାଲିଥିବା କରତକଳ ଏବେ ସରକାରଙ୍କ ଜଙ୍ଗଲବୃଦ୍ଧି ରାସ୍ତାରେ କଣ୍ଟା ସାଜିଛନ୍ତି।

କାଠ କାଟିବାପାଇଁ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ମୋଟ୍ ୧୭୫ଟି କରତକଳକୁ ଅନୁମତି ଦେଇଛନ୍ତି। ଏହି କରତକଳଗୁଡିକ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ ହୋଇଛି ଓ ସେମାନେ କେଉଁ କାଠ ଚିରଟ କରିବେ ତାହାର ବି ତାଲିକା ରହିଛି। ଗୋଟିଏ ସ୍ଥାନରେ କରତକଳଗୁଡିକ ଥିବାରୁ ଜଙ୍ଗଲବିଭାଗର ଅଧିକାରୀମାନେ ଏହା ଉପରେ ନଜର ରଖିବା ସହଜ ହୋଇଥାଏ। ତେବେ ଗାଁ ଗହଳର ସବୁଲୋକେ ଏମାନଙ୍କ ନିକଟରେ କାଠ କାଟିବାକୁ ଆସନ୍ତି ନାହିଁ।

ଗାଁଗହଳରେ କାଠ କାଟିବାପାଇଁ ଏବେ ଛୋଟ ଛୋଟ କରତକଳ ସ୍ଥାପନ ହେଉଛି। ଏହି ଅତ୍ୟାଧୁନିକ କରତକଳଗୁଡିକ ବିଦ୍ୟୁତ୍ ଚାଳିତ ହୋଇଥିବାବେଳେ କମ୍ ଶବ୍ଦ ସୃଷ୍ଟି କରୁଥିବାରୁ ଏଗୁଡିକୁ ସହଜେ ଠାବ କରାଯା।ଇ ପାରୁନାହିଁ। ତେବେ ଗତ ଆର୍ଥିକ ବର୍ଷରେ ୫୭ଟି ବେଆଇନ୍ କରତକଳ ଜବତ ହେବା ସହିତ ୫୩ଜଣ ଦୋଷୀଙ୍କ ନାମରେ ମାମଲା ରୁଜୁ ହୋଇଛି।

ଜବତ ହୋଇଥିବା କରତକଳଗୁଡିକରୁ ୫୨ ଘନମିଟର କାଠ ଜବତ ହୋଇଥିବାବେଳେ ପ୍ରଶାସନ ୭୪ଟି କାଠଗଣ୍ଡି ଜବତ ହୋଇଛି। ଏଥି ସହିତ ବେଆଇନ୍ କରତକଳର ଯନ୍ତ୍ରାଂଶକୁ ମଧ୍ୟ ଜବତ କରାଯାଇଛି। ପ୍ରତିବର୍ଷ କରତକଳଗୁଡିକ ଜବତ ହେଉଥିବାବେଳେ ନୂଆ ନୂଆ ବେଆଇନ୍ କରତକଳମାନ ଗଢି ଉଠୁଛି। ବେଆଇନ୍ ଭାବେ ଗଢି ଉଠୁଥିବା କରତକଳଗୁଡିକ ଦିନ ରାତି କାଠ କାଟିବାରେ ଲାଗିଛନ୍ତି। ବିଶେଷକରି ଯେଉଁସବୁ ଗଛ ଯଥା ଶାଳ, ଶାଗୁଆନ ଆଦି କାଠକୁ ଏମାନେ କାଟୁଛନ୍ତି। କାରଣ ଏଭଳି କାଠ ସରକାରୀ ଅନୁମତିପ୍ରାପ୍ତ କରତକଳରେ କଟାଯିବା ଏତେଟା ସହଜ ନୁହେଁ। ଏହାଛଡା ଘରଠାରୁ ଦୂରରେ ଥିବା ସରକାରୀ ଅନୁମତିପ୍ରାପ୍ତ କରତକଳଗୁଡିକରେ କାଠ ନେଇ କାଟିବା ବ୍ୟୟବହୁଳ ହୋଇଥିବାରୁ ଘର ନିକଟରେ ଥିବା ବେଆଇନ୍ କରତକଳକୁ ଲୋକେ ଯାଉଛନ୍ତି।

ସରକାରୀ କୋଠାବାଡିରେ କାଠ ବ୍ୟବହାର ଉପରେ ସରକାର କଟକଣା ଜାରି କରିଥିବାବେଳେ ଗାଁ ଠାରୁ ସହରର ଲୋକେ କିନ୍ତୁ ଘରେ କାଠ ତିଆରି ସାମଗ୍ରୀ ବହୁଳଭାବେ ବ୍ୟବହାର କରୁଛନ୍ତି। ତେଣୁ ଚାହିଦା ମେଣ୍ଟାଇବାପାଇଁ ବେଆଇନ୍ କରତକଳ ଲୋକଙ୍କ ସାହାରା ପାଲଟିଥିବାବେଳେ ଜଙ୍ଗଲ ପଦା କରିବାରେ ଏମାନଙ୍କର ପ୍ରମୁଖ ଭୂମିକା ରହୁଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଦର୍ଶନର...

ସୂଚନା ଦେଇନାହିଁ। କିନ୍ତୁ କୋରାପୁଟ ଏସ୍‌ପି ରୋହିତ ବର୍ମା କହିଛନ୍ତି ଯେ ବ୍ରହ୍ମପୁର ପୁଲିସ୍ ସହଯୋଗରେ ସୁନୀଲକୁ ଗିରଫ କରାଯାଇଛି। ଉଭୟଙ୍କୁ ପୁଲିସ ଜେରା କରୁଥିବା ବେଳେ ସୁନୀଲର ମାମଲା ସହ ପ୍ରକୃତ ସମ୍ବନ୍ଧ କ'ଣ, ତା' ଖୁବ୍‌ଶୀଘ୍ର ବ୍ରହ୍ମପୁର ପୁଲିସ୍ ସ୍ପଷ୍ଟ କରିବା ଆଶା କରାଯାଉଛି। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସହଯୋଗୀ ଥିଲା ସୁଦର୍ଶନ। ତେବେ ଏହି ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଉମା ବିଷୋୟୀ ଏବେବି ଫେରାର ରହିଛି। ଉମାକୁ ଧରିବା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଉମା ଧରାପଡ଼ିବା ପରେ ଅନେକ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି।

ପୁଲିସ୍ ତଦନ୍ତ ସମୟରେ ଜଣାପଡ଼ିଛି ଯେ ସୁନୀଲର କୋରାପୁଟ ବ୍ଲକ୍ ଅନ୍ତର୍ଗତ କାଳିଆଗାଁରେ ଏକ ଇଟାଭାଟି ଓ ଫାର୍ମ ହାଉସ୍ ରହିଛି। ଗତ ଅକ୍ଟୋବର ୬ ତାରିଖରେ ପୀତବାସଙ୍କୁ ହତ୍ୟା କରିବା ପରେ ଦୁଇ ହତ୍ୟାକାରୀ କୁରୁପତି ଭୂୟାଁ ଓ ଉମା ଜୟପୁର ଯାଇ ସୁନୀଲଙ୍କ ଫାର୍ମ ହାଉସ୍‌ରେ ଲୁଚିଥିଲେ ବୋଲି ତଦନ୍ତ ସମୟରେ ଜଣାପଡ଼ିଛି।

### ୭ରୁ ରୋଡ୍...

କାର୍ଯ୍ୟକ୍ରମ ଦେଶର ବିଭିନ୍ନ ରାଜ୍ୟରେ ଅତ୍ୟାଧୁନିକ ରାସ୍ତା ନିର୍ମାଣ ଜ୍ଞାନକୌଶଳର ଉପଯୋଗ ପାଇଁ ଆଗ୍ରହ ସୃଷ୍ଟି କରିବ। କାରଣ ଏହାଦ୍ୱାରା ଭିତ୍ତିଭୂମିର ବିକାଶ ହେବ, ଯାହା ବିକାଶ ଦିଗରେ ରାଜ୍ୟକୁ ଆଗେଇନେବ ବୋଲି କହିଛନ୍ତି ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଓଡ଼ିଶା ଷଷ୍ଠ ଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରିବ। ଏହା ପୂର୍ବରୁ ଏଠାରେ ୧୯୫୪, ୧୯୮୨, ୧୯୯୪, ୨୦୦୫ ଓ ୨୦୧୫ରେ ଏହି ଅଧିବେଶନ ସଫଳତାର ସହ ସମ୍ପନ୍ନ ହୋଇସାରିଛି।

ଅଧିବେଶନର ସୁପରିଚାଳନା ପାଇଁ ୧୮ଟି କମିଟି ଗଠନ କରାଯାଇଛି। ସେହିପରି ଏଠାକୁ ଆସିବାକୁ ଥିବା ରାଜ୍ୟ ବାହାର ପ୍ରତିନିଧିଙ୍କ ରହଣି ପାଇଁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି) ଦ୍ୱାରା ରାଜଧାନୀରେ ୯୦୦ ହୋଟେଲ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଆହୁରି ଆୟୋଜନସ୍ଥଳ ନିକଟରେ ଥିବା ବିଭିନ୍ନ ହୋଟେଲରେ ୧୫୦ଟି ରୁମ ଭିଭିଆଇପି, ମାନ୍ୟଗଣ୍ୟ ବ୍ୟକ୍ତି ଓ ଆଇଆର୍‌ସି ଅଧିକାରୀଙ୍କ ରହଣି ପାଇଁ ସଂରକ୍ଷିତ ରଖାଯାଇଥିବା ଜଣାପଡ଼ିଛି।

ଆଇଆଇଟି ଭୁବନେଶ୍ୱର, ଏନ୍‌ଆଇଟି ରାଉରକେଲା ଭଳି ପ୍ରମୁଖ ବୈଷୟିକ ପ୍ରତିଷ୍ଠାନର ପ୍ରମୁଖ ଶିକ୍ଷାବିତ୍, ପ୍ରଫେସର ଓ ବିଦ୍ୱାନମାନଙ୍କୁ ସଡ଼କ କ୍ଷେତ୍ରରେ ସାମ୍ପ୍ରତିକ ସମୟର ପଦକ୍ଷେପ, ସଡ଼କ ପ୍ରକଳ୍ପର ସଫଳ କାହାଣୀ, ବ୍ୟବହାରକାରୀଙ୍କ ଫାଇଦା ପାଇଁ ଗ୍ରହଣ କରାଯାଇଥିବା ଅଭିନବ ପଦକ୍ଷେପ, ସଡ଼କ ସୁରକ୍ଷାରେ ଉନ୍ନତି, ଆଇଆର୍‌ସି କୋଡ୍ ବ୍ୟବହାରର ଅଭିଜ୍ଞତା ସ୍ମାରକୀ ପାଇଁ ଲେଖା ଦାଖଲ କରିବାକୁ କୁହାଯାଇଥିବା ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି।

### ଗେମ୍-ଚେଞ୍ଜର...

ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ ହେବ। ଏହି ଆଲୁମିନିଅମ୍ ଆଲୟ ଏରୋସ୍ପେଶ୍, ଇଲେକ୍ଟ୍ରିକ୍ ଭେହିକିଲ୍ସ ଓ ପ୍ରତିରକ୍ଷା ଆଦି କ୍ଷେତ୍ରରେ ବ୍ୟବହାର ହୋଇପାରିବ। ଏହାଦ୍ୱାରା ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହେବ ଓ ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ବିପୁଳ ଅଭିବୃଦ୍ଧି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନାର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତିବଦ୍ଧ। ଭିତ୍ତିଭୂମିର ବିକାଶ ତଥା ବେଦାନ୍ତ ଭଳି କମ୍ପାନୀର ପୁଞ୍ଜି ବିନିଯୋଗ ଜରିଆରେ ଓଡ଼ିଶା ସରକାର ଏହି ଲକ୍ଷ୍ୟ ହାସଲ କରିବେ। ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ଗ୍ଲୋବାଲ୍ ହବ୍ ହେବା ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଆମର ଏହି ଉଦ୍ୟମ ଦ୍ୱାରା କେବଳ ଅର୍ଥନୈତିକ ଅଭିବୃଦ୍ଧି ହେବନାହିଁ, ଯୁବବର୍ଗ ପାଇଁ ବ୍ୟାପକ ସୁଯୋଗ ବି ସୃଷ୍ଟି ହେବ। ଆହୁରି ଜନସାଧାରଣ ସଶକ୍ତ ହେବେ ଏବଂ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବ। ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜି ନିବେଶ ଏକ ଗେମ୍-ଚେଞ୍ଜର ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ ବେଦାନ୍ତର ଶିଳ୍ପ ପ୍ରକଳ୍ପଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଫେରାର୍...

ସେ ଉପରିସ୍ଥ ଅଧିକାରୀଙ୍କ ଅନୁମତି ନ ନେଇ କିପରି ଡ୍ୟୁଟିରେ ଅନୁପସ୍ଥିତ ରହିଲେ, ତା' ସବୁଠାରୁ ବଡ଼ ପ୍ରଶ୍ନବାଚୀ ହୋଇଛି।

ସିସିଟିଭିରେ ଉପରୋକ୍ତ କର୍ମଚାରୀମାନଙ୍କ କାର୍ଯ୍ୟକଳାପ ରେକର୍ଡ ହେଇଛି। ରାତି ୧୧ଟାରେ ୫ ମିନିଟ ପାଇଁ ବୁଲିକି ବାବୁ ମାନସିକ ହସ୍ପିଟାଲ ୱାର୍ଡରେ ଯାଇ ନିଘୋଡ଼ ନିଦରେ ଶୋଇ ପଡ଼ିଛନ୍ତି। ଆଉ ୱାର୍ଡରଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁଇ ବିହାରୀ କଏଦୀ ସେଲର ଗୋଟିଏ ଗ୍ରୀଲ କାଟିଥିଲେ।

ଆଉ ସେଇ ବାଟ ଦେଇ ସେମାନେ ବେଶ୍ ଆରାମରେ ଫେରାର ହୋଇଯାଇଥିଲେ। ଆଉ ଏସବୁ କାଣ୍ଡ ଘଟିଛି ରାତି ସାଢ଼େ ଗୋଟାଏରୁ ୨ଟା ମଧ୍ୟରେ।

ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ୱାର୍ଡର ମହାଶୟ ନିଦରୁ ଉଠି ସେଲକୁ ଆସିଛନ୍ତି। କିନ୍ତୁ ସେ ଜାଣିପାରିଲେନି ଯେ ସେଲରୁ କଏଦୀ ଫେରାର ହୋଇଯାଇଛନ୍ତି। ତାଙ୍କ ରିଲିଭର ଆସିବା ପରେ ହିଁ ଦୁଇ ବିହାରୀ କଏଦୀ ଫେରାର ହୋଇଥିବା କଥା ଜଣାପଡ଼ିଥିଲା।

ଚୌଦ୍ୱାର ଭଳି ରାଜ୍ୟର ଏକ ପ୍ରମୁଖ ଜେଲ୍‌ରେ ଅଫିସର ଓ ଅନ୍ୟ କର୍ମଚାରୀମାନଙ୍କ ଏଭଳି ଖାମଖିଆଲ ଡ୍ୟୁଟି ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏସବୁ ଘଟଣାକ୍ରମ ଜେଲ ଡିଜିଙ୍କ କାନରେ ବାଜିଲାଣି। ହେଲେ ଡିଆଇଜି ଏସବୁ ତ୍ରୁଟିକୁ ତାଙ୍କ ରିପୋର୍ଟରେ ଚାପିଦେଇଥିବା ଜଣାପଡ଼ିଛି। ଯେଉଁଥିରୁ ବିହାରୀ କଏଦୀ ଚକମା ଦେଇ ଫେରାର ହୋଇଛନ୍ତି ନା ଜାଣିଶୁଣି ସେମାନଙ୍କୁ ଫେରାର ହୋଇଯିବା ସକାଶେ ସୁଯୋଗ ସୃଷ୍ଟି କରାଯାଇଛି, ସେନେଇ ସନ୍ଦେହ କ୍ରମଶଃ ଘନୀଭୂତ ହେଉଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବାର ନିତାନ୍ତ ଆବଶ୍ୟକତା ରହିଛି।

### ଇଣ୍ଡୋନେସିଆ..

କହିଛନ୍ତି। ଏଥିସହ ଚଳିତ ବର୍ଷ ବାଲିଯାତ୍ରାରେ ପ୍ରଥମ ଥର ପାଇଁ ଥ୍ରୀଡି ଗ୍ୟାଲେରୀ, ଏକ୍ସପେରିୟେନ୍ସ ଜୋନ୍ ଓ ଭିଣ୍ଟେଜ କାର୍ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ। ଚଳିତ ବର୍ଷ ବଲିଉଡ଼ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ଓ ହର୍ଷଦୀପ କୌର୍ ବାଲିଯାତ୍ରାରେ ସଙ୍ଗୀତ ପରିବେଷଣ କରିବେ, ଯାହାକି ନିଶ୍ଚିତ ଭାବେ ଦର୍ଶକଙ୍କୁ ଆମୋଦିତ କରିବ ଓ ସେମାନଙ୍କ ଉପସ୍ଥିତି ବାଲିଯାତ୍ରା ପଡ଼ିଆକୁ ଅଧିକରୁ ଅଧିକ ଦର୍ଶକଙ୍କୁ ଟାଣିଆଣିବ ବୋଲି ଜିଲ୍ଲାପାଳ ଆଶା କରିଛନ୍ତି।

### ନିଶ୍ଚିନ୍ତକୋଇଲି...

ସଠିକ୍ ଅଡିଟ୍ ହେଲେ ବହୁ ଜାଲିଆତିର ଗୁମର ଫିଟିବ। ବିଦ୍ୟାଳୟ ପରିଚାଳନା ମଣ୍ଡଳୀଙ୍କ ଉପସ୍ଥିତି ଓ ଦସ୍ତଖତ ନେଇ ଆରଟିଆଇ ତଥ୍ୟରେ ଯେଉଁ ରେକର୍ଡ ଆସିଛି, ତାହାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ବିଭିନ୍ନ କାର୍ଯ୍ୟ ପାଇଁ ପ୍ରସ୍ତୁତ ସଙ୍କଳ୍ପରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ମାତ୍ର ୩/୪ ଜଣଙ୍କ ଦସ୍ତଖତରେ କାମ ହୋଇଛି। ପରିଚାଳନା ମଣ୍ଡଳୀରେ ୧୦ରୁ ଅଧିକ ସଦସ୍ୟ ଥିବା ବେଳେ ଅନ୍ୟମାନେ କାହିଁକି ନିରବ ରହିଲେ କିମ୍ବା ସେମାନଙ୍କ ଅଗୋଚରରେ ଏହା ହୋଇଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଶିକ୍ଷକମାନଙ୍କୁ ଅପମାନିତ କରିବା, କାର୍ଯ୍ୟରେ ଅବହେଳା ଆଦିକୁ ନେଇ ଏବେ ସବୁଆଡୁ ବିରୋଧର ସମ୍ମୁଖୀନ ହେଉଥିବା ବିଇଓଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ଅନେକ ବ୍ୟକ୍ତି ତାଙ୍କ ପୂର୍ବ କାର୍ଯ୍ୟ ସଂକ୍ରାନ୍ତରେ ସୂଚନା ଅଧିକାର ବଳରେ ତଥ୍ୟ ଗୋଟାଇବାରେ ଲାଗିଛନ୍ତି। ଏହା ଆଗାମୀ ଦିନରେ କେବଳ ବିଇଓଙ୍କ ପାଇଁ ବୁମେରାଂ ହେବନାହିଁ ବରଂ ତାଙ୍କୁ ସୁରକ୍ଷା ଦେଉଥିବା ଗଡଫାଦର ବି ନିନ୍ଦିତ ହେବେ ବୋଲି ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଆଲୋଚନା ଜୋର ଧରିଛି।

### ୫୦ ମାଓବାଦୀଙ୍କ...

ପରେ ଏବେ ୫୦ ଜଣ ମାଓବାଦୀ ସେମାନଙ୍କର ପଥକୁ ଅନୁସରଣ କରିଛନ୍ତି। ଫଳସ୍ୱରୂପ ଛତିଶଗଡ଼ରେ ଆଉ ୩ରୁ ୪ ଶହ ମାଓବାଦୀ ସକ୍ରିୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ମାତ୍ର ୫ରୁ ୭ ଜଣ କେନ୍ଦ୍ରୀୟ କମିଟି ସଦସ୍ୟ ରହିଛନ୍ତି। ବ୍ୟାପକ ମାତ୍ରାରେ ମାଓବାଦୀ ସଂଗଠନ ପରିତ୍ୟାଗ କରି ମୁଖ୍ୟସ୍ରୋତରେ ସାମିଲ ହେବା ଛତିଶଗଡ଼ ପୁଲିସ ଓ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିବା କେନ୍ଦ୍ର ସରକାରଙ୍କ ପାଇଁ ଏକ ସକାରାତ୍ମକ ଦୃଶ୍ୟପଟ୍ଟ।

ବିଶେକେରି କେନ୍ଦ୍ରୀୟ କମିଟି ସଦସ୍ୟ ରୂପେଶ ଓ ଭୂପତି ଆତ୍ମସମର୍ପଣ କରିସାରିଥିବା ବେଳେ ଏହା ମାଓ ସଂଗଠନ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। କାରଣ ଏମାନେ ହିଁ ସଂଗଠନକୁ ଆଗକୁ ବଢ଼ିବା ଦିଗରେ ସମସ୍ତ ପ୍ରକାର ବ୍ଲୁ ପ୍ରିଣ୍ଟ ତିଆରି କରୁଥିଲେ। ଏବେ ଯେଉଁ କେନ୍ଦ୍ରୀୟ ସଦସ୍ୟମାନେ ସକ୍ରିୟ ଅଛନ୍ତି ସେମାନେ ନିଷ୍ପତ୍ତି ନେବାରେ ସେତେଟା ସିଦ୍ଧହସ୍ତ ନଥିବା କୁହାଯାଉଛି। ତେଣୁ ଆଉ ଜୀବନକୁ ବାଜି ନ ଲଗାଇ ବାକି ଜୀବନ ପରିବାର ଲୋକଙ୍କ ସହ ଖୁସିରେ କଟାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି।

### ୬ ବ୍ଲକ୍ ...

ସମ୍ପୃକ୍ତ ଏଡିଇଓମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିବାରୁ ସେମାନଙ୍କ ଦରମା ବନ୍ଦ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି। କିଛି ମାସ ପୂର୍ବରୁ ମନରେଗା ଟାର୍ଗେଟ୍ ପୂରା କରିନଥିବାରୁ କେତେକ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଦରମା ବନ୍ଦ ହୋଇଥିଲା।

### ଟ୍ରମ୍ପଙ୍କ ...

କ୍ରୁଡ୍ ଫ୍ୟୁଚର୍ସ ୨.୧୨ ଡଲାର ବୃଦ୍ଧି ପାଇ ପ୍ରତି ବ୍ୟାରେଲ୍‌କୁ ୬୪.୭୧ ଡଲାରରେ ପହଞ୍ଚିଥିବା ବେଳେ ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ ମଧ୍ୟ ୨.୦୯ ବୃଦ୍ଧି ପାଇ ୬୦.୫୯ ରେ କାରବାର କରିଛି। ଏହି ଦର ବୃଦ୍ଧିକୁ କିଛି ବିଶ୍ଳେଷକ କେବଳ ଏକ କ୍ଷଣିକ ପ୍ରତିକ୍ରିୟା ବୋଲି କହିଛନ୍ତି।

ସେମାନଙ୍କ ମତରେ ପୂର୍ବରୁ ଲାଗୁ ହୋଇଥିବା କଟକଣା ରୁଷିଆର ତୈଳ ଉତ୍ପାଦନ କିମ୍ବା ରାଜସ୍ୱ ଉପରେ ବିଶେଷ ଦୀର୍ଘକାଳୀନ ପ୍ରଭାବ ପକାଇ ନଥିଲା, କାରଣ ଭାରତ ଏବଂ ଚାଇନା ପରି କ୍ରେତାମାନେ କ୍ରୟ ଜାରି ରଖିଥିଲେ।

## ଝାରପଡ଼ା ଜେଲରୁ ବାହାରିଲେ ଅମରେଶ



**ଭୁବନେଶ୍ୱର, ୨୩।୧୦ (ସଂଚାର ବ୍ୟୁରୋ):** ଝାରପଡ଼ା ଜେଲରୁ ବାହାରିଲେ ଭୁବନେଶ୍ୱରର କର୍ପୋରେଟର ଅମରେଶ ଜେନା । ଦୁଇ ମାସରୁ ଅଧିକ ଦିନ ଧରି ଜେଲରେ ଥିଲେ ଅମରେଶ ଜେନା। ଜେଲରୁ ବାହାରିବା ପରେ ତାଙ୍କର ଭବ୍ୟ ସ୍ୱାଗତ କରିଥିଲେ ସମର୍ଥକ ମାନେ । ପୁଷ୍ପ ମାଲ୍ୟ ସହ ଆଳତି କରିଛନ୍ତି ମହିଳା ସମର୍ଥକ । ଏହାପରେ ବାଜା ବଜାଇ ବିରାଟ ପଟୁଆରରେ ଅମରେଶ ଜେନାଙ୍କୁ ପାଛୋଟି ନେଇଥିଲେ ଶୁଭେଚ୍ଛୁ । ତାଙ୍କର ସମର୍ଥକ ମାନେ ବାଇକ୍ ଶୋଭାଯାତ୍ରା କରି ଅମରେଶ ଜେନା ଜିନ୍ଦାବାଦ ନରା ପକାଇଥିଲେ । ଜେଲରୁ ବାହାରିବା ପରେ ଅମରେଶ କହିଛନ୍ତି ସାମାଜିକ ଓ ରାଜନୈତିକ ହତ୍ୟା ପାଇଁ ଷଡଯନ୍ତ୍ର ହୋଇଥିଲା। ନ୍ୟାୟାଳୟ ଉପରେ ମୋର ପୁରା ଭରସା ଅଛି ମୁଁ ନ୍ୟାୟ ପାଇବି ବୋଲି କହିଛନ୍ତି ଅମରେଶ। ଦୁଷ୍କର୍ମ ମାମଲାରେ ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ୍ ବାଇଁଆ ଜେନାଙ୍କୁ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ କୋର୍ଟ ଜେଲକୁ ପଠାଇଥିଲେ । ଏହା ପୂର୍ବରୁ ଅକ୍ଟୋବର ୧୭ରେ ତାଙ୍କର ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ ହାଇକୋର୍ଟ । ୨୫ ହଜାର ଟଙ୍କାର ଦୁଇ ଜାମିନଦାର ବଦଳରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ ହାଇକୋର୍ଟ ।

● ଭାରତରେ ବଡ଼ ଡ୍ରଗ୍ସ ନେଟୱର୍କର ପର୍ଦ୍ଦାଫାସ

## ଦୁବାଇରୁ ସଲୀମ ଶେଖ ଗିରଫ



ମୁମ୍ବାଇ: ମୁମ୍ବାଇ କ୍ରାଇମ ବ୍ରାଞ୍ଚ (ୟୁନିଟ୍ ୭)କୁ ଆଉ ଏକ ବଡ଼ ସଫଳତା ମିଳିଛି । କ୍ରାଇମ ବ୍ରାଞ୍ଚ ଦାଉଦ ଇବ୍ରାହିମ୍ ନେଟୱାର୍କର ସହଯୋଗୀ ସଲିମ୍ ଡୋଲାର ସହଯୋଗୀ ସଲିମ୍ ଶେଖକୁ ଦୁବାଇରୁ ଗିରଫ କରିଛି। ସଲିମ୍ ଶେଖ ଦୁବାଇରେ ରହି ଭାରତରେ ଡ୍ରଗ୍ସ ନେଟୱାର୍କ ପରିଚାଳନା କରୁଥିଲା । ସେ କୁଖ୍ୟାତ ଡ୍ରଗ୍ସ ଚାଲାଣକାରୀ ସଲିମ୍ ଡୋଲାର ଘନିଷ୍ଠ ସହଯୋଗୀ । ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲାରେ ଜବତ ହୋଇଥିବା ଏମଡି (ମେଫେଡ୍ରୋନ୍) ଡ୍ରଗ୍ କାରଖାନା ସହିତ ତାର ସିଧାସଳଖ ସମ୍ପର୍କ ଥିବା ଜଣାପଡ଼ିଛି। ଫେବୃଆରୀ ୧୬, ୨୦୨୪ ରେ ମୁମ୍ବାଇ କ୍ରାଇମବ୍ରାଞ୍ଚର ୟୁନିଟ୍ ୭କୁ କୁର୍ଲା ଅଞ୍ଚଳରେ ଜଣେ ମହିଳା ଡ୍ରଗ୍ସ ଚାଲାଣ କରୁଥିବା ସୂଚନା ମିଳିଥିଲା। ଏହା ପରେ ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ପରବୀନ ବାନୋ ଗୁଲାମ ଶେଖ ନାମକ ଜଣେ ମହିଳାଙ୍କୁ ୬୪୧ ଗ୍ରାମ ମେଫେଡ୍ରୋନ୍ (୧୨.୨୦ ଲକ୍ଷ ଟଙ୍କା ମୂଲ୍ୟ) ଏବଂ ନଗଦ ୧୨ ଲକ୍ଷ ଟଙ୍କା ସହିତ ଗିରଫ କରିଥିଲା। ପଚରାଉଚରା ସମୟରେ ପରବୀନ ଦୁବାଇସ୍ଥିତ ସଲିମ୍ ଶେଖ୍ ଏବଂ ତା ସହଯୋଗୀ ସଲିମ୍ ଡୋଲାର ଏକ ନେଟୱର୍କରୁ ମୁମ୍ବାଇର ସାଜିଦ୍ ମହମ୍ମଦ ଆସିଫ୍ ଶେଖ୍ ମାଧ୍ୟମରେ ଡ୍ରଗ୍ସ କିଣିଥିବା ସ୍ୱୀକାର କରିଥିଲା। ମୀରା ରୋଡରୁ ସାଜିଦକୁ ଗିରଫ କରି ତା ଘରୁ ୩ କିଲୋଗ୍ରାମ ଏମଡି (ଯାହାର ମୂଲ୍ୟ ୬ କୋଟି) ଏବଂ ୩.୬୮ କୋଟି ଟଙ୍କା ନଗଦ ଜବତ କରିଥିଲା କ୍ରାଇମ ବ୍ରାଞ୍ଚ । ସାଙ୍ଗଲିରେ ଏକ ମେଫେଡ୍ରୋନ୍ ତିଆରି କାରଖାନା ଚାଲୁଥିଲା। ଅଧିକ ତଦନ୍ତରୁ ଜଣାପଡିଛି ଯେ, ଦୁବାଇସ୍ଥିତ ସଲିମ୍ ଶେଖ୍ ଏବଂ ତା ନେଟୱର୍କର ସାଙ୍ଗଲି ଜିଲ୍ଲାରେ କାର୍ଯ୍ୟ କରୁଥିବା ଏକ ମେଫେଡ୍ରୋନ୍ ତିଆରି ୟୁନିଟ୍ ସହିତ ସମ୍ପର୍କ ଥିଲା। ୨୫ ମାର୍ଚ୍ଚ, ୨୦୨୪ ରେ, କ୍ରାଇମ୍ ବ୍ରାଞ୍ଚ ଟିମ୍ ସେହି ସଂସ୍ଥାରେ ଚଢ଼ାଉ କରି ୧୨୨.୫ କିଲୋଗ୍ରାମ ମେଫେଡ୍ରୋନ୍ (ଯାହାର ମୂଲ୍ୟ ୨୪୫ କୋଟି ଟଙ୍କା) ଜବତ କରିଥିଲା। କଞ୍ଚାମାଲ, ଯନ୍ତ୍ରପାତି, ଯାନବାହାନ ଏବଂ ମୋଟ ଛଅ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

### ଗଞ୍ଜାମ ବିଜେପିର ସାମ୍ବାଦିକ ସମ୍ମିଳନୀ

# ସତ୍ୟକୁ ହଜମ କରିପାରୁନି ବିଜେଡି




**ବ୍ରହ୍ମପୁର,୨୩।୧୦ (ସଂଚାର ବ୍ୟୁରୋ):** ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଗିରଫକୁ ନେଇ ବିଜେଡିର ମନ୍ତବ୍ୟକୁ କାଉଣ୍ଟର କରିଛି ଗଞ୍ଜାମ ବିଜେପି। ଏନେଇ ଆଜି ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ପକ୍ଷରୁ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ହିଲପାଟଣା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁହାଯାଇଛି କି, ସତ୍ୟ ଘଟଣାକୁ ବିଜୁ ଜନତା ଦଳ ହଜମ କରିପାରୁନି। ବ୍ରହ୍ମପୁର ପୁଲିସର ପ୍ରେସ୍ ମିଟ୍ ପରେ ବିରୋଧୀ ଦଳ ନେତା ମାନଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସ୍ୱର୍ଗତ ପୀତବାସ ପଣ୍ଡା ବିକ୍ରମ ପଣ୍ଡାଙ୍କ ହାତ ଛାଡ଼ିବା ପରଠାରୁ ପ୍ରତ୍ୟେକ ଦିନ ତାଙ୍କର ବେନିୟମ କାର୍ଯ୍ୟକାଳ ଲୋକଲୋଚନକୁ ଆଣିଥିଲେ। ସ୍ୱର୍ଗତ ପଣ୍ଡା ହାତ ଛାଡ଼ିଦେବା ପରେ ଆକ୍ରୋଶମୂଳକ ଭାବେ ହତ୍ୟା ବ୍ୟୁହ ରଚନା କରିଥିବା କାହାକୁ ଅଛପା ନାହିଁ। ହତ୍ୟା ପରେ ଅଭିଯୁକ୍ତମାନେ ସନ୍ଦେହ ଘେରକୁ ଆସିଥିଲେ। ବଛା ବଛା ପୁଲିସ ଅଫିସରଙ୍କୁ ନେଇ ଟିମ୍ ଗଠନ କରିଥିଲା । ପୂର୍ବରୁ ଯେଉଁ ଦଳ କହୁଥିଲା ଆଇନ ତା ବାଟରେ ଯିବ ଆଜି ଆଇନର ପ୍ରତିବନ୍ଧକ ସାଜି ତଦନ୍ତକୁ ବାଟବଣା କରିବାକୁ ପ୍ରୟାସ କରି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ଉଦ୍ୟମ ଲୋକଙ୍କୁ ଚକିତ କରିଛି । ଏହି ଘଟଣାରେ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଦୁର୍ଭାଗ୍ୟଜନକ। ମନ୍ତ୍ରୀଙ୍କ ଚରିତ୍ର ସ୍ଖଳନ ଉଦ୍ୟମ ନୀନ୍ଦନୀୟ। ମନ୍ତ୍ରୀଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତିକୁ ମଳିନ କରିବାକୁ ଯେଉଁମାନେ ହୀନ ପ୍ରଚେଷ୍ଟା କରୁଛନ୍ତି ତାହାକୁ ଜିଲ୍ଲାବାସୀ କଦାପି ବରଦାସ୍ତ କରିବେ ନାହିଁ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ନେତାମାନେ ମତବ୍ୟକ୍ତ କରିଥିଲେ।

# ସଚେତନତା ସତ୍ତ୍ୱେ ଅବୁଝା ରାସନ ହିତାଧିକାରୀ

**ଇ-କେୱାଇସି କରିନାହାନ୍ତି ୩,୨୨୨ଜଣ**

**ତୁରନ୍ତ ପଞ୍ଜିକରଣ କରିବାକୁ ବିଭାଗର ପରାମର୍ଶ**

**ଇ-କେୱାଇସିକୁ ଆଉ ମାତ୍ର ୮ଦିନ**



**କାକଟପୁର/ଅସ୍ତରଙ୍ଗ,୨୩।୧୦ (ସଂଚାର ବ୍ୟୁରୋ):** ନଭେମ୍ବର ୧ ତାରିଖକୁ ଆଉ ମାତ୍ର ୮ଦିନ। ଯଦି ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରୀ ହୁଏ। ଆଉ ଅଳ୍ପ ଦିନ ପରେ ଇ-କେୱାଇସି କରିନଥିବା ରାସନକାର୍ଡ ହିତାଧିକାରୀଙ୍କୁ ଆଉ ଚାଉଳ ମିଳିବ ନାହିଁ। ପ୍ରଶ୍ନ ଉଠୁଛି, ଏହି ରାସନକାର୍ଡ ହିତାଧିକାରୀମାନେ କିଏ? ବାସ୍ତବରେ ସଚେତନତା ଅଭାବରୁ ଏମାନେ ଇ-କେୱାଇସି କରୁନାହାନ୍ତି କିମ୍ବା ଜାଲିଆତି କରି ଏମାନଙ୍କ ନାଁରେ ଆଉ କିଏ ବର୍ଷ ବର୍ଷ ଧରି ଚାଉଳ ଉଠାଉଛି ? ରାସନକାର୍ଡ ହିତାଧିକାରୀଙ୍କୁ ତୁରନ୍ତ ଇ-କେୱାଇସି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏନେଇ ସଚେତନତା କରାଯାଇଛି। ଏହା ସତ୍ତ୍ୱେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଏବେ ବି ୩ହଜାର ୨ଶହ ୨୨ଜଣରୁ ଉର୍ଦ୍ଧ୍ୱ ହିତାଧିକାରୀ ଇ-କେୱାଇସିରେ ପଞ୍ଜିକରଣ କରିନାହାନ୍ତି। ପୂର୍ବଭଳି ଏହି ସେବାର ସୁବିଧା ନେବା ପାଇଁ ଆଗାମୀ ଦିନରେ ତୁରନ୍ତ ଇ-କେୱାଇସି କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଗରିବ ଲୋକଙ୍କୁ ମାଗଣାରେ ଚାଉଳ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଆଇନି (ଏନଏଫଏସଏ )ଓ ରାଜ୍ୟ ସରକାରଙ୍କ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାମ କରୁଛି। ଏନଏଫଏସଏ ରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା ସାମିଲ କରାଯାଇଛି। ଏହି ଯୋଜନାରେ ପ୍ରତ୍ୟେକ ଗରିବ ପରିବାରକୁ ମାସିକ ୩୫କିଗ୍ରା ଚାଉଳ ମିଳୁଛି। ସେହିଭଳି ରାଜ୍ୟ ସରକାରଙ୍କ ଯୋଜନା ଏସଏଫଏସଏସରେ ମାସିକ ୫କିଗ୍ରା ଲେଖାଏଁ ଚାଉଳ ମାଗଣାରେ ମିଳୁଛି। ସବୁଠୁ ବଡ଼ କଥା ହେଉଛି, ମୃତ ବ୍ୟକ୍ତି ସମେତ ବହୁ ପ୍ରଭାବଶାଳି ବ୍ୟକ୍ତି ଏହାର ସୁବିଧା ନେଉଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ବହୁ ଗରିବ ଲୋକ ବଂଚିତ ହେଉଛନ୍ତି। ଏହାର ସୁଧାର ଆଣିବା ସହ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ରାଜ୍ୟ ସରକାର ଇ-କେୱାଇସି କରିବାକୁ ବାଧତାମୂଳକ କରିଛି।

## ନାଳରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରାଇଘର,୨୩।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର ବ୍ଲକ ତୁରୁଡି ପଞ୍ଚାୟତର ଆମାପାରା ନାଳରେ ଜଣେ ବୃଦ୍ଧ ପାଣିରେ ପଡି ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ତୁରୁଡି ଗ୍ରାମ ପଞ୍ଚାୟତର ଜୋଡଜଙ୍ଗା ଆଦିବାସୀ ଗ୍ରାମର ଚମରା ଗଣ୍ଡ(୬୨) ନିକଟସ୍ଥ ଆମାପାରା ଗ୍ରାମର ନିଜ ବନ୍ଧୁ ଘରକୁ ବୁଲିବାକୁ ଯାଇଥିଲେ। ସେଠାରୁ ଗତ ମଙ୍ଗଳବାର ଦିନ ବନ୍ଧୁ ଘରୁ ବାହାରି ଆଉ ଘରକୁ ଫେରି ନଥିଲା। ଆଜି ସକାଳେ ଆମାପାରା ଗ୍ରାମର ଜୟସିଂ ଗଣ୍ଡ ନିଜ ଚାଷ ଜମିକୁ ଯିବା ସମୟରେ ନିକଟରେ ଥିବା ନାଳରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାପରେ ଲୋକେ କୁନ୍ଦେଇ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ କୁନ୍ଦେଇ ପୋଲିସ ପହଞ୍ଚି ନାଳରୁ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠେଇ ଘଟଣାର ତଦନ୍ତ ଜାରି ରଖିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆର୍ଥିକ ଅନିୟମିତତା ଅଭିଯୋଗ

**ଛତ୍ରପୁର,୨୩।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆର୍ଥିକ ଅନିୟମିତତା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ବିଦ୍ୟାଳୟ ଖାତାରୁ ଲକ୍ଷାଧିକ ଟଙ୍କା ହେରଫେର ପାଇଁ ଏକ ଯୋଜନାବଦ୍ଧ ଷଡଯନ୍ତ୍ର ହୋଇଥିବା ଅଭିଯୋଗ ଉଠିଛି।

ସୂତ୍ର ଅନୁସାରେ, ବିଦ୍ୟାଳୟର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ମିଳିତ ଭାବେ ଲକ୍ଷାଧିକ ଟଙ୍କା ହେରଫେର କରିଥିବା ଜଣାପଡିଛି। ବିଦ୍ୟାଳୟ ଖାତାରୁ ବିଭିନ୍ନ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ଅନଧିକୃତ ଭାବରେ ଟଙ୍କା ପଠାଯାଇଥିବା ତଥ୍ୟ ଦେଖିବାକୁ ମିଳିଛି। ଟଙ୍କା ପାଇଥିବା ବ୍ୟକ୍ତିମାନେ, ସଭାପତି ଓ ସମ୍ପାଦକଙ୍କ ସମ୍ପର୍କୀୟ ଓ ପରିଚିତ ବୋଲି ସୂତ୍ରରୁ ଜଣାଯାଇଛି। ମିଳିଥିବା ବ୍ୟାଙ୍କ ଷ୍ଟେଟମେଣ୍ଟ ଅନୁଯାୟୀ ସୁବାସ ବେହେରାଙ୍କ ନାମରେ



₹୧,୪୦,୦୦୦, ବୃନ୍ଦାବନ ଆଚାର୍ଯ୍ୟଙ୍କ ନାମରେ ₹୧,୧୧,୦୦୦ ଏବଂ ଗତିକୃଷ୍ଣ ସାହୁଙ୍କ ନାମରେ ପୃଥକ ଭାବରେ ₹୧,୨୨,୦୦୦, ₹୯୩,୦୦୦ ଓ ₹୨୫,୦୦୦ ରାଶି ଏଭଳି ମୋଟ ₹୪,୮୭,୦୦୦ ରାଶି ପଠାଯାଇଥିବା ସ୍ପଷ୍ଟ ହୋଇଛି। ଏହି କାରବାର ବିଦ୍ୟାଳୟ ରେଜଲୁସନ୍ ଓ ହିସାବ ପୁସ୍ତକ ସହିତ ସମନ୍ୱୟ ନଥିବା ସୂଚନା ମିଳିଛି।

ଘଟଣା ପ୍ରକାଶ ପାଇବା ପରେ, ଶିକ୍ଷାନୁଷ୍ଠାନର ଛବିକୁ ରକ୍ଷା କରିବା ପାଇଁ ମାମଲାକୁ ଅଭ୍ୟନ୍ତରୀଣ ଭାବେ ରଫାଦଫା କରିବା ଚେଷ୍ଟା ହୋଇଥିବା ଶୁଣିବାକୁ ମିଳିଛି। ସ୍ଥାନୀୟ ଅଭିଭାବକ ଓ ଶିକ୍ଷାପ୍ରେମୀମାନେ ଏହି ଅଭିଯୋଗ ଉପରେ ସ୍ୱତନ୍ତ୍ର ତଦନ୍ତ ଓ ଦାୟୀଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପଟରେ ଏହି ବିଦ୍ୟାଳୟ ପରିଚାଳନା କମିଟିରେ ସରକାରୀ ଶିକ୍ଷକମାନେ ବିଭିନ୍ନ ଦାୟିତ୍ୱ ନେଇଥିବାକୁ ନେଇ ସାଧାରଣ ମଧରେ ଚର୍ଚ୍ଚା ଓ ପ୍ରଶ୍ନ ଉଠିଛି।

## ଆସିକା ସାଂସଦଙ୍କ ହିଞ୍ଜିଳିକାଟୁ କଲେଜ ପରିଦର୍ଶନ



**ହିଞ୍ଜିଳିକାଟୁ,୨୩।୧୦ (ସଂଚାର ବ୍ୟୁରୋ):** ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଗୁରୁବାର ଦିନ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ଆଚାରୀଙ୍କ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଛାତ୍ରଛାତ୍ରୀ ମାନଙ୍କ ସୁବିଧା ଓ ଅସୁବିଧା ପଚାରି ବୁଝିଥିବା ବେଳେ କଲେଜରେ ଯାହା ସମସ୍ୟା ରହିଛି ତାହା ଖୁବ ଶୀଘ୍ର ସମାଧାନ ହେବ ନେଇ ସାଂସଦ କହିଥିଲେ । ଏହି ଗସ୍ତ ବେଳେ ସାଂସଦଙ୍କ ପ୍ରତିନିଧି ଶିଶିର ମିଶ୍ରଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ମଶାଣି ଜମି ଜବରଦଖଲ, ଉପଜିଲ୍ଲାପାଳଙ୍କୁ ଅଭିଯୋଗ



**ଫୁଲବାଣୀ,୨୩।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାତପାଜୁ ଗ୍ରାମର ପୁରାତନ ମଶାଣିକୁ କିଛି ବ୍ୟକ୍ତି ନିଜ ଅକ୍ତିଆରକୁ ନେଇ ଜବରଦଖଲ କରିବାକୁ ଯୋଜନା କରୁଥିବା ଅଭିଯାଗ ହୋଇଛି। ଏ ଏ ନେଇ ଗ୍ରାମବାସୀ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ପ୍ଲଟ ନଂ ୭୮୭ ଏବଂ ୭୮୮ ସରକାରୀ ଅନାବାଦୀ ଜାଗା ଅଟେ ଅଟେ। । ଏହି ପ୍ଲଟ୍ ଉପରେ ବହୁ ବର୍ଷ ହେବ ଗ୍ରାମବାସୀ ଶବଦାହ କରୁଛନ୍ତି। ପୂର୍ବରୁ ଏହି ଜାଗାରେ ରେ ଫୁଲବାଣୀ ପୌର ପରିଷଦ ଅଳିଆ ଆବର୍ଜନା ଜମା କରୁ କରୁଥିବାରୁ ତାହାର ବିରୋଧ କରି ଗ୍ରାମବାସୀ ପ୍ରତିବାଦ କରି ତାହା ବନ୍ଦ କରିଥିଲେ । ହେ ହେଲେ ସେହି ଜାଗାକୁ କିଛି ମୁଷ୍ଟିମେୟ ଲୋକ ନିଜ ଅକ୍ତିଆରକୁ ଆଣି ଜବରଦଖଳ ଖଲ କରିବା ସହିତ ଜାଗା ବିକିବା ଯୋଜନା କରୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଉପଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ସାଇବର ସୁରକ୍ଷା ସଚେତନତା ଅଭିଯାନ

**ଖୋର୍ଦ୍ଧା,୨୩।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ମଡେଲ ପୁଲିସ ଷ୍ଟେସନ ଅଧୀନରେ ଥିବା ଆର୍ଯ୍ୟାବର୍ତ୍ତ ପ୍ରାଚୀନ ଏକାଡେମୀ (ଏକ ସିନିୟର ସେକେଣ୍ଡାରୀ ସ୍କୁଲ)ରେ ଏକ ସାଇବର ସୁରକ୍ଷା ସଚେତନତା ଅଭିଯାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଛାତ୍ରଛାତ୍ରୀମାନଙ୍କୁ ନିରାପଦ ଅନଲାଇନ୍ ଆଚରଣ, ଦାୟିତ୍ୱପୂର୍ଣ୍ଣ ସୋସିଆଲ ମିଡିଆ ବ୍ୟବହାର ଏବଂ ସାଇବର ଅପରାଧକୁ ରୋକିବାର ଉପାୟ ବିଷୟରେ ଶିକ୍ଷା ଦେବା। ଏହି କାର୍ଯ୍ୟକ୍ରମରେ ଛାତ୍ରମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ସାଇବର ସ୍ୱଚ୍ଛତା ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ଅଭ୍ୟାସ ଉପରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ହାସଲ କରିଥିଲେ। ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ସାଇବରସ୍ପେସ୍ ସୁନିଶ୍ଚିତ କରିବା ପାଇଁ ଖୋର୍ଦ୍ଧା ପୁଲିସ ଯୁବପିଢ଼ି ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସାଇବର ସଚେତନତା ପ୍ରସାର କରିବା ପାଇଁ ଏହାର ପ୍ରୟାସ ଜାରି ରଖିଛି।




# ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ଆରମ୍ଭ




**ଯାଜପୁର,୨୩।୧୦ (ସଂଚାର ବ୍ୟୁରୋ):** ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଯାଜପୁର ଜିଲ୍ଲାରେ ଆଜି ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ର ଶୁଭାରମ୍ଭ ହେଲା। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଧକ୍ଷ ଭାବେ ଉଭା ହୋଇ ଜିଲ୍ଲାପାଳ ଶ୍ରୀ କର କହିଥିଲେ "ତମାଖୁ ହେଉଛି ନିରବ ହତ୍ୟାକାରୀ। ଏହା ଦେହ ଓ ମନ ଉଭୟ ପାଇଁ ବିନାଶକାରୀ। ତମାଖୁକୁ ଛାଡିଦେବା ହେଉଛି ଜୀବନକୁ ବଞ୍ଚାଇବା।" ତମାଖୁ ବ୍ୟବହାର ଫଳରେ ହୃଦ୍‌ରୋଗ, କ୍ୟାନ୍ସର, ଶ୍ୱାସ ସମସ୍ୟା ଓ ଅନେକ ଜୀବନଘାତୀ ରୋଗ ସୃଷ୍ଟି ହେଉଛି। ସେପରିସରେ ସଚେତନତା ହିଁ ହେଉଛି ଏହା ବିରୋଧରେ ସବୁଠୁ ଶକ୍ତିଶାଳୀ ଅସ୍ତ୍ର। "ଯେତେବେଳେ ଯୁବପିଢି ଏହି ବିପଦକୁ ଜାଣିବେ, ସେମାନେ ନିଜେ ତମାଖୁରୁ ଦୂରେଇଯିବେ। ସେହିପାଇଁ ସମାଜର ପ୍ରତ୍ୟେକ ସ୍ତରର ସହଭାଗୀତା ଆବଶ୍ୟକ," ବୋଲି ଜିଲ୍ଲାପାଳ କହିଥିଲେ। ସେ ଏହା ମଧ ସୂଚନା ଦେଲେ ଯେ, ଜିଲ୍ଲାରେ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗଠନ ଓ କୋଟପା ଆଇନର ସକ୍ରିୟ ଅନୁପାଳନ ନିଶ୍ଚିତ କରାଯିବ। ସେହିପରି, ପ୍ରତ୍ୟେକ ଗ୍ରାମକୁ ତମାଖୁ ମୁକ୍ତ କରିବା ଲକ୍ଷ୍ୟ ରଖି ଜିଲ୍ଲା ପ୍ରଶାସନ ଗଠନାତ୍ମକ ପଦକ୍ଷେପ ଗ୍ରହଣ କରିବ। ଜିଲ୍ଲାପାଳ ଯୁବପିଢିଙ୍କ ମଧରେ ଡିଜିଟାଲ ମାଧମରେ ସଚେତନତା ବଢ଼ାଇବା ଉପରେ ମଧ ଜୋର ଦେଇଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ହିଞ୍ଜିଳିକାଟୁ,୨୩।୧୦ (ସଂଚାର ବ୍ୟୁରୋ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ସରକାର ପକ୍ଷରୁ ହିଞ୍ଜିଳି ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଗୋଷ୍ଠି ଉନୟନ ଅଧିକାରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅତିଥି ଭାବେ ହିଞ୍ଜିଳିକାଟୁ ପୌର ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ, ହିଞ୍ଜିଳି ବିଧାୟକଙ୍କ ବ୍ଲକ ପ୍ରତିନିଧି ଏଲା.ସୁଦର୍ଶନ, ହିଞ୍ଜିଳି ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ଗନ୍ତାୟତ, ଗଂଜାମର ଡ଼ିଏସଏସଓ କୃଷ୍ଣଚନ୍ଦ୍ର ବେହେରା, ଛତ୍ରପୁର ଏସଏସଏସଓ ସସ୍ମିତା ସ୍ୱାଇଁ ମଂଚାସୀନ ଥିଲେ । ଶିବିରରେ ପଂଚାୟତରୁ ଆସିଥିବା ଭିନ୍ନକ୍ଷମ ମାନେ ଯୋଗଦେଇ ବିଭିନ୍ନ ବିଭାଗର କାଉଣ୍ଟର ଖୋଲାଯାଇଥିବା ବେଳେ ବହୁ ବିଭାଗୀୟ ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶେଷରେ ଗୋଷ୍ଠି ଉନୟନ ଅଧିକାରୀ ଭିନ୍ନକ୍ଷମ ମାନଙ୍କୁ ଟ୍ରା-ସାଇକେଲ ପ୍ରଦାନ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବାଲିଅନ୍ତା,୨୩।୧୦ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଯଶୁଆପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୀତା କୁମାରୀ ଦେଇଙ୍କୁ ପୁରାତନ ଛାତ୍ର କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି, ବାଲିଅନ୍ତା ଶିକ୍ଷା ଗୋଷ୍ଠୀ ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ଶିକ୍ଷାବିତ୍ ସିଦ୍ଧେଶ୍ୱର ମହାନ୍ତି, ସରପଞ୍ଚ ରମାଲତା ନାୟକ, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଯୁବସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ଅଭିଯାନ ଉଦଘାଟିତ

**ଫୁଲବାଣୀ,୨୩।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ପୁଲିସ ପକ୍ଷରୁ ସାଇବର ଅପରାଧ ରୋକିବା ପାଇଁ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ରହିଯାନ୍ତୁ, ଯାଞ୍ଚ କରନ୍ତୁ, ସୁରକ୍ଷିତ ରୁହନ୍ତୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ପ୍ରୟାସ ଆରମ୍ଭ କରଯାଇଛି। ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବେଦ ଭୂଷଣ ଓ ଏସ୍‌ପି ହରିଶ ବିସି ଯୋଗଦେଇ ଏହି ସଚେତ ସଚେତନତା ଅଭିଯାନର ଉଦ୍‌ଘାଟନ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଓ ଟ୍ରେଡିଂ ଠକେଇ, ପାର୍ସଲ୍ କଷ୍ଟମ




ଠକେଇ, ନକଲି ପରିଚୟ ଏବଂ ଓଟିପି ଠକେଇ ଭଳି ବିଭିନ୍ନ ଅପରାଧ ଉପରେ ଆଲୋଚନା କରିବା ସହିତ କିପରି ସତର୍କ ରହିବେ ସେ ନେଇ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଜିଲ୍ଲାପାଳ ମୋବାଇଲରେ କିଛି କରିବା ପୂର୍ବରୁ ଚିନ୍ତା କରିବା, ନିଜ ସୁରକ୍ଷିତ ଭାବେ ଅନ୍‌ଲାଇନ ସଫିଂ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ସଚେତନତା ଅଭିଯାନ ୧୫ ଦିନ ପର୍ଯ୍ୟନ୍ତ ଚାଲିବ। ଏ ଅବସରରେ ଏକ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକରେ ବୁଲି ଲୋକଙ୍କୁ ସଚେତନ କରିବ ବୋଲି କୁହାଯାଇଛି ।

## ଯୁବପିଢ଼ି ପାଇଁ ତମାଖୁ ମୁକ୍ତ ଅଭିଯାନ

**ଖୋର୍ଦ୍ଧା,୨୩।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ରଞ୍ଜନ ମିତ୍ରଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅକ୍ଟୋବର ୧୦ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ଯୁବପିଢ଼ି ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ପାଇଁ ଅତିରିକ୍ତ ଏସପି, ଖୋର୍ଦ୍ଧା ଶ୍ରୀନିବାସ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମାଜରେ ମୁଣ୍ଡବିନ୍ଧାର କାରଣ ହୋଇଛି। ପ୍ରତିବର୍ଷ ତମାଖୁ ସେବନ ଯୋଗୁଁ କର୍କଟ ରୋଗରେ ୮୦ ଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରନ୍ତି। ଯଦି ତମାଖୁର ଅବୈଧ ବ୍ୟବସାୟ ଉପରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ସମାଜକୁ ଏପରି ଭୟଙ୍କର ରୋଗରୁ ରକ୍ଷା କରାଯାଇପାରିବ। ଏହି ଅବସରରେ, ଅତିଥିମାନେ ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ଓଡ଼ିଶା ୧୦ ଅକ୍ଟୋବର ୯ ଡିସେମ୍ବର ୨୦୨୫ ବ୍ରୋସର ଏବଂ ୱାଲ୍ ପୋଷ୍ଟର ଉନ୍ମୋଚନ କରିଥିଲେ। ଜିଲ୍ଲାର ଯୁବପିଢ଼ିଙ୍କୁ ତମାଖୁ ନିଷେଧ ବିଷୟରେ କିପରି ସଚେତନ କରାଯିବ ତାହା ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧମରେ ଉପସ୍ଥାପନ କରାଯାଇଥିଲା।

## ସାଇବର ସୁରକ୍ଷା ସମ୍ବନ୍ଧୀୟ ସଚେତନତା ପଦଯାତ୍ରା

**ନବରଙ୍ଗପୁର,୨୩।୧୦ (ସଂଚାର ବ୍ୟୁରୋ):** ଆଜି ସହରସ୍ଥିତ ସ୍ଥାନୀୟ ସଦାଶିବ ପାର୍କ ଠାରୁ ପୁଲିସ ପଡିଆ ପର୍ଯ୍ୟନ୍ତ ସାଇବର ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୁଲିସ ବିଭାଗ ଦ୍ୱାରା ଆୟୋଜିତ



ଏହି ପଦଯାତ୍ରାକୁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମାଡକର ସନ୍ଦୀପ ସମ୍ପତ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ।

ବର୍ତ୍ତମାନ ସମୟରେ ସାଇବର ଠକେଇରେ ପୀଡିତ ହୋଇ ଅନେକ ଲୋକ ନିଜର କଷ୍ଟ ଉପାର୍ଜିତ ସର୍ବସ୍ୱ ଟଙ୍କା ହରାଉଛନ୍ତି ଏବଂ ଏହାକୁ ରୋକିବାରେ ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଏହି ସଚେତନତା ପଦ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ନବରଙ୍ଗପୁର ଭାରପ୍ରାପ୍ତ ଥାନା ଅଧିକାରୀ ସମ୍ବିତ ବେହେରା, ଡିଆଇ ପି ଆର୍ ଓ ମନୋଜ ବେହେରା, ପୋଲିସ ବିଭାଗର ବିଭିନ୍ନ ଅଧିକାରୀ, ବିଦ୍ୟାର୍ଥୀ ମହାବିଦ୍ୟାଳୟ, ସ୍ମାର୍ଟ ଗୁରୁକୁଳ, ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ।

ପଦଯାତ୍ରାରେ ନକଲି ପରିଚୟ ଦେଇ ଅନଲାଇନ ଓଟିପି ଠକେଇ, ଇ-କମର୍ସ ରିଫଣ୍ଡ ଠକେଇ, ଚାକିରି ଦେବାର ଲୋଭ ଦେଖାଇ ଠକେଇ, ନକଲି ଓ ତତ୍କାଳ ଋଣ ଆପ, ପାର୍ଶଲ୍ ଠକେଇ, ଟ୍ରେଡିଂ ଠକେଇ, ଡିଜିଟାଲ ଆରେଷ୍ଟ ଠକେଇ ଉପରେ ବିଶେଷ ସଚେତନତା ସୃଷ୍ଟି କରାଗଲା।

# ଫିଲିପାଇନ୍ସରେ ମିସେସ୍ ୟୁନିଭର୍ସ ଗ୍ଲୋବାଲ ବିଜେତା ହେଲେ ସମ୍ ହସ୍ପିଟାଲ କ୍ୟାମ୍ପସ-୨ର ମାନସିକ ରୋଗ ବିଶେଷଜ୍ଞ

**ଭୁବନେଶ୍ୱର,୨୩।୧୦ (ସଂଚାର ବ୍ୟୁରୋ):** ନିକଟରେ ଫିଲିପାଇନ୍ସର ମାନିଲା ଠାରେ ଆୟୋଜିତ ହୋଇଥିବା ସମ୍ମାନଜନକ ମିସେସ ୟୁନିଭର୍ସ ଅଫିସିଆଲ୍ ପ୍ରତିଯୋଗିତାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨, ଫୁଲନଖରାର ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ସ୍ୱୟଂପ୍ରଭା ବରାଳ ମିସେସ୍ ୟୁନିଭର୍ସ ଗ୍ଲୋବାଲ୍ ୨୦୨୫ ଟାଇଟଲ୍ ହାସଲ କରିଛନ୍ତି। ମାନସିକ ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର କ୍ଷେତ୍ରରେ ନିଜର ସଶକ୍ତ ମତ ଉପସ୍ଥାପନ କରି ଡକ୍ଟର ବରାଳ ମିସେସ ୟୁନିଭର୍ସ ଗ୍ଲୋବାଲ ଟାଇଟଲ୍ ସହିତ 'ବେଷ୍ଟ ଇନ୍ ଫୋରମ୍' ଟାଇଟଲ୍ ମଧ ହାସଲ କରିଛନ୍ତି।

ବିଶ୍ୱ ଦରବାରରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଡକ୍ଟର ବରାଳ ନିଜର ବାଗ୍ମିତା, ବୁଦ୍ଧିମତା ଓ ସମ୍ବେଦନଶୀଳ ମନୋଭାବ ସହିତ ଦେଶର ସମୃଦ୍ଧ, ସାଂସ୍କୃତିକ ଐତିହ୍ୟକୁ ଅତ୍ୟନ୍ତ ନମ୍ର ଏବଂ ଦୃଢ଼ ବିଶ୍ୱାସର ସହ ଉପସ୍ଥାପନ କରିଥିଲେ। 'ମାନସିକ ସ୍ୱାସ୍ଥ୍ୟ ଏକ ମୌଳିକ ମାନବାଧିକାର' ଶୀର୍ଷକ ପ୍ରସଙ୍ଗକୁ ନେଇ ମାନବିକ ଅଧିକାର ଫୋରମରେ ତାଙ୍କ ବକ୍ତବ୍ୟକୁ



ଉପସ୍ଥିତ ଦର୍ଶକ ମଣ୍ଡଳୀ ଉତ୍ସାହପୂର୍ଣ୍ଣ ସ୍ୱାଗତ କରିବା ସହ ଏହା କାର୍ଯ୍ୟକ୍ରମରେ ଉଚ୍ଚକୋଟୀର ଉପସ୍ଥାପନା ବୋଲି ପ୍ରଶଂସା କରିଥିଲେ।

ଗୁରୁବାର ଦିନ ଡକ୍ଟର ବରାଳ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ପ୍ରଫେସର ନାୟକ ତାଙ୍କ ସଫଳତା ନେଇ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ତାଙ୍କର ଉତୋରତର ସଫଳତା କାମନା କରିଥିଲେ।

## ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା

**ଯାଜପୁର,୨୩।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ସମସ୍ତ ଶିଶୁମାନଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ନିଶ୍ଚିତ କରିବା ଲକ୍ଷ୍ୟରେ 'ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା' ଅଧିନରେ ଆଜି ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଯୋଜନା ଅଧିନରେ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା କରାଯିବ ଓ ଯେଉଁ ପିଲାମାନଙ୍କ ଦୃଷ୍ଟି ସମସ୍ୟା ଚିହ୍ନଟ ହେବେ ସେମାନଙ୍କୁ ମାଗଣା ଚଷମା ଓ ଚିକିତ୍ସା ସୁବିଧା ପ୍ରଦାନ କରାଯିବ। ବୈଠକରେ ଜିଲ୍ଲାପାଳ ଶ୍ରୀ କର ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ, ପ୍ରତ୍ୟେକ ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରି, ଯେଉଁ ପିଲାମାନଙ୍କ ସମସ୍ୟା ଅଛି ସେମାନଙ୍କ ତଥ୍ୟ ଜିଲ୍ଲା ସ୍ତରରେ ପଠାଇବା ଆବଶ୍ୟକ। ଏହି ବୈଠକରେ ଯଯାତୀ କେଶରୀ ଭେଷଜ ମହାବିଦ୍ୟାଳୟ ଓ ଅଧାପନା ଚିକିତ୍ସାଳୟର ଡିନ୍ ତଥା ଅଧକ୍ଷ ଡ଼ା. ସୀତାରାମ ମହାପାତ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ, ଚିକିତ୍ସକମାନେ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଜେଡିର ବିଶାଳ ଶୋଭାଯାତ୍ରା ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା

# ବିଜେପି ପ୍ରରୋଚନାରେ ବିକ୍ରମଙ୍କୁ ଗିରଫ କରିଛି ପୁଲିସ

**ବ୍ରହ୍ମପୁର,୨୩।୧୦ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଅନ୍ୟାୟ ଗିରଫଦାରୀ ବିରୋଧରେ ବିଶାଳ ଶୋଭାଯାତ୍ରା ସହ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହିଲପାଟଣା ସ୍ଥିତ ସଂସ୍କୃତି ଭବନ ନିକଟରୁ ହଜାର ହଜାର ଦଳୀୟ ନେତା ଓ କର୍ମୀ ବିରାଟ ଶୋଭାଯାତ୍ରାରେ ଆସି ଗାନ୍ଧୀ ଛକ ଠାରେ ପହଞ୍ଚିଥିଲେ। ପରେ ବିକ୍ରମଙ୍କ ଗିରଫ ଏକ ଷଡଯନ୍ତ୍ର ବୋଲି ଦଳୀୟ ହେବିୱେଟ୍ ମତ ରଖିଥିଲେ। ବରିଷ୍ଠ ବିଜେଡି ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି, ବିଜେପିର ରଚନା ଅନୁସାରେ ବିଜେଡି ନେତା ବିକ୍ରମ ପଣ୍ଡାଙ୍କୁ ପୁଲିସ୍ ଗିରଫ କରିଛି। ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାର ତଦନ୍ତ ପୁଲିସ୍ ନୁହେଁ ଶାସକ ଦଳ କରୁଛି।




ତଦନ୍ତରେ ଶାସକ ଦଳ ନେତାଙ୍କ ସମ୍ପୃକ୍ତ ଥିବା ସୂଚନା ଆସୁଥିବାରୁ ବିକ୍ରମ ବାବୁଙ୍କୁ ଗିରଫ ବିଜେପି ସ୍କ୍ରିପ୍ଟ ଆଧାରରେ ହୋଇଛି। ଜାଣିଶୁଣି ପୁଲିସ୍ ତଦନ୍ତର ଦିଗ ବଦଳାଇଛି। ବିନା ପଚରାଉଚରାରେ ଶ୍ରୀଯୁକ୍ତ ପଣ୍ଡାଙ୍କୁ ଗିରଫ କରାଯାଇଛି।

ସେହିପରି ଏହି ହତ୍ୟା ଘଟଣାର ତଦନ୍ତ ପୁଲିସ୍ ଦ୍ୱାରା ନୁହେଁ ବରଂ ହାଇକୋର୍ଟର ଜଣେ କାର୍ଯ୍ୟରତ ଜଜ୍‌ଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ କରିବାକୁ ଦଳ ଦାବି କରିଛି। ଅନ୍ୟପଟେ ,ବିକ୍ରମଙ୍କ ଗିରଫକୁ ଅନ୍ୟାୟ ଦର୍ଶାଇ ବିଜେଡି ଏହା ବିରୋଧରେ ଲଢେଇ କରିବ ବୋଲି କହିଛନ୍ତି ଦଳୀୟ ନେତା। ବ୍ରହ୍ମପୁର ଏସପି ବିଜେପି ଦଳର ହାତବାରିସୀ ସାଜି ଜଣେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ବିଜୁ ଜନତା ଦଳ ଅଭିଯୋଗ କରିଛି।

# ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ଆରମ୍ଭ

**ଭୁବନେଶ୍ୱର, ୨୩।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିନିଆ 'ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୫' ଆଜି ଭୁବନେଶ୍ୱରରେ ଉଦଘାଟିତ ହୋଇଛି । ଏଥିରେ ଓଡ଼ିଶାର ସହରଗୁଡ଼ିକୁ ସ୍ମାର୍ଟ, ସମାବେଶୀ ଏବଂ ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ ଦିଗରେ ଆଗେଇ ନେବାର ଲକ୍ଷ୍ୟ ରହିଛି। ଏହି ସମ୍ମିଳନୀ ହେଉଛି ଏକ ରଣନୈତିକ ପଦକ୍ଷେପ ଯାହା ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହିତ ମେଳ ଖାଉଛି। ଏହି ସମ୍ମିଳନୀରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା , ସରକାରୀ ବିଭାଗ, ନୀତିଗତ ଅନୁଷ୍ଠାନ, ସହରାଞ୍ଚଳ ଯୋଜନାକାରୀ, ପ୍ରଯୁକ୍ତି ପ୍ରଦାନକାରୀ, ଆର୍ଥିକ ଅନୁଷ୍ଠାନ ଏବଂ ଏକାଡେମିକ୍ ବିଶେଷଜ୍ଞଙ୍କ ପ୍ରମୁଖ ଅଂଶୀଦାରମାନଙ୍କୁ ଏକାଠି କରାଯାଇଛି।



ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସମ୍ମିଳନୀ ଆୟୋଜନ ଲକ୍ଷ୍ୟ ଉପରେ ଆଲୋକପାତ କରି ରାଜ୍ୟର ସହରାଞ୍ଚଳ ବିକାଶ ରୋଡମ୍ୟାପ ଏବଂ ଭବିଷ୍ୟତ ପ୍ରସ୍ତୁତ ସହର ହାସଲ ପାଇଁ ସହଯୋଗୀ ଶାସନ, ନାଗରିକ-କୈନ୍ଦ୍ରିକ ଯୋଜନା ଏବଂ ବୈଷୟିକ ଜ୍ଞାନ କୌଶଳ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପୌରସଂସ୍ଥାମାନେ ସହରାଞ୍ଚଳର ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ସହ କ୍ଷେତ୍ର ଭ୍ରମଣ କରି ସମସ୍ୟାର ଅନୁଧ୍ୟାନ ଏବଂ ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ ନେଇ ପରାମର୍ଶ ଦେଇଛନ୍ତି। ପ୍ରାରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ମହାନଗର ନିଗମର କମିଶନର, ପିଡି ଡିୟୁଡିଏ, ମୁନିସିପାଲିଟି, ଏନ୍ଏସି ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଡୋମେନ୍ ବିଶେଷଜ୍ଞ, ବିକାଶ ଅଂଶୀଦାରମାନେ ଯୋଗଦେଇଛନ୍ତି। ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୫ ଜ୍ଞାନ ବାଣ୍ଟିବା, ଭାଗିଦାରୀ ନିର୍ମାଣ ଏବଂ ନୀତି ଆଲୋଚନା ପାଇଁ ଏକ ଜୀବନ୍ତ ମଞ୍ଚ ଭାବରେ କାର୍ଯ୍ୟ କରେ, ଯାହାର ଲକ୍ଷ୍ୟ ହେଉଛି ସମାବେଶୀ ଏବଂ ସ୍ଥାୟୀ ସହରୀକରଣ ଦିଗରେ ଓଡ଼ିଶାର ଯାତ୍ରାକୁ ତ୍ୱରାନ୍ୱିତ କରିବା।



ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ପଞ୍ଜାବ ସରକାରଙ୍କ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ହରପାଲ୍ ସିଂହ। ତାଙ୍କ ସହ ଅଛନ୍ତି ରାଜ୍ୟ ଖାଦ୍ୟ, ଖାଉଟି ଯୋଗାଣ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ଲାଲ୍‌ଚାନ୍ଦ କଟରୁଚକ୍। ଏହି ଅବସରରେ ଶ୍ରୀ ସିଂହ ଓ ଶ୍ରୀ କଟରୁଚକ୍ ଶିଖ୍ ଗୁରୁ ତେଜ୍ ବାହାଦୁରଜୀଙ୍କ ୩୫୦ତମ ପୁଣ୍ୟତିଥିରେ ଯୋଗଦେବା ସକାଶେ ଶ୍ରୀ ମାଝୀଙ୍କୁ ଆମନ୍ତ୍ରଣ ଜଣାଇଛନ୍ତି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଉପସ୍ଥିତ ଅଛନ୍ତି।

## କଲରାପତରିଆ ବାଘ ଚମଡ଼ା ଜବତ, ୨ ଗିରଫ



**କେନ୍ଦୁଝର,୨୩।୧୦(ସଂଚାର ବ୍ୟୁରୋ) :** କେନ୍ଦୁଝରରେ ଜୁଡ଼ିଆ ଘଟିମୁଣ୍ଡା ସାହିରୁ କଲରାପତରିଆ ବାଘ ଚମଡ଼ା ଜବତ ହୋଇଛି। ଏଥିରେ ସଂପୃକ୍ତ ୨ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି। କେନ୍ଦୁଝର ବନ ବିଭାଗ ଏବଂ ପୋଲିସ ମିଳିତ ଭାବେ ଚଢ଼ାଉ କରି କେନ୍ଦୁଝର ସଦର ରେଞ୍ଜର ଅଞ୍ଜର ମୁଣ୍ଡା ସାହିର ରବୀନ୍ଦ୍ର ଟୁଡୁଙ୍କ ଘରୁ ଏକ ବାଘ ଛାଲ ଜବତ କରିଛି। ଏହାସହ ତାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ରବୀନ୍ଦ୍ରଙ୍କ ଶାଳକ ମନୁଆ ହେମ୍ବ୍ରମଙ୍କୁ ମଧ୍ୟ ଗିରଫ କରାଯାଇଛି। ବନ ବିଭାଗର ସୂଚନା ଅନୁସାରେ ଠାକୁରମୁଣ୍ଡା ଅଞ୍ଚଳରୁ ଏହି ବାଘଟି ଶିକାର କରାଯାଇଥିଲା। ୪ ମାସରେ ୪ଟି ସଫଳ ଅପରେସନ କରାଯାଇଥିବା ଡିଏଫଓ କହିଛନ୍ତି।

## ୨୦ ଫୁଟ ତଳକୁ ଖସିଲା ଟ୍ରକ, ଡ୍ରାଇଭର ଆହତ



**ବାଲିଗୁଡା,୨୩।୧୦(ସଂଚାର ବ୍ୟୁରୋ) :** କୋଡିଏ ଫୁଟ ତଳକୁ ଖସିଲା କୋଇଲା ବୋଝେଇ ଟ୍ରକ। ଭାରସାମ୍ୟ ହରାଇ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ୫୯ ନମ୍ବର ଜାତୀୟ ରାଜପଥର ଗଦ୍ରିଙ୍ଗିଆ ଘାଟିରେ ଘଟିଛି ଦୁର୍ଘଟଣା। ରେଢ଼ାଖୋଲରୁ ରାୟଗଡା ଅଭିମୁଖେ କୋଇଲା ବୋଝେଇ ଟ୍ରକଟି ଯାଉଥିବା ବେଳେ ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଡ୍ରାଇଭର ଆହତ ହୋଇଥିବା ବେଳେ ବାଲିଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

● ମାମୁ-ଭଣଜାଙ୍କୁ ବାନ୍ଧି ନିସ୍ତୁକ ମାଡ଼

## ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍



**ଲଇକେରା,୨୩।୧୦(ସଂଚାର ବ୍ୟୁରୋ):** ଲଇକେରା ଥାନା କୁଅଁରମାଲ ଗ୍ରାମର ମଳୟ ନାଏକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍ ହୋଇଛି। ଗତ ବୁଧବାର ମଳୟ ଏବଂ ତାଙ୍କ ପତ୍ନୀ ମେଡ଼ିକାଲ କାମରେ ଭୁବନେଶ୍ୱର ଯାଇଥିବା ବେଳେ ଘରେ ମଳୟଙ୍କର ପୁଅ ମନର୍ସ ଏବଂ ମାମୁ ରାତିରେ ଶୋଇଥିଲେ। ରାତି ପ୍ରାୟ ଗୋଟାଏ ବେଳେ ଚାରିଜଣ ମୁଖା ପିନ୍ଧା ଯୁବକ ଘରେ ପଶି ମାମୁ ଭଣଜା ଦୁଇଜଣଙ୍କୁ ବାନ୍ଧି ଦେଇ ନିସ୍ତୁକ ମାଡ଼ମାରିଥିଲେ। ଘରର ଆଲମୀରା ଖୋଲି ଆସବାବପତ୍ର ସବୁ ଖେଳେଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ କିଛି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଲଇକେରା ଥାନାଧିକାରୀ ଦିଲୀପ ବେହେରା ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁରକୁ ନେଇ ସିସି କ୍ୟାମେରା ଯାଞ୍ଚ କରିଥିବା ବେଳେ ବିଭିନ୍ନ ଦିଗ ଉପରେ ତଦନ୍ତ କରୁଛନ୍ତି।

# ଡିସେମ୍ବର ୬ରେ ହେବ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ

**ଭୁବନେଶ୍ୱର, ୨୩।୧୦(ସଂଚାର ବ୍ୟୁରୋ):** ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ମାସ ୬-୭ ରେ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ।

● ଯୋଗଦେବେ କେନ୍ଦ୍ର ଓ ରାଜ୍ୟର ଶକ୍ତିମନ୍ତ୍ରୀ

● ଭାରତର ଶକ୍ତି କ୍ଷେତ୍ରକୁ ମିଳିବ ଅଧିକ ନିବେଶ




ଏଥିରେ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏମାନଙ୍କ ମଧ୍ୟରେ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଫିନଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟିବିଆଇର ଷ୍ଟ୍ରାଟେଜିକ୍ କାଉନସେଲର୍ ସନା ମରିନ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତି ମନ୍ତ୍ରୀ ପ୍ରମୁଖ ଯୋଗଦେବାର ଯୋଜନା ରହିଛି। ଏହି ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ଶକ୍ତିମନ୍ତ୍ରୀମାନେ ଯୋଗଦେବେ ଏବଂ ଅଧିବେଶନକୁ ସମ୍ବୋଧିତ ମଧ୍ୟ କରିବେ।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀ ଭାରତର ଶକ୍ତି କ୍ଷେତ୍ରରେ ନିବେଶ ତଥା ପ୍ରୋତ୍ସାହନ ନିମନ୍ତେ ଏକ ସୁନ୍ଦର ପ୍ଲାଟଫର୍ମ ଯୋଗାଇ ଦେବ ଏବଂ ପରିବେଶ ସହିତ ଅର୍ଥନୀତିର ସାମଞ୍ଜସ୍ୟ ରଖି ଉତ୍କୃଷ୍ଟ ଓଡ଼ିଶା ଗଠନ ଦିଗରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଦୁଇଦିନିଆ ସମ୍ମିଳନୀରେ ବିଭିନ୍ନ ଅଧିବେଶନ ରହିଛି। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ ହେବ। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସିଏମଡି, ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା, ଏମଡ଼ି ଗ୍ରୀଡ଼କୋ ସତ୍ୟପ୍ରିୟ ରଥ, ଟିବିଆଇ ପକ୍ଷରୁ ବିବେକ ଅଗ୍ରୱାଲ, ନିନାଦ ସାଗର ଓ ପିଏରେ ୱାଲସ୍ (ଆଭାସୀ) ପ୍ରମୁଖ ଉପସ୍ଥିତ ଥିଲେ।

■ ଜମିବାଡ଼ି ଗଣ୍ଡଗୋଳରୁ ସର୍ବନାଶ

## ଠେଙ୍ଗାରେ ପିଟି ବଡ଼ଭାଇକୁ ହତ୍ୟା

**ଜଳେଶ୍ୱର,୨୩।୧୦(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନସ୍ଥ ବରଡିହା ପଞ୍ଚାୟତର ବଣକାଟି ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳରୁ କରୁଣ ପରିଣତି ଘଟିଛି। ବଡ଼ ଭାଇକୁ ନିଜ ସାନ ଭାଇ ଠେଙ୍ଗାରେ ପିଟି ମାରିଦେଇଛି। ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ୧୧୧ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତକୁ କମର୍ଦ୍ଧା ଥାନା ଇଲାକାରୁ ଗିରଫ କରିଛି।

ବଣକାଟି ଗ୍ରାମର ରେବତୀ ସିଂଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦ ତାରିଖ ରାତି ୮ ଟା ସମୟରେ ଜମିବାଡ଼ିକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ ଖୁଦିରାମ ସିଂ (୪୫) ଓ ଦିଅର ଅଭିରାମ ସିଂ(୪୦) ଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ହଠାତ୍ ଅଭିରାମ ଉତ୍ତେଜିତ ହୋଇ ଖୁଦିରାମଙ୍କୁ ଏକ ବାଉଁଶ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଖୁଦିରାମଙ୍କ ମୁଣ୍ଡ ସମେତ ଶରୀରର ଅନ୍ୟ ସ୍ଥାନ ଫାଟି ଯିବା ସହ ସେ ଲହୁଲୁହାଣ ହୋଇଥିଲେ। ରେବତୀ ଗ୍ରାମବାସୀ ତଥା



ବନ୍ଧୁବାନ୍ଧବଙ୍କ ସହାୟତାରେ ଖୁଦିରାମଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ପ୍ରଥମେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ପୁଣି କଟକ ବଡ଼ ମେଡ଼ିକାଲ ନିଆଯାଇଥିବା ବେଳେ ୨୧ ତାରିଖ ଅପରାହ୍ନ ୪ ଟା ସମୟରେ ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ।

କଟକ ବଡ଼ ମେଡ଼ିକାଲରେ ଖୁଦିରାମଙ୍କ ଶବକୁ ବ୍ୟବଚ୍ଛେଦ କରାଯାଇଛି। ଏ ସମ୍ପର୍କରେ ଗତକାଲି ସନ୍ଧ୍ୟାରେ ରେବତୀ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ୧୧୧ ନମ୍ବରରେ ମାମଲା ରୁଜୁ କରି ଅଭିଯୁକ୍ତ ଅଭିରାମକୁ କମର୍ଦ୍ଧା ଥାନା ଅଞ୍ଚଳରେ ଥିବା କୁଲିଆ ଗାଁରୁ ଗିରଫ କରିଛି। ମୃତକଙ୍କ ଜଣେ ଝିଅ ବିବାହିତ ହୋଇଥିବା ବେଳେ ଅନ୍ୟ ଦୁଇଜଣ ପୁଅଝିଅ ସହ ପତ୍ନୀ ରହିଛନ୍ତି। ଉଭୟ ଭାଇଙ୍କ ମଧ୍ୟରେ ଜମିରେ ବାଡ଼ି ବଚସାକୁ ନେଇ ଗଣ୍ଡଗୋଳରୁ ଏପରି ହତ୍ୟାକାଣ୍ଡ ହୋଇଥିବା ଜଣାପଡିଛି।

ନୂଆପଡ଼ାରେ ପାଗ ଭିଡ଼ିଲାଣି ପ୍ରଚାର

# ବଞ୍ଜାରୀ ଦେବୀ ମନ୍ଦିରରୁ ବିଜେଡିର ପ୍ରଚାର ଆରମ୍ଭ

**ନୂଆପଡା, ୨୩।୧୦(ସଂଚାର ବ୍ୟୁରୋ):** ବିଜେଡି ଗୁରୁବାର ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛି। ମା' ବଞ୍ଜାରୀ ଦେବୀ ମନ୍ଦିରରେ ବିଜେଡିର ବରିଷ୍ଠ ନେତାମାନେ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ତଥା ନୂଆପଡ଼ାର ଶାନ୍ତି, ଉନ୍ନତି ଓ ସମୃଦ୍ଧି ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦଳର ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ତଥା ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଯୋଗଦେଇଥିଲେ। ବିପୁଳ ଜନସମାଗମକୁ ସମ୍ବୋଧିତ କରି ଶ୍ରୀମତୀ ଛୁରିଆ କହିଥିଲେ ଯେ, ନୂଆପଡ଼ାର ସାମଗ୍ରୀକ ବିକାଶ ପାଇଁ ଆଜିଠାରୁ ତାଙ୍କର ଅଭିଯାନ ଆରମ୍ଭ ହେଲା। ସେ କହିଥିଲେ ଯେ, ବିଜେଡି ସଦା ସେବା ଓ ଲୋକକଲ୍ୟାଣ ପାଇଁ କାମ କରୁଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆମର ସ୍ୱାର୍ଥ ବିହୀନ ସେବା ଓ ଜନକଲ୍ୟାଣ ଧାରା ଜାରି ରହିଛି। ବିଜୁ ପଟ୍ଟନାୟକଙ୍କ



ଶାସନକାଳରେ ନୂଆପଡ଼ା ଏକ ଜିଲ୍ଲାର ମାନ୍ୟତା ପାଇଥିଲା।

ସଭାରେ ମୁଖ୍ୟ ବକ୍ତା ଭାବେ ଅବନୀ ରଞ୍ଜନ ଜୋଷୀ (ଜିଲ୍ଲା ସଭାପତି, ବିଜେଡି ନୂଆପଡା), ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟିକା ମନୋରମା ମହାନ୍ତି, ମନୋଜ ମିଶ୍ର (ସାଧାରଣ ସମ୍ପାଦକ) ଓ ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ଲାଗି ଆହ୍ୱାନ ଜଣାଇଥିଲେ।

# ଛେଳି ଚରାଳିଙ୍କୁ ଟାଣିନେଲା କୁମ୍ଭୀର

**କିଶୋରନଗର,୨୩।୧୦ (ସଂଚାର ବ୍ୟୁରୋ):** ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ ଝାମ୍ପୁଲି ଗ୍ରାମ ନିକଟସ୍ଥ ଏକ ଯୋରରେ ଥିବା କୁମ୍ଭୀର ଆଜି ଜଣେ ଯୁବକଙ୍କ ହାତକୁ କାମୁଡ଼ି ଛିଣ୍ଡେଇ ନେଇଯାଇଥିବା ଜଣାପଡ଼ିଛି। କୁମ୍ଭୀର ମୁହଁରୁ ଛେଳିକୁ ବଞ୍ଚାଇବାକୁ ଯାଇଥିବା ବେଳେ ଏପରି ଅଭାବନୀୟ ଘଟଣା ଘଟିଥିବା ଜଣାପଡ଼ିଛି। ଗୁରୁତର ହୋଇଥିବା ଯୁବକ ହେଲେ ଝାମ୍ପୁଲି ଗ୍ରାମର ରଞ୍ଜିତ୍ ପ୍ରଧାନ (୪୭)। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ରାଜକିଶୋରନଗରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପରେ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ନୂଆପଡ଼ା ଗ୍ରାମର ରଞ୍ଜିତ୍ କିଶୋରନଗର ଥାନା ରଣିଆକଟା ପଞ୍ଚାୟତ ଝାମ୍ପୁଲି ଗ୍ରାମର କୁଳମଣି ସାହୁଙ୍କ ଝିଅଙ୍କୁ ବିବାହ କରିଛନ୍ତି। ପରେ ସେ ସେଠାରେ ଘରଜ୍ୱାଇଁ ଭାବରେ ରହି ଆସୁଛନ୍ତି। ପ୍ରତିଦିନ ଭଳି ଗୁରୁବାର ସକାଳେ ସେ ଗାଁ ନିକଟସ୍ଥ ଯୋର ନିକଟକୁ ଛେଳି ଚରାଇବାକୁ ଯାଇଥିଲେ। ଛେଳି ପାଣି ପିଇବା ପାଇଁ ଯୋର ଭିତରକୁ ପଶିଥିବା ବେଳେ କୁମ୍ଭୀର ହାବୁଡ଼ରେ ପଡ଼ି ଯାଇଥିଲେ। ରଞ୍ଜିତ କୁମ୍ଭୀର ମୁହଁରୁ ଛେଳିକୁ ବଞ୍ଚାଇବା ପାଇଁ ପାଣିଭିତରକୁ ଡେଇଁ ପଡ଼ିଥିଲେ। ଫଳରେ କୁମ୍ଭୀର ଛେଳିକୁ ଛାଡ଼ି ରଞ୍ଜିତଙ୍କ ବାମ ହାତକୁ କାମୁଡ଼ି ପାଣି ଭିତରକୁ ଟାଣି ନେଇଥିଲା।

ପାଣି ଭିତରେ କୁମ୍ଭୀର କବଳରୁ ନିଜକୁ ବଞ୍ଚାଇବା ପାଇଁ ସେ ବହୁ ଚେଷ୍ଟା କରିଥିଲେ। କୁମ୍ଭୀର ତାଙ୍କର ବାମହାତ କହୁଣୀଠାରୁ କାମୁଡ଼ି ନେଇଯାଇଥିଲା। ସେ ରକ୍ତାକ୍ତ ଅବସ୍ଥାରେ ପାଣି ଭିତରୁ ପଦାକୁ ଦୌଡ଼ି ପଳାଇ ଆସିବା ଫଳରେ ଜୀବନକୁ ବଞ୍ଚାଇ ପାରିଥିଲେ। କୁମ୍ଭୀର ଆକ୍ରମଣରେ ହାତ ହରାଇଥିବା ରଞ୍ଜିତ୍ ପ୍ରଧାନଙ୍କୁ ବନବିଭାଗ ତରଫରୁ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

● ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

## ତତ୍କାଳୀନ ଡିଏଫ୍‌ଓଙ୍କ ଆଗୁଆ ଜାମିନ ଖାରଜ

**କଟକ,୨୩।୧୦(ସଂଚାର ବ୍ୟୁରୋ):** ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ଅଡୁଆ ବଢ଼ିଛି। ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଉଭୟ ଦାୟର କରିଥିବା ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ବେହେରା ଓ ଶ୍ରୀ କୁମ୍ଭଙ୍କ ପକ୍ଷରୁ ଦାୟର ଦୁଇ ଆଗୁଆ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଏଥି ସହିତ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ଆଦେଶକୁ ହାଇକୋର୍ଟ ଉଠାଇ ଦେଇଛନ୍ତି। ନିମ୍ନ ଅଦାଲତରେ ଆତ୍ମସମର୍ପଣ କରି ଉଭୟ ଜାମିନ ପାଇଁ ଆବେଦନ କରି ପାରିବେ। ଏଭଳି କ୍ଷେତ୍ରରେ ଅଦାଲତ ସେମାନଙ୍କ ଜାମିନ ଆବେଦନକୁ ଯୋଗ୍ୟତା ଆଧାରରେ ବିଚାରକୁ ନେବେ ବୋଲି ହାଇକୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅକ୍ଟୋବର ୧୬ରେ ଶ୍ରୀ ବେହେରା ଓ ଶ୍ରୀ କୁମ୍ଭଙ୍କ ଆଗୁଆ ଜାମିନ ଆବେଦନର ହାଇକୋର୍ଟ ଏକତ୍ର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଏଥି



ସହିତ ରାୟ ପ୍ରକାଶ ପର୍ଯ୍ୟନ୍ତ ଉଭୟଙ୍କ ବିରୋଧରେ କୌଣସି ପ୍ରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।

■ ବଢ଼ୁଛି ସାଇବର ସୁରକ୍ଷା ସଚେତନତା

# ୨୭ ଜିଲ୍ଲାରେ ୨୦୨ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

**ଭୁବନେଶ୍ୱର, ୨୩।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଓଡ଼ିଶା ସାଇବର ସୁରକ୍ଷା ଅଭିଯାନ - ୨୦୨୫ ବେଶ୍ ସଫଳତାର ସହ ଆଗକୁ ବଢ଼ୁଛି। ଗତ ଅକ୍ଟୋବର ୧୮ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏଥିରେ ୧୬ଟି ସାଇବର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।




ଏହି ଅଭିଯାନ ଓଡ଼ିଶାର ସମସ୍ତ ୩୪ଟି ପୋଲିସ୍ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି, ଯାହା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟକୁ ସାମିଲ କରାଯାଇଛି। ଏପର୍ଯ୍ୟନ୍ତ ରାଜ୍ୟର ୨୭ଟି ଜିଲ୍ଲାରେ ମୋଟ ୨୦୨ଟି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଲି, ସେମିନାର, କର୍ମଶାଳା ଏବଂ ସାଧାରଣ ସଭା ସମେତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ୬୩,୬୯୨ରୁ ଅଧିକ ନାଗରିକ ଅଂଶଗ୍ରହଣ କରିଛନ୍ତି।

ବିଭିନ୍ନ ଜିଲ୍ଲାମାନଙ୍କରେ ୩୭ଟି ଉଦ୍‌ଘାଟନୀ ସମାରୋହ ଏବଂ ୧୧ଟି ସାଇବର ରଥ ସଚେତନତା ଡ୍ରାଇଭ୍ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସଚେତନତା ଅଧିବେଶନ କରାଯାଇଛି। ଏଥି ସହିତ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ପାମ୍ଫଲେଟ ବଣ୍ଟନ କରାଯାଇଛି ଏବଂ ଏଲଇଡି ପ୍ୟାନେଲ୍ ମାଧ୍ୟମରେ ସାଇବର ସୁରକ୍ଷା ଭିଡିଓ ପ୍ରଦର୍ଶିତ ହେଉଛି। ରାୟଗଡା ଜିଲ୍ଲା ସାଇବର ସଚେତନତା ପ୍ରସାର ପାଇଁ ଏକ 'ସାଇବର ମ୍ୟୁଜିୟମ' ର ବ୍ୟବସ୍ଥା କରିଛି। ଅନୁଗୁଳ ଜିଲ୍ଲା ସାଇବର ସୁରକ୍ଷା ସଚେତନତା ଅବସରରେ ଏକ 'ହଜିଯାଇଥିବା ମୋବାଇଲ୍ ଫୋନ୍ ପ୍ରତ୍ୟର୍ପଣ ମେଳା' ଆୟୋଜନ କରି ୧୦୧ଟି ହଜିଯାଇଥିବା ମୋବାଇଲ୍ ଫୋନକୁ ସେମାନଙ୍କ ମାଲିକଙ୍କୁ ହସ୍ତାନ୍ତର କରିଛି। ସର୍ବାଧିକ ଅଂଶଗ୍ରହଣକାରୀ ଜିଲ୍ଲା ମାନଙ୍କ ମଧ୍ୟରେ ବାଲେଶ୍ୱରରେ ୮,୨୦୦, ସୁନ୍ଦରଗଡ଼ରେ ୬,୬୧୬, କଳାହାଣ୍ଡିରେ ୬,୨୩୫, ବରଗଡ଼ରେ ୬,୧୫୦ ଏବଂ କନ୍ଧମାଳରେ ୬,୦୮୦ ନାଗରିକ ଅଂଶଗ୍ରହଣ କରିଥିଲେ।

● ଓଡ଼ିଶାରୁ ବିହାରକୁ ଚାଲାଣ ହେଉଥିଲା

## ୩ କୋଟି ଟଙ୍କାର ଗଞ୍ଜେଇ ଜବତ

**ଭୁବନେଶ୍ୱର, ୨୩।୧୦(ସଂଚାର ବ୍ୟୁରୋ):** ବିହାର ନିର୍ବାଚନକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଭାରୀ ପରିମାଣର ଗଞ୍ଜେଇ ଓଡିଶାରୁ ସିମଡେଗା ମାର୍ଗରେ ବିହାରକୁ ଚାଲାଣ ହେଉଥିଲା। ଏନସିବି ଏବଂ ସିମଡେଗା ପୁଲିସ ମିଳିତ ଭାବରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୩ କୋଟି ଟଙ୍କା ମୂଲ୍ୟର ସାଢେ ଚାରି କୁଇଣ୍ଟାଲ ଗଞ୍ଜେଇ ସହିତ ଗୋଟିଏ ଚାଲାଣକାରୀ ଗିରଫ କରାଯାଇଛି। ଏନସିବିର ବିହାର-ଝାରଖଣ୍ଡ ଜୋନାଲ ଡାଇରେକ୍ଟର ଅଭିଷେକ ଆନନ୍ଦ ଏବଂ ସିମଡେଗାର ଏସପି ଏମ୍. ଅର୍ଶି ଯୁଗ୍ମ ଭାବରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ଓଡିଶାରୁ ସିମଡେଗା ମାର୍ଗରେ ଭାରୀ ପରିମାଣର ଗାଞ୍ଜା ବିହାର ଦିଗକୁ ଯାଉଥିବା ସୂଚନା ମିଳିଥିଲା। ସେହି ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏନସିବି ଏବଂ ସିମଡେଗା ପୁଲିସ ମିଳିତ ଭାବରେ କୋଲେବିରା ଥାନା ଅଞ୍ଚଳର ଛଗରବନ୍ଧା ନିକଟରେ ଏନଏଚ୍-୧୪୩ ରେ ଗୋଟିଏ ହରିୟାଣା ନମ୍ବର ଟ୍ରକ୍‌କୁ ଅଟକାଇଥିଲେ। ଟ୍ରକ୍‌ରେ ଖୋଜାଖୋଜି କଲାପରେ ଗୋଟିଏ ଗୁପ୍ତ କେବିନ୍‌ରୁ ୮୫ ପ୍ୟାକେଟ୍‌ରେ ମୋଟ ୪୪୧ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଗଞ୍ଜେଇ ସହିତ ଟ୍ରକ୍ ଚାଳକଙ୍କୁ ଗିରଫ କରାଯାଇଛି। ଏନସିବିର ଜୋନାଲ ଡାଇରେକ୍ଟର ଜଣାଇଛନ୍ତି ଯେ, ଜବତ ହୋଇଥିବା ଗାଞ୍ଜାର ଅନୁମାନିତ ମୂଲ୍ୟ ପ୍ରାୟ ୩ କୋଟି ଟଙ୍କା। ଏସପି ଅର୍ଶି କହିଛନ୍ତି ଯେ, ଛୋଟ ସ୍ତରରେ ଗାଞ୍ଜାର ମୂଲ୍ୟ ଆହୁରି ବେଶି ହୋଇଯାଏ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୨୦୨୬ରୁ ବଦଳିଯିବ ୨୩୮ ବ୍ୟାଙ୍କ ନିୟମ

## ସାଇବର ଠକେଇ କାର୍ଯ୍ୟାନୁଷ୍ଠାନ ନ ନେଲେ ଜରିମାନା ଦେବେ ବ୍ୟାଙ୍କ



**ନୂଆଦିଲ୍ଲୀ,୨୩।୧୦:** ଆଗାମୀ ୩ରୁ୪ ମାସରେ ବ୍ୟାଙ୍କିଙ୍ଗ୍ ନିୟମରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ୨୦୨୬ରୁ ନୂଆ ନିୟମ କାର୍ଯ୍ୟକାରୀ ହେବ। ପ୍ରସ୍ତାବିତ ସଂସ୍କାର ମୁତାବକ, ସାଇବର ଅପରାଧ ମାମଲାରେ ଯଦି ଜଣେ ଗ୍ରାହକ ୩ ଦିନ ମଧ୍ୟରେ ସୂଚନା ଦିଅନ୍ତି ତେବେ ତାଙ୍କୁ ଉତ୍ତରଦାୟୀ କରାଯାଇପାରିବ ନାହିଁ। ଏଭଳି ମାମଲାରେ ବ୍ୟାଙ୍କ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନ ନେଲେ ୨୫ ହଜାର ଟଙ୍କା ଯାଏ ଜରିମାନା ଗଣିବେ। ଚୋରି କିମ୍ବା ଦାୟିତ୍ୱହୀନତା କ୍ଷେତ୍ରରେ ଲକରର ୧୦୦ ଗୁଣା ଜରିମାନା ଭରିବେ ବ୍ୟାଙ୍କ। ଆର୍‌ବିଆଇ ୨୩୮ ନିୟମର ଏକ ଡ୍ରାଫ୍ଟକୁ ଲୋକଙ୍କ ପାଇଁ ଜାରି କରିଛି। ୧୦ ନଭେମ୍ବର ସୁଦ୍ଧା ଏହା ଉପରେ ଲୋକେ ମତାମତ ରଖିବେ। ଆର୍‌ବିଆଇର ପୂର୍ବତନ ଗଭର୍ଣ୍ଣର ଆର୍ ଗାନ୍ଧୀ କହିଛନ୍ତି, ନିୟାମକ ଆଇନକୁ ନେଇ ପ୍ରଥମ ଥର ଡ୍ରାଫ୍ଟ ଲୋକଙ୍କ ପାଇଁ ଜାରି କରାଯାଇଛି। ଲୋକଙ୍କ ମତାମତ ଜାଣିବାକୁ ଚାହୁଁଛି କେନ୍ଦ୍ରୀୟ ବ୍ୟାଙ୍କ। ସାଧାରଣ ବ୍ୟାଙ୍କ ଖାତାଗୁଡ଼ିକର କେୱାଇସି ୧୦ ବର୍ଷରେ ଥରେ, ମଧ୍ୟମ ବର୍ଗ ବିପଦରେ ଥିବା ବ୍ୟାଙ୍କ ଆକାଉଣ୍ଟ କେୱାଇସି ୮ ବର୍ଷ ଏବଂ ଉଚ୍ଚ ରିସ୍କ ଆକାଉଣ୍ଟଗୁଡ଼ିକ କ୍ଷେତ୍ରରେ କେୱାଇସି ୨ ବର୍ଷ ଲାଗି ପ୍ରସ୍ତାବ ରହିଛି। ସେହିଭଳି ଋଣ ଉପରେ ସୁଧହାର ନିଷ୍ପତ୍ତି ଲାଗି ଏକକ ଫର୍ମୁଲା ଲାଗୁ ନେଇ ମଧ କହିଛି ଆର୍‌ବିଆଇ। ସମସ୍ତ ଋଣ ଉପରେ କିସ୍ତି ଖିଲାପି କ୍ଷେତ୍ରରେ ଲାଗୁ ଥିବା ଜରିମାନା ମଧ ବାଦ ପଡ଼ିବ। ୭୦ ବର୍ଷରୁ ଉର୍ଦ୍ଧ୍ୱ ଗ୍ରାହକ ଘରେ ବସି ବ୍ୟାଙ୍କ ସେବା ଲାଭ କରିବେ। ଏଭଳି ପ୍ରମୁଖ ପ୍ରସ୍ତାବ ଉପରେ ବିଚାର କରିବା ପରେ ଆର୍‌ବିଆଇ ୨୦୨୬ ଜାନୁଆରୀ ପହିଲାରୁ ଏପ୍ରିଲ ପହିଲା ମଧ୍ୟରେ ଚୂଡ଼ାନ୍ତ ନିୟମ ଲାଗୁ କରିବାକୁ ଯୋଜନା ରଖିଛି।

# ନିବେଶକଙ୍କ କ୍ଷତି ୬୧,୦୦୦ କୋଟି ଟଙ୍କା



**ନୂଆଦିଲ୍ଲୀ:** ଉତ୍ଥାନ-ପତନ କାରବାର ପରେ ଶେଷରେ ସେନସେକ୍ସ ଓ ନିଫ୍ଟି ଗୁରୁବାର ସାମାନ୍ୟ ବୃଦ୍ଧି ସହ ବନ୍ଦ ହୋଇଛି। କାରବାର ଆରମ୍ଭରେ ବଜାରର ଦୁଇ ପ୍ରମୁଖ ସୂଚକାଙ୍କରେ ଜବରଦସ୍ତ ବୃଦ୍ଧି ଦେଖିବାକୁ ମିଳିଥିଲା । ସେନ୍‌ସେକ୍ସ ଓ ନିଫ୍ଟି ପ୍ରାୟ ୧ ପ୍ରତିଶତ ଯାଏ ବୃଦ୍ଧି ପାଇ ଗୋଟିଏ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା । କିନ୍ତୁ ବର୍ଷର ସର୍ବକାଳୀନ ଶୀର୍ଷ ସ୍ତରରେ ପହଞ୍ଚିବା ପରେ ନିବେଶକମାନେ ଲାଭ ଅସୁଲ କରିବା ଆରମ୍ଭ କରିଥିଲେ, ଯେଉଁଥି ପାଇଁ ବଜାରର ଗତି ଧମେଇ ଯାଇଥିଲା । ଏହା ପୂର୍ବରୁ କାରବାର ସମୟରେ ନିଫ୍ଟି ୨୬,୦୦୦ ସ୍ତର ପାର୍ କରିଥିଲା, ଯାହା ୨୦୨୪ ସେପ୍ଟେମ୍ବର ୩୦ ପରେ ଏହାର ସର୍ବୋଚ୍ଚ ସ୍ତର ଅଟେ । କାରବାର ସମୟରେ ସେନସେକ୍ସ ୮୬୩ ପଏଣ୍ଟ ବଢ଼ି ୮୫,୨୯୦ରେ ପହଞ୍ଚି ୫୨ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା, କିନ୍ତୁ ଲାଭ ଅସୁଲ ଯୋଗୁ କାରବାର ଶେଷରେ ଏଥିରେ ୮୦୦ ଅଙ୍କର ହ୍ରାସ ଦେଖିବାକୁ ମିଳିଥିଲା । ବଜାର ବନ୍ଦ ବେଳେ ସେନ୍‌ସେକ୍ସ ୧୩୦.୦୬ ଅଙ୍କ ବା ୦.୧୫ ପ୍ରତିଶତ ବଢ଼ି ୮୪,୫୫୬.୪୦ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୨.୮୦ ଅଙ୍କ ବା ୦.୦୯ ପ୍ରତିଶତ ବଢ଼ି ୨୫,୮୯୧.୪୦ ସ୍ତରରେ ବନ୍ଦ ହୋଇଛି । ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ୪୭୦.୨୮ ଲକ୍ଷ କୋଟିକୁ ହ୍ରାସ ପାଇଛି । ପୂର୍ବ କାରବାର ଦିନରେ ୪୭୦.୮୯ ଲକ୍ଷ କୋଟି ଥିଲା ।

# ଆଜିର ସୁନା ଦର



କମିଲା ସୁନା ଏବଂ ରୁପା ଦର । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୫,୦୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୬୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୫,୦୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୫,୦୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୨୬,୦୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୪୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୫,୦୮୦ ଓ ୧,୧୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୯,୦୦୦ ଟଙ୍କା ହୋଇଛି ।

# ଭାରତୀୟ ସୈନିକଙ୍କ ପାଇଁ ସଂଯୋଗୀକରଣ




**କଶ୍ମୀର,୨୨।୧୦:** ରିଲାଏନ୍ସ ଜିଓ କଶ୍ମୀରର ବାନ୍ଦିପୋରାରେ ଗୁରେଜର ଦୁର୍ଗମ ଅଞ୍ଚଳରେ ଏହାର ସେବା ଆରମ୍ଭ କରିଛି। ରିଲାଏନ୍ସ ଜିଓ ଏବଂ ଭାରତୀୟ ସେନା ମିଳିତ ଭାବେ ୫ଟି ନୂତନ ଟାୱାର ସ୍ଥାପନ କରିଛନ୍ତି। କୁପୱାରା ସେଣ୍ଟିନେଲ୍ସ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଏହା ଘୋଷଣା କରିଛି। ଏହି ଟାୱାର ଗୁଡ଼ିକ ହାରାହାରି ୧୩,୦୦୦ଫୁଟ ଉଚ୍ଚତାରେ ଅବସ୍ଥିତ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ଆଗୁଆ ପୋଷ୍ଟ ଗୁଡ଼ିକୁ ଅତ୍ୟାଧୁନିକ ଯୋଗାଯୋଗ ସଂଯୋଗ ପ୍ରଦାନ କରିବ ।

ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ଅଭିହିତ କରି କୁପୱାରା ସେଣ୍ଟିନେଲ୍ସ ଏହାର ପୋଷ୍ଟରେ କହିଛି, "ଭାରତୀୟ ସେନା ଏବଂ ରିଲାଏନ୍ସ ଜିଓ ଗୁରେଜ୍ ଅଞ୍ଚଳରେ ୫ଟି ନୂତନ ମୋବାଇଲ୍ ଟାୱାର ସ୍ଥାପନ କରିଛନ୍ତି - ଏହି ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମିକୁ ଉନ୍ନତ କରିବା ଏବଂ ଡିଜିଟାଲ୍ ସଂଯୋଗୀକରଣକୁ ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।" ପୂର୍ବରୁ, ଜିଓ ୧୬,୦୦୦ଫୁଟ ଉଚ୍ଚତାରେ ଅବସ୍ଥିତ ସିଆଚେନ୍ ଗ୍ଲେସିୟର୍‌ରେ ସେବା ପ୍ରଦାନ କରିବାରେ ପ୍ରଥମ ଅପରେଟର ହୋଇଥିଲା। ଜାନୁଆରୀ ୧୫ତାରିଖରେ ସେନା ଦିବସ ପୂର୍ବରୁ, ଜିଓ ସିଆଚେନ୍ ଗ୍ଲେସିୟର୍‌ରେ ୪ଜି ଏବଂ ୫ଜି ସେବା ଆରମ୍ଭ କରି ଏହି ମାଇଲଖୁଣ୍ଟ ହାସଲ କରିଥିଲା । ଗୁରେଜ୍ ଅଞ୍ଚଳର ଏହି ଟାୱାର ଗୁଡ଼ିକ ଘରୋଇ କ୍ଷେତ୍ର ଏବଂ ସେନା ମିଳିତ ଭାବେ କାମ କରିବାର ଏକ ଉଦାହରଣ। ରିଲାଏନ୍ସ ଜିଓ ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଥିବାବେଳେ, ସେନା ଭିତ୍ତିଭୂମି, ଫାଇବର ସୁରକ୍ଷା ଏବଂ ବିଦ୍ୟୁତ୍ ଉପଲବ୍ଧତା ସୁନିଶ୍ଚିତ କରୁଛି। ଏହା ଉଲ୍ଲେଖନୀୟ ଯେ ଜିଓ ଏହାର ସ୍ୱଦେଶୀ ପୂର୍ଣ୍ଣ-ଷ୍ଟାକ୍ ୫ଜି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି।

ଏହି ଟାୱାର ଗୁଡ଼ିକ ଭାରତୀୟ ସୈନିକମାନଙ୍କୁସ୍ଥିର ଯୋଗାଯୋଗ ସଂଯୋଗ ପ୍ରଦାନ କରିବ, ଯାହା ସେମାନଙ୍କୁ ସହଜରେ ସେମାନଙ୍କ ପରିବାର ସହିତ ଯୋଡ଼ି ହେବାରେ ସହାୟକ ହେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଚ୍ୟାଲେଞ୍ଜିଂ ଭୂଖଣ୍ଡ ଏବଂ କଷ୍ଟକର ପରିସ୍ଥିତିରେ ନିୟୋଜିତ ସୈନିକମାନଙ୍କ ପାଇଁ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା।

## ସରକାର କରୁଛନ୍ତି ବଡ଼ ଯୋଜନା

# ଆର ବର୍ଷରୁ ବଦଳିଯିବ ଆପଣଙ୍କ ଆୟ ଓ ଖର୍ଚ୍ଚର ହିସାବ



**ନୂଆଦିଲ୍ଲୀ,୨୩।୧୦:** ଆଗାମୀ ବର୍ଷରୁ ଭାରତର ଆର୍ଥିକ ଛବି ବଦଳି ଯିବ। ଏହି ପରିବର୍ତ୍ତନ ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ଏଥିରେ ଲୋକଙ୍କ ଆୟ ଓ ଖର୍ଚ୍ଚକୁ ଏବେ ନୂଆ ଉପାୟରେ ମପାଯିବ। ଏହି ପରିବର୍ତ୍ତନରେ ଜିଡିପି, ମୁଦ୍ରାସ୍ଫିତି, ଔଦ୍ୟୋଗିକ ଉତ୍ପାଦନ ଭଳି ବଡ଼ ଆର୍ଥିକ ତଥ୍ୟକୁ ଅପଡେଟ୍ କରାଯିବ, ଯାହା ଦ୍ୱାରା ତଥ୍ୟ ଏବେକା ସମୟ (ରିୟଲ ଟାଇମ)ର ଛବି ଦେଖାଇ ପାରିବ। ତେବେ ଖାସ କଥା ଯାହା ତାହା ହେଉଛି ଏବେ ଏକ ନୂଆ ଇଣ୍ଡେକ୍ସ ଆସିବ, ଯାହା ଦ୍ରୁତ ଅଭିବୃଦ୍ଧି କରୁଥିବା ସର୍ଭିସ ସେକ୍ଟରକୁ ଟ୍ରାକ୍ କରିବ। ଏବେ ଯାହାବି ଆର୍ଥିକ ତଥ୍ୟ ଆସୁଛି ତାହା ୨୦୧୧-୧୨ ବେସ୍ ଇୟର ଆଧାରରେ ଆସୁଛି। ସେତେବେଳେ ଲୋକଙ୍କ ଖର୍ଚ୍ଚ କରିବାର ଅଭ୍ୟାସ ଆଜିକା ଲୋକଙ୍କ ଠାରୁ ଭିନ୍ନ ଥିଲା। ସେତେବେଳେ ଲୋକେ ଖାଇବା, ପିଇବା ଉପରେ ଅଧିକ ଖର୍ଚ୍ଚ କରୁଥିଲେ। ଏବେ ସ୍ମାର୍ଟଫୋନ, ଇଣ୍ଟରନେଟ୍ ଓ ଡିଜିଟାଲ ସେବା ଆମ ଜୀବନର ଅଂଶବିଶେଷ ପାଲଟି ଯାଇଛି। ଏଣୁ ସରକାର ଏବେ ବେସ୍ ଇୟରକୁ ଅପଡେଟ୍ କରିବାକୁ ଚାହୁଁଛନ୍ତି, ଯାହା ଦ୍ୱାରା ନୂଆ ତଥ୍ୟ ସତ୍ୟ ଓ ବାସ୍ତବିକ ସ୍ଥିତିକୁ ଦର୍ଶାଇବ। ୨୭ ଫେବୃଆରୀ ୨୦୨୬ରେ ନୂଆ ଜିଡିପି ତଥ୍ୟ ଜାରି ହେବ, ଯାହା ୨୦୨୨-୨୩ ମୂଲ୍ୟ ଉପରେ ଆଧାରିତ ହେବ। ଏହା ପୂର୍ବରୁ ଜାନୁୟାରୀ ୭ ତାରିଖରେ ଯେଉଁ ବଜେଟ ଅନୁମାନ ଆସିବ ତାହା ଏବେକା ପୁରୁଣା ବେସ୍ ଇୟର ଆଧାରରେ ହେବ। ଫେବୃଆରୀରେ ମୁଦ୍ରାସ୍ଫିତିର ନୂଆ ତଥ୍ୟ ମଧ୍ୟ ଆସିବ, ଯାହା ୨୦୨୩-୨୪ର ମୂଲ୍ୟକୁ ଧ୍ୟାନରେ ରଖିବ। ଭାରତୀୟ ଅର୍ଥ ବ୍ୟବସ୍ଥାରେ ସର୍ଭିସ ସେକ୍ଟରର ଭୂମିକା ସବୁଠୁ ବଡ଼। ହେଲେ ଏପର୍ଯ୍ୟନ୍ତ ଏହାକୁ ଅଲଗା ମାପିବା ପାଇଁ କୌଣସି ଉପାୟ ନଥିଲା। ଏଥର ପ୍ରଥମ ଥର ନୂଆ ସର୍ଭିସ ଇଣ୍ଡେକ୍ସ ଆସିବ।

# ସତ୍ୟ ନାଡେଲାଙ୍କ ବେତନ ହେଲା ୮୪୯ କୋଟି



**ନୂଆଦିଲ୍ଲୀ,୨୩।୧୦:** ମାଇକ୍ରୋସଫ୍ଟର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ସତ୍ୟା ନାଡେଲାଙ୍କୁ ୨୦୨୪-୨୫ଆର୍ଥିକ ବର୍ଷ ନିମନ୍ତେ ବେତନ ଆକାରରେ ମୋଟ ୯୬.୫ ମିଲିୟନ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୮୪୯ କୋଟି ଟଙ୍କା ଦିଆଯାଇଛି। ଏହା ତାଙ୍କ କ୍ୟାରିୟରରେ ବେତନର ସବୁଠୁ ଉଚ୍ଚତମ ସ୍ତର। କମ୍ପାନୀ ଏହି ବେତନ ବୃଦ୍ଧିର ଶ୍ରେୟ କୃତ୍ରିମ ବୁଦ୍ଧିମତା (ଏଆଇ)ରେ ଅଭୂତପୂର୍ବ ପ୍ରଗତି ପାଇଁ ବୋଲି କହିଛି। ବ୍ଲୁମବର୍ଗ ଅନୁସାରେ କମ୍ପାନୀର ନୂଆ ପ୍ରକ୍ସି ଫାଇଲିଂରେ କୁହାଯାଇଛି ଯେ ନାଡେଲାଙ୍କ ବେତନ ପିଛିଲା ବର୍ଷର ୭୯.୧ ମିଲିୟନ ଡଲାରରେ ୨୨% ବୃଦ୍ଧି ହୋଇଛି। ଏଥିରୁ ପାଖାପାଖି ୯୦% ତାଙ୍କୁ ସେୟାର ଆକାରରେ ଦିଆଯାଇଛି। ତାଙ୍କ ବେସିକ ବେତନ ଏବେବି ୨.୫ ମିଲିୟନ ଡଲାର ଥିବା ବେଳେ ପାଖାପାଖି ୯.୫ ମିଲିୟନ ଡଲାର ତାଙ୍କୁ ନଗଦ ବୋନସ ଆକାରରେ ଦିଆଯାଇଛି। ମାଇକ୍ରୋସଫ୍ଟ ନିର୍ଦ୍ଦେଶକ ମଣ୍ଡଳି କହିଛନ୍ତି ଯେ ନାଡେଲାଙ୍କ ମୋଟ ପାରିଶ୍ରମିକର ୯୫% ପରଫର୍ମାନ୍ସ ଆଧାରିତ, ଯାହା କମ୍ପାନୀର ଲାଭ ଓ ସେୟାର ରିଟର୍ଣ୍ଣ ସହିତ ସମ୍ପର୍କିତ। ମାଇକ୍ରୋସଫ୍ଟର ଆୟ ୨୦୨୫ରେ ୧୫% ବଢ଼ି ୨୮୧.୭ ବିଲିୟନ ଡଲାରକୁ ପହଞ୍ଚିଛି। ଏଥିରେ ନିଟ୍ ଲାଭ ୧୬% ବୃଦ୍ଧି ସହ ୧୦୧.୮ ବିଲିୟନ ଡଲାର ଛୁଇଁଛି। କମ୍ପାନୀ ସେୟାରରେ ମଧ୍ୟ ଚଳିତବର୍ଷ ଏ ପର୍ଯ୍ୟନ୍ତ ୨୩% ଅଭିବୃଦ୍ଧି ହାସଲ କରିଛି, ଯାହା ଏସ ଆଣ୍ଡ ପି ୫୦୦ ଇଣ୍ଡେକ୍ସର ଅଭିବୃଦ୍ଧି ଆକଳନ ୧୫%ରୁ ମଧ୍ୟ ଅଧିକ ରହିଛି। ଏଥିରେ କମ୍ପାନୀର ମୁଖ୍ୟ ବିତ୍ତିୟ ଅଧିକାରୀ ଏମି ହୁଡଙ୍କ ମୋଟ ଆୟ ୨୯.୫ ମଲିୟନ ଡଲାରକୁ ପହଞ୍ଚିଥିବା ବେଳେ କମର୍ସିଆଲ ଡିଭିଜନ ମୁଖ୍ୟ ଜଡସନ ଅଲଥପଙ୍କୁ ୨୮.୨ ମିଲିୟନ ଡଲାର ବେତନ ପ୍ୟାକେଜ୍ ମିଳିଛି। କମ୍ପାନୀ ତାର ଶୀର୍ଷ ପ୍ରବନ୍ଧନକୁ ଏବେକା ଏଆଇ ଆଧାରିତ ଦିଗ ଲାଗି ପୁରସ୍କୃତ କରିଥିବାର ସଂକେତ ଦେଇଛି।

# ଆଜିର ପେଟ୍ରୋଲ, ଡିଜେଲ୍ ଦର

ପେଟ୍ରୋଲ ଏବଂ ଡିଜେଲ ଦାମ୍ ପ୍ରତିଦିନ ବଦଳିଥାଏ । ଆଜି ଅର୍ଥାତ୍ ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି । ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି ।



# ୨ ଘଣ୍ଟାରେ ଟୋଲ୍ ପ୍ଲାଜାରୁ କେତେ ଆୟ କରନ୍ତି ମାଲିକ?




**ନୂଆଦିଲ୍ଲୀ,୨୪।୧୦:** ସମସ୍ତେ ହାଇୱେରେ ଯିବା ଆସିବା କରୁଥିବେ । ଯିବାବେଳେ ନିଶ୍ଚୟ ଟୋଲ୍ ପ୍ଲାଜା କ୍ରସ୍ କରିଥିବେ । ପ୍ରତ୍ୟେକ ଥର ଟୋଲ୍ ପ୍ଲାଜାରେ କିଛି ଟ୍ୟାକ୍ସ ଦିଆଯିବା ଏକ ସାଧାରଣ କଥା। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏହି ଟୋଲ୍ ବୁଥ୍‌ଗୁଡ଼ିକ କେତେ ରୋଜଗାର କରନ୍ତି ? ସାରା ଦେଶରେ ୮୫୦ରୁ ଅଧିକ ଟୋଲ୍ ପ୍ଲାଜା କାମ କରୁଛି। ଯାହା ପ୍ରତିଦିନ କୋଟି କୋଟି ଟଙ୍କା ରୋଜଗାର କରନ୍ତି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ତଥ୍ୟ ଅନୁଯାୟୀ, ଦେଶର କିଛି ପ୍ରମୁଖ ଟୋଲ୍ ପ୍ଲାଜା ରହିଛି ଯାହାର ମାଲିକ ମାତ୍ର ଦୁଇ ଘଣ୍ଟାରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ହାରାହାରି ଟୋଲ୍ ପ୍ଲାଜାରେ ପ୍ରତିଦିନ ପ୍ରାୟ ୨୦ ହଜାରରୁ ୫୦ହଜାର ଗାଡି ପାର୍ କରିଥାଏ । ଏହାକୁ ହିସାବକୁ ନେଲେ ଏକ ଟୋଲ୍ ପ୍ଲାଜା ମାତ୍ର ଦୁଇ ଘଣ୍ଟାରେ ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ରୋଜଗାର କରିଥାଏ। ଏହି ସଂଖ୍ୟା ସେହି ଅଞ୍ଚଳର ଟ୍ରାଫିକ ଏବଂ ଟୋଲ୍ ରେଟ ଉପରେ ନିର୍ଭର କରେ। ଉଦାହରଣ ସ୍ୱରୂପ, ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ, ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେ, କିମ୍ବା ଯମୁନା ଏକ୍ସପ୍ରେସୱେ ଭଳି ବ୍ୟସ୍ତ ରାଜପଥଗୁଡ଼ିକରେ ଯାନବାହାନ ଯାତାୟାତ ବହୁତ ଅଧିକ । କାର ପାଇଁ ୮୦-୧୨୦ ଟଙ୍କା, ବସ୍ ପାଇଁ ୨୫୦ ଟଙ୍କା ଏବଂ ଟ୍ରକ ପାଇଁ ୪୦୦ ଟଙ୍କା ଆଦାୟ କରାଯାଏ। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାନବାହନ ଯାତାୟାତ କରେ । ଯାହା ଦ୍ୱାରା କିଛି ଟୋଲ୍ ପ୍ଲାଜାର ଦୈନିକ ରୋଜଗାର ୫୦ ଲକ୍ଷରୁ ୧ କୋଟି ପର୍ଯ୍ୟନ୍ତ ମିଳିଥାଏ। ଏବେ ପ୍ରଶ୍ନ ଆସୁଛି ଗୋଟିଏ ଟୋଲ୍ ପ୍ଲାଜା କେତେ ବର୍ଷ ପାଇଁ ଟୋଲ୍ ଆଦାୟ କରିପାରିବ? ସମସ୍ତ ରାଜସ୍ୱ ସିଧାସଳଖ ଟୋଲ୍ ପ୍ଲାଜା ମାଲିକ କିମ୍ବା (ଏନ୍‌ଏଚ୍‌ଏଆଇ) ଦ୍ୱାରା ପରିଚାଳନା ପାଇଁ ଦିଆଯାଇଥିବା କମ୍ପାନୀକୁ ଯାଏ। ଅଧିକାଂଶ ଟୋଲ୍ ବୁଥ୍ ପବ୍ଲିକ୍-ପ୍ରାଇଭେଟ୍ ପାର୍ଟନରସିପ୍ ମଡେଲ୍ ଅନୁଯାୟୀ କାମ କରିଥାଏ ।

# ପାକିସ୍ତାନରେ ଅଦା କିଲୋ ୭୫୦ ଟଙ୍କା



**ଇସଲାମାବାଦ,୨୩।୧୦:** ଆଫଗାନିସ୍ତାନ ସହ ବିବାଦ ଯୋଗୁ ପାକିସ୍ତାନକୁ ବହୁ ମୂଲ୍ୟ ଦେବାକୁ ପଡୁଛି। ସୀମା ଉତ୍ତେଜନା ଯୋଗୁ ସାରା ଦେଶରେ ପନିପରିବା ଦର ବୃଦ୍ଧି ପାଉଛି। ରାୱଲପିଣ୍ଡିରେ ଟମାଟୋ କିଲୋଗ୍ରାମ ପିଛା ୬୦୦ରେ ବିକ୍ରି ହେଉଛି। ପ୍ରମୁଖ ପାକିସ୍ତାନୀ ଦୈନିକ ଏକ୍ସପ୍ରେସ୍ ଟ୍ରିବ୍ୟୁନ୍ ରାୱଲପିଣ୍ଡି ସାବଜି ମଣ୍ଡି ବ୍ୟବସାୟୀ ସଂଘର ସଭାପତିଙ୍କ ମନ୍ତବ୍ୟ ଆଧାରରେ କହିଛି ଯେ, ଟମାଟୋ ଯୋଗାଣ କମ୍ ଅଛି, କିନ୍ତୁ ଚାହିଦା ଅଧିକ ରହିଛି। ଆଫଗାନିସ୍ତାନରୁ ଟମାଟୋ ଆମଦାନି କରାଯାଉ ନାହିଁ। ଯେପର୍ଯ୍ୟନ୍ତ ଯୋଗାଣ ସମ୍ପୂର୍ଣ୍ଣ ପୁନଃସ୍ଥାପିତ ନ ହୋଇଛି ଦର ହ୍ରାସ ପାଇବ ନାହିଁ ଏବଂ ଉଚ୍ଚା ରହିବ।

## ଅଲୋଡ଼ା ହୋଇଯିବ ଗୁଗଲ୍ ବ୍ରାଉଜର୍

# ଓପନ୍ ଏଆଇ ଆଣିଲା ଏଆଇ ବ୍ରାଉଜର

**ନୂଆଦିଲ୍ଲୀ:** ଗୁଗଲ୍ ଯେ କେବେ ଅଲୋଡ଼ା ହୋଇଯିବ, କିଛି ବର୍ଷ ପୂର୍ବରୁ ତାହା କେହି ଭାବିପାରୁନଥିଲେ। ମାତ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଦ୍ରୁତ ବିକାଶ ଏହି ଅସମ୍ଭବକୁ ସମ୍ଭବ କରିବାକୁ ଯାଉଛି। ଇଣ୍ଟରନେଟ୍ ଜଗତର ସର୍ବବୃହତ୍ ବ୍ରାଉଜର ଗୁଗଲ୍‌ର ଏକଚାଟିଆ ଆଧିପତ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି। ଚାଟ୍‌ଜିପିଟି ଆଣିଥିବା ଆମେରିକୀୟ ସଂସ୍ଥା ଓପନ୍‌ଏଆଇ ନିଜର ବ୍ରାଉଜର 'ଆଟ୍‌ଲାସ୍' ଉନ୍ମୋଚନ କରିଛି। ଏହି ଖବର ପ୍ରଚାର ହେବା ପରେ ଗୋଟିଏ ଦିନରେ ଗୁଗଲ୍‌ର ବଜାର ମୂଲ୍ୟ ୧୩.୧୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଏହାର ମୂଳ କମ୍ପାନି ଆଲ୍‌ଫାବେଟ୍‌ର ସେୟାର ମୂଲ୍ୟ କମିଯିବାରୁ କମ୍ପାନି ଏହି କ୍ଷତି ସହିଛି।



## ବେଆଇନ ଗୋଚାଲାଣ, ଜଣେ ଗିରଫ

**ହିଞ୍ଜିଳିକାଟୁ,୨୩।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ନିକଟବର୍ତ୍ତୀ ଖଣ୍ଡରା ଗ୍ରାମରୁ ବେଆଇନ ଗୋଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ହିଞ୍ଜିଳି ପୋଲିସ। ଗିରଫ ଯୁବକ ହେଲେ ହିଞ୍ଜିଳି ଖଣ୍ଡରା ଗ୍ରାମର କବିରାଜ ବେହେରା(୪୫)। ହିଞ୍ଜିଳି ପୋଲିସ ପେଟ୍ରୋଲିଂ ବେଳେ ଗାଡ଼ି ନଂ (ଓଡ଼ି୦୭ଏଓ୫୯୮୮) ରେ ସମୁଦାୟ ୫ଟି ପଶୁମାନଙ୍କୁ ଚାଲାଣ ସମୟରେ ପୋଲିସ ଆବଶ୍ୟକ କାଗଜପତ୍ର ମାଗିଥିବା ବେଳେ ତାହା ଦେଖାଇପାରି ନ ଥିଲେ। ଗାଡ଼ି ଜବତ ସହ ୧୫୮/୨୫ରେ ମାମଲା ରୁଜୁ ହୋଇ ଗିରଫଙ୍କୁ କୋର୍ଟ ଚାଲାଣ କରାଯାଇଥିବା ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## ବସକୁ ଧକ୍କା ଦେଇ ଜଣେ ଆହତ

**ହିଞ୍ଜିଳିକାଟୁ,୨୩।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଥାନା ସାରୁ ଛକ ନିକଟରେ ଏକ ବାଇକ ଚାଳକ ବସକୁ ଧକ୍କା ଦେଇ ଚାଳକ ଜଣକ ଆହତ ହୋଇଛନ୍ତି। ଆହତ ଜଣକ ହେଲେ ବିକାଶ ବେହେରା (୨୫)। ଆହତ ଚାଳକଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚାଳକଙ୍କ ମୁଣ୍ଡରେ ଅଧିକ ଆଘାତ ଲାଗିଥିବାରୁ ଅଧିକ ଚିକିତ୍ସାପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ହିଞ୍ଜିଳି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ବିଜେପିର ମଣ୍ଡଳ ପଦାଧିକାରୀଙ୍କ ନାମ ଘୋଷଣା

**ନୀଳଗିରି,୨୩।୧୦ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ପକ୍ଷରୁ ନୀଳଗିରି ନିର୍ବାଚନ ମଣ୍ଡଳୀର ନୀଳଗିରି ନଗର, ପଞ୍ଚଲିଙ୍ଗେଶ୍ୱର, ଭୂଧାରଚଣ୍ଡୀ ଓ ବଣସୀମା ମଣ୍ଡଳ କମିଟି ଗଠନ କରାଯାଇ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଅନୁମୋଦନ କ୍ରମେ ନୀଳଗିରି ନଗର ମଣ୍ଡଳ ସଭାପତି ଭାବେ ସୂର୍ଯ୍ୟକାନ୍ତ ବିଶ୍ୱାଳ, ୨ ନଂ ଜୋନ ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଭାପତି ଭାବେ ଅନନ୍ତ ଗିରି, ୧୧ ନଂ ଜୋନ ବଣସୀମା ମଣ୍ଡଳ ସଭାପତି ଭାବେ ରମାକାନ୍ତ ବେହେରା, ୧୨ ନଂ ଜୋନଭୂଧାରଚଣ୍ଡୀ ମଣ୍ଡଳ ସଭାପତି ଭାବେ ରତିକାନ୍ତ ବେହେରାଙ୍କ ନାମ ବିଧିବଦ୍ଧ ଭାବେ ଦଳ ଘୋଷଣା ହୋଇଛି।

# କଳବଳ କରୁଛି ମାଇକ୍ରୋଫାଇନାନ୍ସ ଋଣ ବୋଝ

## ସର୍ବସ୍ୱାନ୍ତ ହୋଇ ଗାଁ ଛାଡୁଛନ୍ତି ଋଣୀ ପରିବାର



**ଲାଞ୍ଜିଗଡ଼,୨୩।୧୦ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ମାଇକ୍ରୋଫାଇନାନ୍ସ ଋଣ ବୋଝରେ ଅନେକ ଲୋକ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାର ଏଜେଣ୍ଟ ଗାଁ ଗାଁ ବୁଲି ମହିଳା ଏସ୍‌ଏଚଜିଗୁଡ଼ିକୁ ଋଣ ଦେଉଛନ୍ତି। ସରଳ ନିରୀହ ମହିଳାମାନେ କିଛି ନ ବୁଝି ସହଜରେ ଋଣ ମିଳୁଥିବାରୁ ଖୁସିରେ ଟଙ୍କା ଉଠାଇ ନେଉଛନ୍ତି। କିନ୍ତୁ ସେହି ଟଙ୍କାକୁ ଘରୋଇ କାର୍ଯ୍ୟରେ ଖର୍ଚ୍ଚ କରି ଦେଉଛନ୍ତି। ଉଚ୍ଚ ସୁଧ ହାର ଯୋଗୁଁ ପରବର୍ତ୍ତୀ ସମୟରେ ମହିଳାମାନେ ଋଣ ପରିଶୋଧ କରି ନପାରି ଭାରି ହଇରାଣ ହେଉଛନ୍ତି। ପରିଶୋଧ ପାଇଁ କମ୍ପାନିଗୁଡ଼ିକ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏଜେଣ୍ଟମାନେ ଘର ଦୁଆରେ ବସି ରହୁଛନ୍ତି। ଋଣୀଙ୍କୁ ନାନା କଥା କହି ଅପମାନିତ କରୁଛନ୍ତି। କିଛି ଲୋକ ଋଣ ପରିଶୋଧ ପାଇଁ ପୁଣି ଋଣ କରୁଥିବା ଜଣାଯାଇଛି। ଆଉ କିଛି ଋଣ ପରିଶୋଧ ପାଇଁ ଅନ୍ୟ ରାଜ୍ୟକୁ ଦାଦନ ଯିବାକୁ ବାଧ ହେଉଛନ୍ତି। ପୁଣି କେହି ଘରର ସୁନା, ଜମି ସବୁ ବନ୍ଧକ ଦେଇ ଋଣମୁକ୍ତ ହେଉଛନ୍ତି।

ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଗାଁର କିଛି ପରିବାର ଏହି ମାଇକ୍ରୋଫାଇନାନ୍ସ ସଂସ୍ଥାରୁ ଋଣ ନେଇ ପରିଶୋଧ କରି ନ ପାରି ଗାଁ ଛାଡ଼ି ଅନ୍ୟ ରାଜ୍ୟକୁ ଚାଲିଯାଇଛନ୍ତି। ଏଜେଣ୍ଟ ମାନେ ବିଭିନ୍ନ ପ୍ରକାର ମାଧ୍ୟମରେ ପ୍ରରୋଚିତ କରି ଗୋଷ୍ଠୀଋଣ (ଗ୍ରୁପଲୋନ) ପ୍ରଦାନ କରୁଛନ୍ତି। ପରେ ଅସୁଲି ସମୟରେ ଏମାନେ ଏମିତି ସୁଧ ନେଉଛନ୍ତି ଯେ ଏହାର ସୁଦହାରରେ ଗରିବ ପରିବାରଗୁଡ଼ିକ ସର୍ବସ୍ୱାନ୍ତ ହୋଇଯାଉଛନ୍ତି। କେବଳ ଆଧାର କାର୍ଡ଼ ଓ ବ୍ୟାଙ୍କ ପାସବୁକ ଯଥେଷ୍ଟ କହି ଏଜେଣ୍ଟମାନେ ଋଣ ଗ୍ରହିତାଙ୍କୁ ପ୍ରଲୋଭିତ କରୁଛନ୍ତି। ବ୍ୟାଙ୍କକୁ ଯାଇ ହଇରାଣ ହେବା ଅପେକ୍ଷା ଦୁଆର ମୁହଁରେ ଟଙ୍କା ମିଳୁଥିବାରୁ ସେମାନେ ମଧ୍ୟ ସୁବିଧାଜନକ ବୋଲି ଭାବୁଛନ୍ତି ମାତ୍ର ପରବର୍ତ୍ତୀ ସମୟରେ ଏହି ଏଜେଣ୍ଟମାନେ ସପ୍ତାହ ଓ ମାସିକ କିସ୍ତିରେ ମୂଳସୁଧ ଅସୁଲି କରୁଛନ୍ତି। ଯେଉଁମାନେ ସାମାନ୍ୟ ସମୟ ଖିଲାପ କଲେ ମଧ୍ୟ ସେମାନଙ୍କ ଘରମୁହଁରେ ଜଗି ବସୁଛନ୍ତି। ବର୍ତ୍ତମାନ ଖରିଫ ସମୟରେ ଅନେକ କୃଷି ଶ୍ରମିକ ପରିବାର ଚାଷ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି।ମାତ୍ର ଏହି ଲଗାଣକାରୀ ସଂସ୍ଥାର ଏଜେଣ୍ଟମାନେ କୌଣସି କଥାକୁ ବିଚାର ନକରି ମହିଳାମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଏଭଳି ସଂସ୍ଥାର କାର୍ଯ୍ୟକଳାପରେ ରୋକ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି।

ଏନେଇ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ରିଜର୍ଭ ପୁଲିସର ଦାୟିତ୍ୱ ଗ୍ରହଣ କଲେ ଇନ୍ସପେକ୍ଟର ବିରଞ୍ଚି



**ନୂଆପଡ଼ା,୨୩।୧୦ (ସଂଚାର ବ୍ୟୁରୋ):** ନୂଆ କରି ଏସଆଇରୁ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଥିବା ବିରଞ୍ଚି ନାରାୟଣ ସାହୁ ଆଜି ରିଜର୍ଭ ପୁଲିସର ଦାୟିତ୍ୱ ଗ୍ରହଣ କରିଛନ୍ତି । ତତ୍‌କାଳୀନ ଇନ୍ସପେକ୍ଟର ବିଜୟ କୁମାର ମୁଦୁଲିଙ୍କ ବଦଳି ହେବା ପରେ ନୂଆପଡ଼ା ରିଜର୍ଭ ପୋଲିସରେ କାର୍ଯ୍ୟରତ ଏଏସଆଇ ବିରଞ୍ଚି ନାରାୟଣ ସାହୁଙ୍କର ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି କରାଯାଇ ଉକ୍ତ ରିଜର୍ଭ ପୋଲିସରେ ନୂତନ ଇନ୍ସପେକ୍ଟର ଭାବେ ନିଯୁକ୍ତ କରାଯାଇଥିଲା । ତେବେ ଆଜି ବିଧିବଦ୍ଧ ଭାବେ ନୂତନ ଇନ୍ସପେକ୍ଟର ବିରଞ୍ଚି ନାରାୟଣ ତତ୍‌କାଳୀନ ଇନ୍ସପେକ୍ଟର ବିଜୟ କୁମାର ମୁଦୁଲିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି । ନୂତନ ଇନ୍ସପେକ୍ଟର ଶ୍ରୀଯୁକ୍ତ ସାହୁ ଦାୟୀତ୍ୱ ଗ୍ରହଣ କରିବା ପରେ ରିଜର୍ଭ ପୋଲିସର ସମସ୍ତ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ୱେବ ନ୍ୟୁଜ୍ ପୋର୍ଟାଲ ମାଲିକଙ୍କ ନାମରେ ଏତଲା ଦେଲା କଂଗ୍ରେସ




**ନୟାଗଡ଼,୨୩।୧୦ (ସଂଚାର ବ୍ୟୁରୋ):** ଓଡିଶା ପ୍ରଦେଶ କଂଗ୍ରେସ ନିଷ୍ପତି ଅନୁସାରେ ଫୋକସ ପ୍ଲସ ୱେବ ପୋର୍ଟାଲ ଅଣପଞ୍ଜିକୃତ ନିୟୁଜ ସଂସ୍ଥାର ମାଲିକ ଶୁଭ୍ରାଂଶୁ ଶେଖର ରାଉତ ଏବଂ ତାଙ୍କର ଅନ୍ୟ ଚାରିଜଣ ସହଯୋଗୀ ପ୍ରାୟୋଜିତ ଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ସାଗର ଦାସ ଏବଂ କଂଗ୍ରେସ ଦଳ ବିରୁଦ୍ଧରେ ମନ୍ଦ ଉଦ୍ଦେଶ୍ୟ ରଖି ବ୍ୟକ୍ତିଗତ କୁତ୍ସାରଟନା କରୁଥିବାରୁ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସାଇବର ଥାନାରେ ଏତଲା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଡିସିସି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ,ଦଳୀୟ କାର୍ଯ୍ୟକର୍ତ୍ତାମାନେ ସନ୍ଧ୍ୟାରେ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କୁ ଲିଖିତ ଏତଲା ଦାଏର କରିଛନ୍ତି। ୱେବ ନିୟୁଜ ପୋର୍ଟାଲ ର ସ୍ୱତନ୍ତ୍ର ନୀତିନିୟମ ଉଲ୍ଲଙ୍ଘନ କରି ଫୋକସ ପ୍ଲସ ନିୟୁଜ ସଂସ୍ଥା ରାଜ୍ୟବାସୀଙ୍କ ବିଶ୍ୱାସଭାଜନ ହେଉଥିବା ବେଳେ ପ୍ରବଳ ଈର୍ଷାନ୍ୱିତ ହୋଇ ପିସିସି ସଭାପତି ଏବଂ କଂଗ୍ରେସ ଦଳ ବିରୁଦ୍ଧରେ ମନଗଢ଼ା ଗପ ପ୍ରଚାରପ୍ରସାର କରି ଦଳକୁ ସାଧାରଣରେ ନିନ୍ଦିତ କରିବା ପାଇଁ ଅପଚେଷ୍ଟା କରୁଥିବା ୱେବ ପୋର୍ଟାଲ ନ୍ୟୁଜ୍ ସଂସ୍ଥା ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ଭତ୍ତା ପାଇବାରୁ ବଞ୍ଚିତ ୬୨ ବର୍ଷୀୟ ବୃଦ୍ଧ

**ଫିରିଙ୍ଗିଆ,୨୩।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ତିଲକାପାଙ୍ଗା ଗ୍ରାମର ୬୨ ବର୍ଷିୟ ବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ। ଏହି ବୃଦ୍ଧ ଜଣକ ହେଲେ ବାସ କହଁର। ଦୀର୍ଘ ଦୁଇ ବର୍ଷ ହେବ ଭତ୍ତା ପାଇବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ ଦୌଡ଼ି ଶେଷରେ ନିରାଶ ହୋଇ ଘରେ ଭୋକ ଉପାସରେ ବିତାଇ ନିଦ କାଟୁଥିବା ଖବର ମିଳିଛି

ତିଲକାପାଙ୍ଗା ଗ୍ରାମର ଅସହାୟ ଗରିବ ଶ୍ରେଣୀର ବୃଦ୍ଧ ବାସ କହଁର। ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ବିଧବା ଭତ୍ତା ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ହେଉ ଅନେକ ଭତ୍ତା ପାଉଥିବା ବେଳେ ୬୨ ବର୍ଷର ବୃଦ୍ଧାଙ୍କ ପ୍ରତି ଏ ପର୍ଯ୍ୟନ୍ତ କାହିଁକି ପ୍ରଶାସନର ଦୃଷ୍ଟି ପଡ଼ି ନାହିଁ ଏହା ଜିଲ୍ଲା ମହଲରେ ଏକ ପ୍ରଶ୍ନବାଚି ସୃଷ୍ଟି ହେଇଛି। ଏଣୁ ବୃଦ୍ଧା ପ୍ରତି ପ୍ରଶାସନ ଦୃଷ୍ଟିରେ ଦେଇ ଏହି ଗରୀବ ଅସହାୟ ବୃଦ୍ଧଙ୍କୁ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ନିମନ୍ତେ ବିନମ୍ର ଅନୁରୋଧ କରିଛନ୍ତି।



## ମିଳିତ ମଞ୍ଚ ଦ୍ୱାରା ମନୁବାଦୀ ଓକିଲଙ୍କ ବିରୁଦ୍ଧରେ ଅଭିଯୋଗ



**କନ୍ଧମାଳ,୨୩।୧୦ (ସଂଚାର ବ୍ୟୁରୋ):** ଦେଶର ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟଧୀସଙ୍କ ଉପରେ ହୋଇଥିବା ଜାତିଆଣ ଆକ୍ରମଣକୁ ପ୍ରତିବାଦ କରି ଆଜି କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ଜୟଭୀମ ଜୟସମ୍ବିଧାନ ଜୟମୂଳନିବାସୀ ନାରା ଦେଇ ଏକ ବିଶାଳ ଜନଆକ୍ରୋଶ ଶୋଭାଯାତ୍ରା ହୋଇଯାଇଛି। କନ୍ଧମାଳ ଜିଲ୍ଲା ମିଳିତ ମଞ୍ଚର ସଭାପତି ଶ୍ରୀ ସମିର୍ ଘଟାଲ୍ ଏବଂ ସମ୍ପାଦକ ସତ୍ୟନାରାୟଣ ବେହେରାଙ୍କ ନେତୃତରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରୁ ହଜାର ହଜାର ସଂଖ୍ୟାରେ ଲୋକମାନେ ଆସି ଫୁଲବାଣୀ ସର୍କିଟହାଉସ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ମାଧମରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି. ବି ଆର ଗବାଇଙ୍କୁ ଯେଉଁ ମନୁବାଦି ଓକିଲ ରାକେଶ କିଶୋର ଯେଉଁ ଉଦ୍ଦେଶ୍ୟ ମୂଳକ ଭାବରେ ଜୋତା ମାଡ଼ ମାରିଛନ୍ତି ସେହି ପ୍ରତିବାଦରେ ମନୁବାଦିଙ୍କ ଦ୍ୱାରା ପ୍ରଯୋଜିତ କାର୍ଯ୍ୟକୁ ଘୋର ବିରୋଧ ଓ ନିନ୍ଦା କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଜିଲ୍ଲାପାଳନଙ୍କୁ ପ୍ରଦାନ କରାଯାଇଛି।

ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆଁବର୍ଗ ଓ ମାଇନୋରିଟିଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ କଠୋର ପଦକ୍ଷପ ନେଇ ସାମ୍ବିଧାନିକ ନ୍ୟାୟ ପାଇବା ପାଇଁ ଦାବି ହୋଇଥିଲା। ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କୁ ଯୋତାମାଡ଼ କରିଥିବା ବ୍ୟକ୍ତି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ଦେଶ ଦ୍ରୋହି ମାମଲା ରୁଜୁ କରାଯାଉ ଏହି ଦୃଢ଼ ଦାବି ରହିଥିଲା। ଦେଶବ୍ୟାପି ଦଳିତ ଆଦିବାସୀଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ତୁରନ୍ତ ବନ୍ଦ ସହ ନାରୀ ନିର୍ଯାତନା ବନ୍ଦ କରିବା ନିମନ୍ତେ ଦାବି କରାଯାଇଥିଲା। ମନୁବାଦି ମାନଙ୍କ ଭିତିହୀନ ପ୍ରଚାର ଓ ପ୍ରସାର କରି ନିରୀହ ଲୋକମାନଙ୍କୁ ଅନ୍ଧଭକ୍ତରୁ ରୋକିବା ନିମନ୍ତେ ସ୍ୱରତ୍ତାଳନ କରାଯାଇଥିଲା।

## ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚିତ୍ତବିନୋଦନ କେନ୍ଦ୍ର ଉଦ୍‌ଘାଟିତ




**ଯାଜପୁର ରୋଡ୍,୨୩।୧୦ (ସଂଚାର ବ୍ୟୁରୋ):** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରମାନଙ୍କ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ୍) ଦ୍ୱାରା ପୁନଃନିର୍ମିତ ଚିତବିନୋଦନ କେନ୍ଦ୍ର ଗୁରୁବାର ଉତ୍ସର୍ଗୀକୃତ କରାଯାଇଛି। ସ୍ଥାନୀୟ ଅଂଚଳରେ ଶିକ୍ଷା ଭିତିଭୂମିର ବିକାଶ ପାଇଁ ଟିଏସଏଫ୍ ଦ୍ୱାରା ନିଆଯାଇଥିବା ପଦକ୍ଷେପରେ ୪,୫୦୦ ବର୍ଗଫୁଟ୍ ଅଂଚଳରେ ନିର୍ମିତ ଏହି କେନ୍ଦ୍ର ଛାତ୍ରମାନଙ୍କ ପାଇଁ ବହୁତ ସହାୟକ ହେବ। ଏହି କେନ୍ଦ୍ରଟିକୁ ମାନ୍ୟବର କୋରାଇ ବିଧାୟକ, ଶ୍ରୀ ଆକାଶ ଦାସନାୟକ ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ, ଓଏଏସ୍ (ଏସ୍), ଭିଏନ କଲେଜ ପ୍ରେସିଡେନ୍ସି, ଶ୍ରୀ ସପନ କୁମାର ନନ୍ଦ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ, ଡ଼ଃ ସରତ କୁମାର ମଲ୍ଲିକ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, କଳିଙ୍ଗନଗର ଇମ୍ପ୍ୟାକ୍ଟ କ୍ଲଷ୍ଟର, ମୁଖ୍ୟ, ଶ୍ରୀ ଦେବାଞ୍ଜନ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ଆକାଶ ଦାସନାୟକ କହିଥିଲେ ଯେ, “ଆମ ଛାତ୍ରମାନେ ହେଉଛନ୍ତି ଓଡ଼ିଶାର ଭବିଷ୍ୟତ। ଏହି ସୁନ୍ଦର ଚିତବିନୋଦନ କେନ୍ଦ୍ର ଦେଖି ମୁଁ ଅତ୍ୟନ୍ତ ଖୁସି। ଏହା ଗୋଟିଏ ଅବ୍ୟବହୃତ ସ୍ଥାନକୁ ଛାତ୍ରମାନଙ୍କ ହିତ ପାଇଁ ପ୍ରସ୍ତୁତ କରାଯାଇଛି । ଶିକ୍ଷା ଭିତିଭୂମିର ଉନ୍ନତି ଓ ଛାତ୍ରମାନଙ୍କ ସାମଗ୍ରିକ ବିକାଶ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଅବଦାନ ଗୁରୁତ୍ୱପୂର୍ଣ୍ଣ।”

## କଂଗ୍ରେସ ଜିଲ୍ଲା ସଭାପତିଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ବୈଠକ



**ନୀଳଗିରି,୨୩।୧୦ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା କଂଗ୍ରେସର ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ, ବରିଷ୍ଠ ଯୁବ ନେତା ତପନ କୁମାର ରାଉତଙ୍କ ଆବାହକତ୍ୱରେ, ଗତ ବୁଧବାର ଅପରାହ୍ନ ୪ ଘଟିକା ସମୟରେ, ନୀଳଗିରି କଂଗ୍ରେସ ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଯୁବ ନେତା ଅଶ୍ୱିନୀ କୁମାର ଦାସ ସଭାପତିତ୍ୱ କରିଥିଲେ। ଆଗାମୀ ୨୮ ତାରିଖ ରେ ସ୍ୱାଗତ ଉତ୍ସବ କରାଯିବାକୁ ନିଷ୍ପତି ହୋଇ ଥିଲେ ହେଁ, ଏକ ୩ ଜଣିଆ କମିଟି ଗଠନ କରା ଯାଇ, ନୂତନ ଭାବେ ସଭାପତି ପତି ହୋଇଥିବା ସତ୍ୟଶିବ ଦାସଙ୍କ ମତାମତ ଆଣିବା ପରେ, ଚୂଡାନ୍ତ ନିଷ୍ପତି ନିଆ ଯିବ ବୋଲି ଏହି ଆଲୋଚନା ରେ ସ୍ଥିର କରାଯାଇ ଥିଲା । ଅନ୍ୟ ପକ୍ଷରେ, ନୀଳଗିରି, ଔପଦା, ବାହାନଗା ବ୍ଲକର ୪୧ ଟି ପଂଚାୟତରୁ ନେତୃସ୍ଥାନୀୟ ୫ ଜଣ କରି ସ୍ୱାଗତ ଉତ୍ସବକୁ ଆସିବା ପାଇଁ ନିଷ୍ପତି ନିଆ ଯାଇଛି। ଉକ୍ତ ବୈଠକରେ, ଅନ୍ୟ ମାନଙ୍କ ମଧ୍ୟରେ, ଶ୍ରୀ ରାଉତଙ୍କ ସମେତ ଯୋଗେଶ୍ୱର ବେହେରା, ଯଶୋଦା ନନ୍ଦନ ସିଂହ, ଉପେନ୍ଦ୍ର ବେହେରା, ଅଶ୍ୱିନୀ କୁମାର ପାତ୍ର, ସୁଖେ ସୁରେନ୍ଦ୍ର ଦାସ, ରତିକନ୍ତ ବେହେରା, ରାମକୃଷ୍ଣ ଜେନା, ଉମେଶ ଧଳ, କମଳକାନ୍ତ ବାରିକ, ପତିତପାବନ ଦାସ, କାର୍ତ୍ତିକ ବ୍ରହ୍ମା, ଗଣେଶ୍ୱର ପଣ୍ଡା, ବିଜୟ ଗିରି, ନୟନ ଦାସ, ପ୍ରକାଶ ଚୌଧୁରୀ, ପାଗୁଲୁ ମିଶ୍ର ଓ ନାରୀ ନେତ୍ରୀ ବାସନ୍ତୀ ସିଂ ପ୍ରମୁଖ ବହୁ ନେତା ଓ ଛାମୁଆ କର୍ମୀ ଉପସ୍ଥିତ ଥିଲେ ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’



**ନାଉଗାଁ,୨୩।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ତିରୁଣାସ୍ଥିତ ଗୋପବନ୍ଧୁ ସ୍ମାରକୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଏକ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି-୨୦୨୫’ ଅନୁଷ୍ଠିତ ହୋଇଯାଇଛି। ଉଦଘାଟିନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଜୋନ୍-୧ ର ସଭ୍ୟା ଅମିତା ସ୍ୱାଇଁ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଜୋନ୍-୨ର ସଭ୍ୟା ମମତା ପରିଡ଼ା, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ସୁଜିତ କୁମାର ପୁହାଣ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପୁହାଣ, ନିରଞ୍ଜନ ମହାନ୍ତି, ସୁକାନ୍ତ ଲେଙ୍କା ପ୍ରମୁଖ ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି ସରୋଜିନୀ ସାହୁ, ଅକ୍ଷୟ ରାଉତ, ପିତାମ୍ବର ପରିଡ଼ା, କମଳଲୋଚନ ନାୟକ, କାଶିନାଥ ବେହେରା, ଗଙ୍ଗାଧର ବିଶ୍ୱାଳ, ଚୌତନ୍ୟ ମଲ୍ଲିକ, ଶିକ୍ଷକ ବସନ୍ତ ଦାସ, ବୁଲାକୀ ସେଠୀ, ଚିନ୍ତାମଣୀ ରାଉଳ, ସୁଧୀର ବିଶ୍ୱାଳ ପ୍ରମୁଖ ପରିଚାଳନା କରୁଥିବା ବେଳେ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବାରିପଦା,୨୩।୧୦ (ସଂଚାର ବ୍ୟୁରୋ):** ସାଇବର ଠକେଇରୁ ଲୋକଙ୍କୁ ସୁରକ୍ଷା ଦେବାପାଇଁ ଚଳିତ ଅକ୍ଟୋବର ମାସ ୧୮ ତାରିଖରୁ ଆଗାମୀ ସେପ୍ଟେମ୍ବର ମାସ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ଜାରି ରହିଛି। ଏହି କ୍ରମରେ ୧୮ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସାଇବର ସୁରକ୍ଷା ଅଭିଯାନ-୨୦୨୫ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରଖିବା ପାଇଁ ଶପଥ ପାଠ କରାଇବା ସହ ସାଇବର ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ଆଜି ବାରିପଦା ଠାରେ ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ଠାରେ ଜିଲ୍ଲା ପୋଲିସ ପ୍ରଶାସନର ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ ମେଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ରାଜ୍ୟସଭା ମମତା ମହାନ୍ତ, ବିଧାୟକ ଉଦଳା ଭାସ୍କର ମଢେଇ, ବିଧାୟକ ସାରସକଣା ଭାଦବ ହାଁସଦା, ବିଧାୟକ ବଡ଼ସାହି ସନାତନ ବିଜୁଳି, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳିକା ସୀମା ଦାସ, ପୂର୍ବାଞ୍ଚଳ ପୁଲିସ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ହେମକାନ୍ତ ସୟ, ଆରସିସିଏଫ ପ୍ରକାଶ ଗୋଗିନାନି ଓ ଆଇ ଏ ଏସ ପ୍ରୋବେଶନର କାଶିଷ ବକ୍ସି ପ୍ରମୁଖ ଯୋଗ ଦେଇଥିଲେ।

● କୋକସରା ବ୍ଲକସ୍ତରୀୟ ସ୍ପୋର୍ଟସ ମିଟ ଅନୁଷ୍ଠିତ

## ଜିଲ୍ଲାସ୍ତରକୁ ଯିବେ ଖେଳାଳି




**କଳାହାଣ୍ଡି,୨୩।୧୦ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ପକ୍ଷରୁ କୋକସରା ଜବାହାର ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ସ୍ପୋର୍ଟସ ମିଟ ପ୍ରତିଯୋଗିତା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର କ୍ରୀଡାରେ ଉତ୍ତୀର୍ଣ୍ଣ ହୋଇଥିବା ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଜବାହାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ମାଝୀଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଦୀପ କୁମାର ଦାସ, ରେଙ୍ଗାଲପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟିକେଶ୍ୱର ପୁଞ୍ଜି ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପତାକା ଉତ୍ତୋଳନ କରିବା ପରେ ବ୍ଲକ ସ୍ତରୀୟ କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ମନୋବଳକୁ ବଢ଼ାଇବା ସହ ଉତ୍ସାହିତ କରିଥିଲେ। ଏହି କ୍ରମରେ ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ କ୍ରୀଡାକୁ ବ୍ଲକର ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା କ୍ରୀଡା ଶିକ୍ଷକ ମାନେ ପରିଚାଳନା କରିଥିଲେ । ଅପରାହ୍ନରେ ଉଦଯାପନି କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ପ୍ରଧାନ ଶିକ୍ଷକ ଟିକେଶ୍ୱର ପୁଞ୍ଜି, ପ୍ରଦୀପ କୁମାର ଦାସ,ବରିଷ୍ଠ ସାମ୍ବାଦିକ ସନତ କୁମାର ପ୍ରଧାନୀ ବ୍ଲକ ସ୍ତରୀୟ କ୍ରୀଡା ରେ ମନୋନୀତ ହୋଇ ଜିଲ୍ଲା ସ୍ତରୀୟ ସ୍ପୋର୍ଟସ କୁ ଉତ୍ତୀର୍ଣ୍ଣ ହୋଇଥିବା ଖେଳାଳି ଛାତ୍ରଛାତ୍ରୀ ଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଶ୍ରୀମଦ୍ ଭାଗବତ ମାହାତ୍ମ୍ୟ ଓ ରାମଚରିତ ମାନସର ଅନୁବାଦ ପୁସ୍ତକ ଉନ୍ମୋଚିତ




**ସୁବର୍ଣ୍ଣପୁର,୨୩।୧୦ (ସଂଚାର ବ୍ୟୁରୋ):** ପବିତ୍ର ଦୀପାବଳି ଓ କାଳୀପୂଜା ଅବସରରେ ମୁକ୍ତିଲାଭ କରିଛି ଓଡ଼ିଆ ଭାଷା ନବାକ୍ଷରୀ ଛନ୍ଦରେ ଦୁଇ ଖଣ୍ଡି ଅନୂଦିତ ଗ୍ରନ୍ଥ "ମହର୍ଷି ବେଦବ୍ୟାସ ପ୍ରଣୀତ ଶ୍ରୀମଦ୍ ଭାଗବତ ମାହାତ୍ମ୍ୟ ଓ ଗୋସ୍ୱାମୀ ତୁଳସୀ ଦାସ ବିରଚିତ ଶ୍ରୀରାମଚରିତମାନସର ପଞ୍ଚମ ସୋପାନ ସୁନ୍ଦର କାଣ୍ଡ"। ଏଇ ଗ୍ରନ୍ଥଦୁଇଟିର ଅନୁବାଦକ ବିଶିଷ୍ଟ ଭାଗବତ ତଥା ରାମାୟଣ ପ୍ରବକ୍ତା କଥାକାର ଶ୍ରୀଯୁକ୍ତ ଦଧିବାମନ ତ୍ରିପାଠୀ। ସୁବର୍ଣ୍ଣପୁର ଜିଲ୍ଲା ହିକୁଡ଼ି ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ସଭାରେ ରାଜୀବ ଲୋଚନ ଗୁରୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଓଡିଶାର ଜଣେ ଲବ୍ଧପ୍ରତିଷ୍ଠିତ ପ୍ରବଚକ ସତ୍ୟମୋହନ ଦେଓ ପୁସ୍ତକର ସମୀକ୍ଷା ସାଂଗକୁ ହରିକଥାର ମହିମା ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଡକ୍ଟର ପ୍ରଫୁଲ୍ଲ ରଥ, ସଂସ୍କୃତି ଗବେଷକ ଡକ୍ଟର ଅନିରୁଦ୍ଧ କୁରୁକୁରିଆ, ଲେଖକ ସଞ୍ଜୀବ କୁମାର୍ ପ୍ରହରାଜ ଗ୍ରନ୍ଥାକାର ଓ ଗ୍ରନ୍ଥଦ୍ୱୟର ବର୍ଣ୍ଣନାଚାତୁରୀ ସମ୍ବନ୍ଧରେ ବିଶଦ୍ ଚର୍ଚ୍ଚା କରିଥିଲେ ।

## ମହାସମାରୋହରେ ଚିତ୍ରଗୁପ୍ତ ପୂଜା ପାଳିତ



**ସୋନପୁର,୨୩।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ଆନୁକୁଲ୍ୟରେ କରଣ ସମାଜର ଇଷ୍ଟଦେବ ଶ୍ରୀ ଶ୍ରୀ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ପୂଜା ଓ ଜିଲ୍ଲା କରଣ ସମାଜର ବାର୍ଷିକ ଉତ୍ସବ ଆଜି ମହାସମାରୋହରେ ଚିତ୍ରଗୁପ୍ତ କଲ୍ୟାଣ ସମିତି ଗୃହ ପରିସରରେ ପାଳିତ ହୋଇ ଯାଇଛି ।

ପୂଜା ପ୍ରାରମ୍ଭ ପୂର୍ବଦିନ ଜିଲ୍ଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ନିଜସ୍ୱ ଗୃହ ଠାରୁ ଏକ ବିରାଟ କଳସ ଶୋଭାଯାତ୍ରାରେ ବାହାରି ସହର ର ଘୋଡ଼ାଘାଟପଡା ସ୍ଥିତ ମହାନଦୀର କଦମ୍ବ ଘାଟକୁ ଯାଇ ପୂଜକ ଦାମୋଦର ନାଏକଙ୍କ ଦ୍ୱାରା ପୂଜା କରାଯାଇ ପୂର୍ଣ୍ଣ କଳସ ଧରି ଫେରିଥିଲେ । ଏହି ପୂଜାରେ କର୍ତ୍ତା ଭାବରେ ପ୍ରଭାତ କିଶୋର ଦାନୀ ଓ ତାଙ୍କ ପତ୍ନୀ ମଲ୍ଲିକା କାର୍ଯ୍ୟ ନିର୍ବାହ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲା ସମସ୍ତ ବ୍ଲକ ତଥା ପଡୋଶୀ ଜିଲ୍ଲା ବଉଦ ଜିଲ୍ଲାରୁ ଛଅ ଶହ ରୁ ଉର୍ଦ୍ଧ କରଣ ସମାଜର ସଭ୍ୟ ସଭ୍ୟା ଯୋଗ ଦେଇଥିଲେ ।

ମଧ୍ୟାହ୍ନରେ କରଣ ସମାଜର ଏକ ମହାସଭାରେ ସମାଜର ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତା ସଭାପତିତ୍ୱ କରିଥିବା ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ମହାନ୍ତି, ମୁଖ୍ୟ ବକ୍ତା ଭାବରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଯୁକ୍ତ ଦୁଇ ଇଂରାଜୀ ଅଧାପିକା ସରସ୍ୱତୀ ଦାସ ଯୋଗଦେଇ ଯେଉଁ ଜାତି ଯେତେ ଉଚ୍ଚ ହୋଇଥାଏ ସେଠାରେ ମହିଳାଙ୍କ ଭୂମିକା ମୁଖ୍ୟ ରହିଥାଏ। ମାଦଳା ପାଞ୍ଜି ରେ କରଣ ଶବ୍ଦ ର ବହୁବାର ଉଲ୍ଲେଖ ରହିଛି। ଏପରି କି କରଣଙ୍କ ଉତ୍ପତି ଦୁଇ ହଜାର ବର୍ଷ ପୂର୍ବ ବୋଲି ଜଣାଯାଏ। ଜାତୀୟ ପତାକା ତଳେ ଯେପରି ଅଶୋକ ଚକ୍ର ଚିହ୍ନ ରହିଥାଏ କରଣ ସମାଜର ତଳେ କଲମ ଓ ଦୁଆତର ଚିହ୍ନ ରହିଥାଏ। ସଭ୍ୟ ମାନଙ୍କୁ ଆହ୍ୱାନ ଦେଇ ଯେତେ ବାଧା ବିଘ୍ନ, ପ୍ରତିବନ୍ଧକ ଆସିଲେ ମଧ ଆଗକୁ ବଢିବାକୁ ହେବ ବୋଲି ଆହ୍ୱାନ ଦେଇଥିଲେ। ଏହା ସହିତ ଆସନ୍ତା ବର୍ଷର କର୍ତ୍ତା ଭାବରେ ଶ୍ରୀକାନ୍ତ ମହାନ୍ତି ଓ ଶନ୍ତୋଷିନି ପଟ୍ଟନାୟକ ଙ୍କୁ ଚୟନ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ଦେବାଶିଷ ପଟ୍ଟନାୟକ ସଂଯୋଜନା କରିଥିଲେ। ପୂଜାର ମହା ଆଳତୀ ପରେ ସାମୁହିକ ପ୍ରସାଦ ସେବନ କରାଯାଇ ଥିଲା । ଏହା ପରେ ସମାଜ ତରଫରୁ ରଙ୍ଗୋଲି, ନାଚ, ମ୍ୟୁଜିକ ଚେଆର, ଚିତ୍ରାଙ୍କନ, କୌତୁକ ଆଦି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହୋଇଥିଲା ।

# ଆଓ ନେକ୍ସଟ ଓଟିଟିରେ ପ୍ରସାରିତ ହେବ କର୍ମ




ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଭର-ଦି-ଟପ୍ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ, ଆଓ ନେକ୍ସଟରେ ଅକ୍ଟୋବର ୨୧ ରେ ଉପଲବ୍ଧ ହୋଇସାରିଛି ସୁପରହିଟ୍ ଫିଲ୍ମ 'କର୍ମ'। ୨୦୨୪ଦଶହରା ବଜାରରେ ସୁନାମୀ ଆଣିଥିଲା ଏହି ଫିଲ୍ମ। ଜାତୀୟ ପୁରସ୍କାରପ୍ରାପ୍ତ ନିର୍ମାତା ଅନୁପମ ପଟ୍ଟନାୟକ ଏବଂ ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ 'କର୍ମ' ଏବେ ଓଟିଟିରେ ରିଲିଜ ହେବାକୁ ଯାଉଛି। ଦମ୍‌ଦାର ସଂଳାପ ଆଉ 'ଚିରିଂ ଚିରିଂ...' ଗୀତର ଭରପୂର ମଜା ନେଇଥିଲେ ଦର୍ଶକ। ଧରାପୃଷ୍ଠରେ ଜନ୍ମନେଇ ଈଶ୍ୱର ମଧ୍ୟ ନିଜ କର୍ମର ଫଳ ନିଜେ ଭୋଗିଛନ୍ତି। ଯେଉଁଠି ଈଶ୍ୱର କର୍ମଫଳ ଭୋଗୁଛନ୍ତି, ସେଠି ମଣିଷ ବା ବର୍ତ୍ତିଯିବ କେମିତି? ଯିଏ ଯେମିତି କର୍ମ କରିବ, ସେ ତା'ର ଫଳ ନିଶ୍ଚୟ ପାଇବ। ଏଭଳି ଏକ ବାର୍ତ୍ତା ନେଇ ନିର୍ମିତ 'କର୍ମ'। ବାକି କାହାଣୀ ଦର୍ଶକ ଆଓ ନେକ୍ସଟରେ ଦେଖିବା ପରେ ଜାଣିପାରିବେ। ଫିଲ୍ମରେ ସୁପରଷ୍ଟାର ଅନୁଭବ ମହାନ୍ତି ମୁଖ୍ୟ ଚରିତ୍ରରେ ନଜର ଆସିଥିବା ବେଳେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ନଜର ଆସିଛନ୍ତି। ଏହି ଫିଲ୍ମରେ ପ୍ରଥମ ଥର ପାଇଁ ଅନୁଭବ ଓ ସୂର୍ଯ୍ୟମୟୀଙ୍କ ଯୋଡିକୁ ଦେଖିବାକୁ ମିଳିଛି। ଅନ୍ୟ ଭୂମିକାରେ ଅଭିନେତ୍ରୀ ଦିବ୍ୟା ଚୌଧୁରୀ, ଜୟ ପ୍ରକାଶ, ନିଶାନ୍ତ ମଜିଠିଆ, ଉଦିତ ଗୁରୁ ରହିଥିବା ବେଳେ ସନୋଜ ଓ ମନ୍ମୟ େ ଦ ଏହି ଫିଲ୍ମ ମାଧ୍ୟମରେ ଡେବ୍ୟୁ କରିଛନ୍ତି।

'ଓଟିଟି ପ୍ଲାଟଫର୍ମଗୁଡିକରଲୋକପ୍ରିୟତା ବଢିବାରେ ଲାଗିଛି ଓ ଆଓ ନେକ୍ସଟ ସବୁବେଳେ ଓଡ଼ିଶାର ଦର୍ଶକଙ୍କ ମନକୁ ଛୁଇଁଲା ପରି କାହାଣୀ ଓ ବିଷୟ ବସ୍ତୁ ନିଜ ଷ୍ଟ୍ରିମିଂ ପ୍ଲାଟଫର୍ମରେ ଆଣିଥିବାରୁ ସମସ୍ତ ଓଡ଼ିଆଙ୍କ ପ୍ରିୟ ହୋଇ ପାରିଛି। ପୂର୍ବରୁ ପ୍ରେମ, ବିବାହ ଓ ପରିବାର ମଧ୍ୟରେ ଥିବା ଭାବର ଅନ୍ତରକୁ ନେଇ କୋଣୀୟ ପ୍ରେମ କାହାଣୀ 'ଭାବାନ୍ତର'ର କ୍ରେଜ ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟରେ ଯଥେଷ୍ଟ ବଢିଛି। ପୁଣି ଆସନ୍ତା ନଭେମ୍ବରରେ ଆଓ ନେକ୍ସଟରେ ରିଲିଜ ହେବ 'ମନସ୍କ'। ମନ ସକାରାତ୍ମକ ରହିଲେ ମନସ୍କ ମଣିଷ ଉନ୍ନତିର ଚରମ ସୀମାରେ ପହଞ୍ଚିପାରିଥାଏ। କିନ୍ତୁ ନକାରାତ୍ମକତାରେ ଜୀବନ ବୋଝ ପରି ମନେହୁଏ। ଏମିତି ଏକ ମନସ୍ତତ୍ତ୍ୱ ସମ୍ବଳିତ ଫିଲ୍ମ ହେଉଛି 'ମନସ୍କ'। ଜାତୀୟ ସ୍ତରର ନିର୍ଦ୍ଦେଶକ ମାନସ ସାହୁ ଏହି କାହାଣୀର ନିର୍ଦ୍ଦେଶନା ଦେଇଛନ୍ତି। ଭବାନୀ ପ୍ରସାଦ ମାଝୀ ପ୍ରଡକ୍ସନ ବ୍ୟାନରରେ ସିନେମାଟି ପ୍ରସ୍ତୁତ ହୋଇଛି। ଭବାନୀ ପ୍ରସାଦ ମାଝୀ ସିନେମାର ପ୍ରଯୋଜକ ରହିଥିବା ବେଳେ କାହାଣୀ ଲେଖିଛନ୍ତି ଡକ୍ଟର ଲିଙ୍ଗରାଜ ନାଥ। ମନୋବିଜ୍ଞାନ ଓ ଦର୍ଶନକୁ ନେଇ ନିର୍ମିତ ହରର୍ ଓଡ଼ିଆ ଫିଲ୍ମ 'ମନସ୍କ' ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ବେଳେ ଏହା ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ଏଥିରେ ମୁଖ୍ୟ ଭୂମିକାରେ ମଧୁମିତା ବାରିକଙ୍କ ସହ ଅଶ୍ୱିନୀ ରାୟ ନଜର ଆସିଥିଲେ। ଏଥିସହ ବୌଦ୍ଧ ଧର୍ମାବଲମ୍ବୀ ଭୂମିକାରେ ଅଭିନୟ କରିଥିଲେ ଚୌଧୁରୀ ବିକାଶ ଦାସ। 'ଭାବାନ୍ତର'ର ଷ୍ଟ୍ରିମିଂ ସଫଳତାରେ ସିଇଓ ତଥା ପ୍ରତିଷ୍ଠାତା କୌଶିକ ଦାସ କହିଛନ୍ତି ଯେ, ଓଡିଆ ଦର୍ଶକଙ୍କ ଚିନ୍ତାଧାରା ଓ ଭଲପାଇବାକୁ ଧ୍ୟାନରେ ରଖି 'ଆଓ ନେକ୍ସଟ' ମନଛୁଆଁ ନୂଆ ନୂଆ ଫିଲ୍ମ ସବୁ ଆଣିଥାଏ। ଆଗରୁ ବହୁ ସୁପରହିଟ ଫିଲ୍ମ ସବୁ ଦର୍ଶକଙ୍କ ଭଲ ପାଇବା ସାଉଁଟିଥିଲା। ଯେଉଁ ଦର୍ଶକ ମାନେ ଫିଲ୍ମ ସବୁ ହଲରେ ଦେଖିପାରିନଥିଲେ, ସେମାନେ ଏବେ ଆଓ ନେକ୍ସଟରେ ସ୍ୱତନ୍ତ୍ର ଭାବେ ଏହାକୁ ଦେଖିପାରିବେ ଓ ଆଗକୁ ଆହୁରି ଭଲ ଭଲ ଫିଲ୍ମ ଆମ ଉପଭୋକ୍ତାଙ୍କ ପାଇଁ ଆଣିବା ପାଇଁ 'ଆଓ ନେକ୍ସଟ୍' ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରତିଷ୍ଠାତା କୌଶିକ ଦାସ ସୂଚନା ଦେଇଛନ୍ତି।



# 'କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨'ରେ ବିଲ୍ ଗେଟ୍ସ



ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ଏବଂ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ଶିଳ୍ପପତିଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବିଲ୍ ଗେଟ୍ସ। କିଛିଦିନ ହେବ ବିଲ୍ ଗେଟ୍ସ ଛୋଟପରଦାରେ ନଜର ଆସିବା ଖବର ସାମ୍ନାକୁ ଆସିବା ପରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଛି। ସ୍ମୃତି ଇରାନୀଙ୍କ ସୋ' "କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨" ରେ ଏକ ଛୋଟ ଭୂମିକାରେ ବିଲ୍ ଗେଟ୍ସ ଅଭିନୟ କରିବାକୁ ଯାଉଛନ୍ତି। ସୋ'ର ତିନିଟି ଅଧ୍ୟାୟରେ ବିଲ୍ ଗେଟ୍ସଙ୍କ ଅଭିନୟ ଦେଖିବାକୁ ମିଳିବ। "କ୍ୟୁଙ୍କି ସାସ୍ ଭି କଭି ବହୁ ଥି ୨" କାହାଣୀରେ ଏମିତି ଏକ ମୋଡ଼ ଆସିବ ଯେଉଁଥିରେ ସ୍ମୃତି ଇରାନୀ ଏବଂ ବିଲ୍ ଗେଟ୍ସ ଏକ ଭିଡିଓ କଲ୍ ମାଧମରେ କଥାବାର୍ତ୍ତା ହେଉଥିବାର ଦେଖିବାକୁ ମିଳିବ। ଏହି ଆଲୋଚନା କେବଳ ଏକ ସାଧାରଣ ଚାଟ୍ ହେବ ନାହିଁ ବରଂ ଏକ ଗମ୍ଭୀର ସାମାଜିକ ବାର୍ତ୍ତା ବହନ କରିବ।

# ୧୦ କୋଟି କ୍ଲବ୍‌ରେ ସିଦ୍ଧୁ ମୂସେୱାଲାଙ୍କ ଆଲ୍‌ବମ





ପଞ୍ଜାବୀ ଗାୟକ ସିଦ୍ଧୁ ମୂସେୱାଲାଙ୍କ ୩୨ତମ ଜନ୍ମଦିନରେ ତାଙ୍କର ୩ଟି ଗୀତର ଆଲ୍‌ବମ ରିଲିଜ୍ ହୋଇଥିଲା। 'ମୂସ୍ ପ୍ରିଣ୍ଟ' ନାମକ ଏହି ଆଲ୍‌ବମ ୧୦ କୋଟି ଭ୍ୟୁ କ୍ଲବ୍‌ରେ ସାମିଲ ହୋଇଛି । ମୂସେୱାଲାଙ୍କ ମୃତ୍ୟୁ ପରେ ମଧ ତାଙ୍କ ଫ୍ୟାନ୍‌ଙ୍କ ମଧ୍ୟରେ କ୍ରେଜ୍ ପୂର୍ବଭଳି ରହିଛି । ୪ ମାସରେ ୧୦ କୋଟି ଦର୍ଶକ ତାଙ୍କ ଆଲ୍‌ବମକୁ ୟୁଟ୍ୟୁବ୍‌ରେ ଦେଖିଛନ୍ତି । ଆଲ୍‌ବମ ମୂସ୍ ପ୍ରିଣ୍ଟର ୩ ଗୀତରେ ୦୦୦୮, ନୀଲ ଓ ଟେକ୍ ନୋଟ୍‌ସ ରହିଛି । ୟୁଟ୍ୟୁବ୍‌ରେ ରିଲିଜ୍ ହେବା ପରଠୁ ୩ଟିଯାକ ଟ୍ରେଣ୍ଡ୍ କରୁଛି। ଟେକ୍ ନୋଟ୍ ଶୀର୍ଷକ ଗୀତକୁ ୬ ଘଣ୍ଟାରେ ୩୩ ଲକ୍ଷ ଦର୍ଶକ ଦେଖିଥିଲେ। ଏବେ ୪ ମାସ ପରେ ଟେକ୍ ନୋଟ୍‌କୁ ୩.୭ କୋଟି, ୦୦୦୮ କୁ ୩.୨ କୋଟି ଓ ନୀଲ୍‌କୁ ୩.୨ କୋଟି ଲୋକ ଦେଖିଛନ୍ତି । ଆଲ୍‌ବମ ରିଲିଜ୍‌କୁ ନେଇ ସିଦ୍ଧୁ ମୂସେୱାଲାଙ୍କ ବାପା ବଲକୌର ସିଂହ କହିଥିଲେ, ମୃତ୍ୟୁ ପୂର୍ବରୁ ପୁଅ ନିଜର, ମୋର ଓ ତା' ମା'ର ଜନ୍ମଦିନରେ ଗୀତ ରିଲିଜ୍ କରୁଥିଲା । ଏହି ଆଲ୍‌ବମ ରିଲିଜ୍ ପଛରେ ତାଙ୍କ ଉଦ୍ଦେଶ୍ୟ ହେଉଛି ସିଦ୍ଧୁ ଆରମ୍ଭ କରିଥିବା ଧାରା ନ ଅଟକୁ । ସିଦ୍ଧୁଙ୍କର ଯେତେ ଗୀତ ରେକର୍ଡ ହୋଇଛି, ସେଗୁଡ଼ିକୁ ଧୀରେ ଧୀରେ ରିଲିଜ୍ କରାଯାଉଛି ବୋଲି ସେ କହିଥିଲେ । ଏହା ପୂର୍ବରୁ ଆଲ୍‌ବମର ପୋଷ୍ଟର୍ ଇନ୍‌ଷ୍ଟାଗ୍ରାମ୍‌ରେ ରିଲିଜ୍ ହେଉ ହେଉ ଜୋରଦାର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ପୋଷ୍ଟର୍‌କୁ ୧୩ ଲକ୍ଷରୁ ଅଧିକ ଲାଇକ୍ ମିଳିଥିଲା । ସୂଚନାଯୋଗ୍ୟ, ୨୦୨୨, ମେ' ୨୯ରେ ମାନସା ଜିଲ୍ଲାର ଜୱାହରକେ ଗାଁରେ ସିଦ୍ଧୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା।

# ଋଷଭ ଟଣ୍ଡନଙ୍କ ଦେହାନ୍ତ



ଅଭିନେତା ତଥା ଗାୟକ ଋଷଭ ଟଣ୍ଡନଙ୍କ ପରଲୋକ। ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ, ଜଣେ ପୂର୍ବତନ ଦଳର ସଦସ୍ୟ ଇଣ୍ଡିଆ ଟୁଡେକୁ ଏହି ଖବର ନିଶ୍ଚିତ କରିଛନ୍ତି। ଅଭିନେତାଙ୍କ ଆକସ୍ମିକ ମୃତ୍ୟୁ ତାଙ୍କ ପରିବାର ଏବଂ ପ୍ରଶଂସକମାନଙ୍କୁ ଦୁଃଖିତ କରିଛି। ତେବେ ଋଷଭ ତାଙ୍କ ପତ୍ନୀଙ୍କ ସହ ମୁମ୍ବାଇରେ ରହୁଥିଲେ। ସେ ତାଙ୍କ ପରିବାର ସହିତ ଦୀପାବଳି ପାଳନ କରିବାକୁ ଦିଲ୍ଲୀ ଆସିଥିଲେ। କିନ୍ତୁ କିଏ ଜାଣିଥିଲା ଏହା ତାଙ୍କ ପରିବାର ସହିତ ରିଷଭଙ୍କ ଶେଷ ଦୀପାବଳି ହେବ? ଏହି କଷ୍ଟକର ସମୟରେ ଅଭିନେତାଙ୍କ ପରିବାର ଗୋପନୀୟତା ପାଇଁ ଅନୁରୋଧ କରିଛନ୍ତି। ଅଭିନେତାଙ୍କ ଶେଷକୃତ୍ୟ ଏପର୍ଯ୍ୟନ୍ତ କରାଯାଇ ନାହିଁ। ସୋସିଆଲ ମିଡିଆରେ ଫ୍ୟାନ୍ସମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପ୍ରକାଶ ଥାଉକି, ଋଷଭ ପେଶାରେ ଜଣେ ଗାୟକ, ସଂଗୀତକାର ଏବଂ ଅଭିନେତା ଥିଲେ। ସେ ତାଙ୍କର ଶାନ୍ତ ଆଚରଣ ଏବଂ ସଙ୍ଗୀତ ପ୍ରତି ପ୍ରେମ ପାଇଁ ଜଣାଶୁଣା ଥିଲେ। ସେ ୨୦୦୮ ମସିହାରେ ଟି-ସିରିଜ୍ ଆଲବମ୍ "ଫିର୍ ସେ ୱାହି" ସହିତ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ। ଋଷଭ "ଫକୀର - ଲିଭିଂ ଲିମିଟେଡ୍ ଲେସ୍" ଏବଂ "ରୁଷ୍ଟାଃ ଦି ରେ ଅଫ୍ ଲାଇଟ୍" ଭଳି ସିନେମାରେ କାମ କରିଛନ୍ତି। ତାଙ୍କର ହିଟ୍ ଗୀତଗୁଡ଼ିକ ମଧରେ "ୟେ ଆଶିକି," "ଚାନ୍ଦ ତୁ," ଏବଂ "ଫକୀର କି ଜୁବାନି" ଅନ୍ତର୍ଭୁକ୍ତ। ତାଙ୍କ କାମ ବ୍ୟତୀତ, ଋଷଭ ପଶୁମାନଙ୍କୁ ଭଲ ପାଉଥିଲେ । ତାଙ୍କ ମୁମ୍ବାଇ ଘରେ ଅନେକ ବିଲେଇ, କୁକୁର ଏବଂ ପକ୍ଷୀ ଥିଲେ। ଋଷଭଙ୍କର ନାମ ଥରେ ଅଭିନେତ୍ରୀ ସାରା ଖାନଙ୍କ ସହ ଯୋଡ଼ା ଯାଇଥିଲା। ସେମାନଙ୍କ ସିନ୍ଦୁର ପିନ୍ଧିଥିବା ଏକ ଫଟୋ ଭାଇରାଲ ହୋଇଥିଲା, ଯାହା ସେମାନଙ୍କ ବିବାହକୁ ନେଇ ଗୁଜବ ସୃଷ୍ଟି କରିଥିଲା। ତଥାପି, ଦୁହେଁ ପରେ ସ୍ପଷ୍ଟ କରିଥିଲେ ଯେ, ସେମାନେ ବିବାହ କରିନାହାଁନ୍ତି।



## ଏଜାଜ୍‌ଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ବ୍ୟବସାୟୀଙ୍କ ପ୍ରେମରେ ପବିତ୍ରା

ଟେଲି ଅଭିନେତା ଏଜାଜ୍ ଖାନ୍‌ଙ୍କଠାରୁ ଅଲଗା ହେବା ପରେ ଏବେ ପୁଣି ପ୍ରେମରେ ଅଭିନେତ୍ରୀ ପବିତ୍ରା ପୁନିଆ। ରିଆଲିଟି ସୋ' 'ବିଗ୍ ବସ୍-୧୪'ରୁ ପ୍ରେମ ସଂପର୍କରେ ଥିବା ଲଭ୍‌ବାର୍ଡସ ପବିତ୍ରା ପୁନିଆ ଓ ଏଜାଜ୍ ଖାନ୍ ୨୦୨୪ରେ ପରସ୍ପରଠାରୁ ଅଲଗା ହୋଇଥିଲେ। ଏବେ ପ୍ରାୟ ବର୍ଷକ ପରେ ପବିତ୍ରାଙ୍କ ଜୀବନକୁ ପ୍ରେମ ଫେରିଛି। ଇନଷ୍ଟାରେ ସେ କିଛି ଫଟୋ ସେୟାର କରି ମୁମ୍ବାଇର ଜଣେ ବ୍ୟବସାୟୀଙ୍କୁ ଡେଟ୍ କରୁଥିବା ଜଣାଇଛନ୍ତି। ଏହା ସହ ଖୁବଶୀଘ୍ର ସେ ବିବାହ କରିବେ ବୋଲି ସ୍ପଷ୍ଟ କରିଛନ୍ତି।

# 'ଜହ୍ଲାଦ'ରେ ନିଶା



ଓଡ଼ିଆ ସିନେମାରେ ଆଇଟମ୍ ଗାର୍ଲ ବନିଲେ ନିଶା ମହାରଣା। ସାମାଜିକ ଗଣମାଧମରେ ଅନେକ ସମୟରେ ଚର୍ଚ୍ଚାରେ ଥିବା ନିଶା ଖୁବ୍ ଶୀଘ୍ର ବଡ଼ ପରଦାରେ ଲଗାଇବେ ନିଆଁ। ଆଜ୍ଞା ହଁ, ମୁକ୍ତି ପ୍ରତୀକ୍ଷିତ ଏକ ଓଡ଼ିଆ ଛବିରେ ନିଶା ଏକ ଆଇଟମ୍ ନମ୍ବରରେ ନାଚିଛନ୍ତି। ନିକଟରେ ଏହାର ସୁଟିଂ କଳିଙ୍ଗ ଷ୍ଟୁଡିଓ ପରିସରରେ ଶେଷ ହୋଇଛି। ଆଉ ଯେଉଁ ସିନେମାରେ ନିଶା ମହାରଣାଙ୍କର ଏହି ଆଇଟମ୍ ନମ୍ବରଟି ରହିଛି, ତାହା ହେଲା ଅଶୋକ କୁମାର ନାୟକଙ୍କ ପ୍ରଯୋଜିତ ତଥା ପ୍ରସନ୍ନ କୁମାରଙ୍କ ନିର୍ଦ୍ଦେଶିତ 'ଜହ୍ଲାଦ'। ନିଶାଙ୍କ ଉପରେ ପିକ୍‌ଚରାଇଜ୍ ହୋଇଥିବା ଆଇଟମ୍ ନମ୍ବରର ମୁଖଡ଼ା ହେଲା-ଟୋକାବୁଢ଼ା ସମସ୍ତେ କହନ୍ତି ମୁଁ ସେକ୍ସି ସନ୍ନି ଲଓନି...। ଏହି ଗୀତଟିରେ କଣ୍ଠଦାନ କରିଛନ୍ତି ଟୁଇଙ୍କିଲ୍ ଟୁଇଙ୍କିଲ୍ ଲିଟିଲି ଷ୍ଟାର୍ ହୋଲ୍ ନାଇଟି ଖୋଲା ମୋ ବାର୍ ( ଫିଲ୍ମ- ଲଭ୍ ଷ୍ଟେସନ୍) ଫେମ୍ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ସଞ୍ଜୁ ମହାନ୍ତି। ଏହାର ଗୀତିକାର ହେଲେ ଜଣାଶୁଣା ସଂଳାପକାର ତଥା ଗୀତିକାର ଭାବ ବିନୋଦ ମହାପାତ୍ର। ନବାଗତା ଏସ୍.ବି ସ୍ମୃତି ଏହି ଆଇଟମ୍ ଗୀତର ସ୍ୱର ସଂଯୋଜନା କରିଛନ୍ତି। ଏହି ଗୀତର ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଜୟ କୁମାର ବେହେରା। ନିଶା ମହାରଣାଙ୍କର ଏହି ଆଇଟମ୍ ନମ୍ବରରେ ଜଣାଶୁଣା ହାସ୍ୟାଭିନେତା ସନ୍ତୁ ନିଜେ ଓ ଦୁର୍ଯ୍ୟୋଧନ ମୁଦୁଲି(ଟୁନା)ଙ୍କୁ ମଧ ଦେଖିବାକୁ ମିଳିବ।

## ଦୀପାବଳିରେ ଝିଅର ମୁହଁ ଦେଖାଇଲେ ଦୀପିକା, ରଣବୀର



ବଲିଉଡ୍ ଷ୍ଟାର୍ ଦୀପିକା ପାଦୁକୋନ ଏବଂ ରଣବୀର ସିଂ ଦୀପାବଳି ଅବସରରେ ତାଙ୍କ ଝିଅ ଦୁଆ ସହିତ ଏକ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି। ଦୀପିକା ଓ ରଣବୀର ସେମାନଙ୍କର ମିଳିତ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଝିଅ ଦୁଆ ପାଦୁକୋନ୍ ସିଂହଙ୍କ ସହ ଥିବା ଫଟୋ ଶେୟାର କରିଛନ୍ତି। ଏଥିରେ ସମସ୍ତେ ପାରମ୍ପରିକ ପୋଷାକ ପିନ୍ଧିଛନ୍ତି। ରଣବୀର କ୍ରିମ୍ ରଙ୍ଗର କୁର୍ତ୍ତା ଓ ବାନ୍ଦଗଲା ପିନ୍ଧିଥିବା ବେଳେ ଦୀପିକା ଗାଢ଼ ଲାଲ୍ କିମ୍ବା ମାରୁନ୍ ରଙ୍ଗର ଶାଢ଼ୀ ଓ ଭାରୀ ସୁନା ଗହଣା ପିନ୍ଧିଛନ୍ତି। ଦୁଆ ମଧ ଲାଲ୍ ରଙ୍ଗର ଫ୍ରକ୍/କୁର୍ତ୍ତା ପିନ୍ଧିଛନ୍ତି। ଫଟୋ ଶେୟାର କରି ସେମାନେ ଲେଖିଛନ୍ତି, "ଦୀପାବଳିର ହାର୍ଦ୍ଦିକ ଶୁଭକାମନା।"

## ଦ୍ୱିତୀୟ ଥର ପାଇଁ ପିତାମାତା ହେବେ ରାମ-ଉପାସନା



ଦ୍ୱିତୀୟ ଥର ବାପା ହେବେ ରାମ ଚରଣ। ସାଉଥ୍ ଇଣ୍ଡଷ୍ଟ୍ରିର ପାୱାର କପଲ ଭାବେ ଜଣାଶୁଣା ଅଭିନେତା ରାମ ଚରଣ ଏବଂ ପତ୍ନୀ ଉପାସନା କୋନିଡେଲା ଖୁବ୍ ଶୀଘ୍ର ଦ୍ୱିତୀୟ ଥର ପାଇଁ ପିତାମାତା ହେବାକୁ ଯାଉଛନ୍ତି। ଏହି ଦମ୍ପତି ସେମାନଙ୍କର ଦ୍ୱିତୀୟ ଗର୍ଭଧାରଣ ବିଷୟରେ ଘୋଷଣା କରିଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଦୁହେଁ ଦୁହେଁ ଦ୍ୱିତୀୟ ଥର ପିତାମାତା ହେବେ ବୋଲି ଘୋଷଣା କରିଛନ୍ତି। ଇନଷ୍ଟାରେ ଉପାସନା ଓ ରାମ ବେବି ସାୱାରର ଭିଡିଓ ସେୟାର କରି ନିଜ ପ୍ରଶଂସକଙ୍କ ପାଖରେ ଖୁସି ଖବର ପହଞ୍ଚାଇଛନ୍ତି। ପ୍ରଶଂସକମାନେ ଦେଲେ ଶୁଭେଚ୍ଛା ଭିଡିଓରେ ଉପାସନା ଓ ରାମଚରଣଙ୍କ ବ୍ୟତୀତ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ନଜର ଆସିଛନ୍ତି। ସମସ୍ତଙ୍କ ମୁହଁରେ ହସ ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ହେବା ପରେ ଏବେ ଦୁହିଁଙ୍କ ପ୍ରଶଂସକ ସେମାନଙ୍କୁ ଶୁଭେଚ୍ଛା ଦେବା ଆରମ୍ଭ କରିଛନ୍ତି।

## ୩ ବର୍ଷର ଝିଅକୁ ପତ୍ର ଲେଖନ୍ତି ଆଲିଆ



ଚିଠି ପଢ଼ିବା ପାଇଁ ଏକ ନିର୍ଦ୍ଦିଷ୍ଟ ବୟସ ଥାଏ। ପିଲାଟିଏ ଅକ୍ଷର ଶିଖିବା ପରେ ଯାଇ କିଛି ପଢ଼ାପଢ଼ି କରିବାକୁ ସମର୍ଥ ହୋଇଥାଏ। ମାତ୍ର ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ନିଜର ୩ ବର୍ଷର ଝିଅକୁ ପତ୍ର ଲେଖିବା କଥା ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁନାହିଁ କି? ସେମିତି ଲାଗିଲେ ବି କଥାଟି ଏକଦମ୍ ସତ, ଏଥିରେ ନିଜ ଝିଅ ପ୍ରତି ଜଣେ ମାଆର ସ୍ନେହ ଭରି ହୋଇ ରହିଛି ବୋଲି ଆପଣ ଭାବିପାରନ୍ତି। ଆଲିଆ ତାଙ୍କ ଅକ୍ଷର ଶିଖିନଥିବା ଝିଅ ରାହାଙ୍କୁ ଏବେଠାରୁ ଚିଠି ଲେଖିବା ଆରମ୍ଭ କରିଛନ୍ତି; ଯାହାକୁ ସେ ତାଙ୍କ ୧୮ ଜମ ଜନ୍ମଦିନରେ ଏକାଥରକେ ଦେବେ ବୋଲି ଚିନ୍ତା କରିଛନ୍ତି।

## ବ୍ଲକରେ ଷଷ୍ଠ ପଞ୍ଚାୟତ ସମିତି ବୈଠକ

● ଆଲୋଚନା ପୂର୍ବରୁ ସାମ୍ବାଦିକ ଭିତରେ ପଶିବା ମନା



**ଜଗତସିଂହପୁର,୨୪।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ସଭା ଗୃହରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ। ମୁଖ୍ୟ ଅତିଥି ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡଃ ରମା କାନ୍ତ ଭୋଇ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଜାତା ମହାନ୍ତି ବ୍ଲକ୍ ଉପାଧ୍ୟକ୍ଷ ସନ୍ଧ୍ୟା ରାଣୀ ମହାନ୍ତି ଜିଲ୍ଲା ପରିଷଦ ରଞ୍ଜିତା ସିଂହ, ସୁନିଲ ବେହେରା, ଗଙ୍ଗାଧର ବିଶ୍ୱାଳ ମଣ୍ଡଳ ଉନ୍ନୟନ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମାନେ ବ୍ଲକ୍ ପରିସରରେ ଥିବା ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ପଞ୍ଚାୟତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ /ସଭ୍ୟା ପ୍ରତିନିଧି ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଏହି ସଭାରେ ଯୋଗଦେଇଥିଲେ।ଏଥିରେ ପଞ୍ଚାୟତ ସମିତିର ଅଧ୍ୟକ୍ଷ ମନୋଜ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ ଓ ବିଡିଓ. ସତ୍ୟଜିତ ମଲ୍ଲିକ ସଂଯୋଜନା କରିଥିଲେ।ଏହି ଅଧିବେଶନରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଦ୍ୟୁତ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଭିତରେ ଆଲୋଚନା ବେଳକୁ ସାମ୍ବାଦିକ ମାନଙ୍କୁ ନଯିବା ପାଇଁ କହିଥିଲେ। ଏହାପରେ ସଭା ଗୃହରେ ହୋହାଲ୍ଲା ହୋଇଥିବା ଦେଖିବାକୁ ମିଳିଛି।

## ସାଂସଦ ଖେଳ ମହୋତ୍ସବର ପ୍ରସ୍ତୁତି ବୈଠକ




**ସୁନ୍ଦରଗଡ଼,୨୩।୧୦(ସଂଚାର ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବହୁ ଆକାଂକ୍ଷୀ ଯୋଜନା ସାଂସଦ ଖେଳ ମହୋତ୍ସବ ପ୍ରତ୍ୟେକ ସଂସଦ କ୍ଷେତ୍ରରେ ଆୟୋଜିତ ହେବ। ଏହି ଅବସରରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରରେ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବର ଏକ ଲୋକସଭା ସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଭୋଜପୁର ଠାରେ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ପଞ୍ଜିକରଣ କରିଥିବା ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଖେଳାଳି ମାନେ କିଭଳି ଗ୍ରାମ, ବ୍ଲକ, ୱାର୍ଡ ଓ ସଂସଦୀୟ କ୍ଷେତ୍ର ସ୍ତରରେ ଆୟୋଜିତ ସାଂସଦ ଖେଳ ମହୋତ୍ସବରେ ବହୁ ସଂଖ୍ୟାରେ ଭାଗନେବେ ଏବଂ ଦଳ ପକ୍ଷରୁ କାର୍ଯ୍ୟକ୍ରମକୁ କିଭଳି ସଫଳ ରୂପାୟନ ଦେବେ ସେହି ଉଦ୍ଦେଶ୍ୟ ନେଇ ଶତାଧିକ କାର୍ଯ୍ୟକ୍ରମର ଜିଲ୍ଲା କମିଟି, ଜାତୀୟ, ରାଜ୍ୟ, ଜିଲ୍ଲା ଓ ମଣ୍ଡଳ ସ୍ତରୀୟ ଶୀର୍ଷ ନେତୃତ୍ୱ ଓ କାର୍ଯ୍ୟକର୍ତ୍ତା ପ୍ରମୁଖଙ୍କୁ ସାଂସଦ ଅବଗତ କରାଇଥିଲେ।

## ବାରବାଟି ସଂସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା

# ଶ୍ରେଣୀଗୃହର ତାଲା ଭାଙ୍ଗି ଛାତ୍ର ଉଦ୍ଧାର



**ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ନାରେ କାର୍ଯ୍ୟାନୁଷ୍ଠାନ ଦାବି**

**ନୟାଗଡ଼,୨୪।୧୦(ସଂଚାର ବ୍ୟୁରୋ):** ବାରବାଟି ସଂସାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଉତ୍ତେଜନା। ଗତକାଲି ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରକୁ ତାଲା ପକାଇ ଚାଲିଯାଇଥିଲେ ଶିକ୍ଷକ। ଏକଘଣ୍ଟା ପରେ ତାଲାଭାଙ୍ଗି ଉଦ୍ଧାର କରିଥିଲେ ସ୍ଥାନୀୟଲୋକେ। ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀଙ୍କ ପାଟିତୁଣ୍ଡ ଜାରି ରଖିଛନ୍ତି। ଯଦୁପୁର ଗାଁର ଜିତୁ ନାୟକଙ୍କ ପୁଅ ସିତୁ ଯଦୁପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢନ୍ତି। ଗତକାଲି ଅପରାହ୍ନରେ ସିତୁର ଦେହ ଖରାପ ହେବାରୁ ଘରକୁ ଯିବା ପାଇଁ ସେ ପ୍ରଧାନଶିକ୍ଷୟିତ୍ରୀଙ୍କୁ କହିଥିଲେ। ତେବେ ଶ୍ରେଣୀ କକ୍ଷରେ ବସିଥା ଅଳ୍ପ ସମୟ ପରେ ବିଦ୍ୟାଳୟ ଛୁଟି ପରେ ଯିବୁ କହିଥିଲେ ପ୍ରଧାନଶିକ୍ଷୟିତ୍ରୀ। ଏହାପରେ ବିଦ୍ୟାଳୟ ଗୃହରେ ସିତୁ ଶୋଇପଡ଼ିଥିଲେ। ବିଦ୍ୟାଳୟ ଛୁଟି ପରେ ଶ୍ରେଣୀଗୃହ ଯାଞ୍ଚ ନକରି ଶିକ୍ଷୟିତ୍ରୀମାନେ ପିଲାଙ୍କ ଦ୍ୱାରା ତାଲା ପକାଇ ଚାଲିଯାଇଥିଲେ। ପ୍ରାୟ ଏକଘଣ୍ଟା ପରେ ପିଲାଟି ବିଦ୍ୟାଳୟ ଭିତରୁ ପାଟି କରିବା ସହ କବାଟ ବାଡେଇବା ଶୁଣି ପାଖରେ ଥିବା ଲୋକମାନେ ଆସି ତାଲାଭାଙ୍ଗି ତାକୁ ଉଦ୍ଧାର କରିଥିଲେ। ଆଜି ଛାତ୍ରର ପରିବାର ଏବଂ ଗ୍ରାମବାସୀ ବିଦ୍ୟାଳୟକୁ ଆସି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବର ପାଇ ସଦରଥାନା ପୋଲିସ ଏବଂ ଏବିଇଓ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରୁଛନ୍ତି। ଏବିଇଓ ସଞ୍ଜୟ ମଲ୍ଲିକ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସମସ୍ତ ଷ୍ଟାଫ୍ ଙ୍କୁ ଗିରଫ ଦାବି କରିଛନ୍ତି ସ୍ଥାନୀୟ ଲୋକ।

## ବ୍ଲକସ୍ତରୀୟ ଶିଶୁ ସୁରଭି ମହୋତ୍ସବ



**କନ୍ଧମାଳ,୨୩।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତୀପଡା ପଞ୍ଚାୟତ ନିକଟସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବୁଧବାରଦିନ ଖଜୁରୀପଡ଼ା ବ୍ଲକ ସ୍ତରୀୟ ଶିଶୁ ସୁରଭି ମହୋତ୍ସବ - ୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଉଦଘାଟନ ଓ ଅଧ୍ୟକ୍ଷତା କରିଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲାପରିଷଦ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉର୍ବଶୀ ଦିଗାଲ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଜାନକୀ ଜାନି, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି, ଅତିରିକ୍ତ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ମଲିକ, ନାର୍ସୁ କହଁର, ଦୁତୀପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଖଜୁରୀପଡ଼ା ବ୍ଲକର ୧୪ ଗୋଟି କ୍ଲଷ୍ଟରର ୪୬୦ ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ସଙ୍ଗୀତ ଓ ପ୍ରଧାନମନ୍ତ୍ରୀ ପୋଷଣ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବିଭିନ୍ନ ବିଭାଗରେ ଶିକ୍ଷକ ଶିକ୍ଷୟିତ୍ରୀ ମଣ୍ଡଳୀ ଥିବା ବେଳେ ସଙ୍ଗୀତ ବିଚାରକ ଭାବେ ଅସିତ ନନ୍ଦ, ଗୋଲକ ବିହାରୀ ନାୟକ, ପଞ୍ଚାନନ ସାହୁ ଓ ସାଂସ୍କୃତିକ ବିଚାରକ ରଞ୍ଜିତ ମୁଖି, ସୁଜିତ ବେହେରା, ଶୁକରଞ୍ଜନ ସାହାଣୀ ଯୋଗଦେଇ ଥିଲେ।

## ସମ୍ପୂର୍ଣ୍ଣ ହେଉନି ଶ୍ରେଣୀ ଗୃହ

**ବୈପାରୀଗୁଡା,୨୩।୧୦(ସଂଚାର ବ୍ୟୁରୋ):** ବୈପାରୀଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୪୦୦ ପିଲାଙ୍କ ପାଇଁ ଆବଶ୍ୟକୀୟ ଶ୍ରେଣିଗୃହ ନ ଥିବାରୁ ୪ ବର୍ଷ ପୂର୍ବରୁ ସ୍ୱତନ୍ତ୍ର ଉର୍ନ୍ନୟନ ପାଣ୍ଠି ରୁ ଅନୁଦାନ ପ୍ରଦାନ କୋରାଯଇଥିଲା। କିନ୍ତୁ ଆଜିକୁ ୪ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ହେବ କାମ ସରୁନି ଫଳରେ ଛାତ୍ର ଛାତ୍ରୀ ବସି ପାଠ ପଢିବା ପାଇଁ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି କିନ୍ତୁ ଶ୍ରେଣୀ ଗୃହ ନିର୍ମାଣ କାମ ସରୁନି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସହ ଅଭିଭାବକ ମାନେ ସ୍ଥାନୀୟ ଜନପ୍ରତିନିଧି ସହ ପ୍ରାସନିକ ଅଧିକାରୀ ଙ୍କୁ ଅଭିଯୋଗ କଲେ ସୁଦ୍ଧା କୌଣସି ଫଳ ନାହିଁ। ଶ୍ରେଣୀ ଗୃହ ଟି ଅଧପନ୍ତ ରିଆ ଭାବେ ପଡ଼ିରହିଛି ଏହି ଅଧନିର୍ମିତ ଶ୍ରେଣୀ ଗୃହ କେବେ ସମ୍ପୂର୍ଣ ହେବ ଆଉ ଛାତ୍ର ଛାତ୍ରୀ ଉପକୃତ ହେବେ ଦେଖିବାକୁ ବାକି ରହିଲା ।



## ବିଜେପି ନେତାଙ୍କ ଘରକୁ ଲକ୍ଷ୍ୟ କରି ଆକ୍ରମଣ, ଭଙ୍ଗାରୁଜା !

● ପୁଣି ଖବରର ଶିରୋନାମାରେ ଦିନହାଟାର ଭେଟାଗୁଡ଼ି



**କୋଲକାତା,୨୪।୧୦(ସଂଚାର ବ୍ୟୁରୋ):** ଦିନହାଟାର ଭେଟାଗୁଡ଼ି ପୁଣିଥରେ ଖବରର ଶିରୋନାମାରେ। ବିଜେପି ନେତା ରତନ ବର୍ମନଙ୍କ ଘରକୁ ଲକ୍ଷ୍ୟ କରି ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଭଙ୍ଗାରୁଜା ମଧ୍ୟ କରାଯାଇଛି। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବିଜେପି ନେତା ଅଭିଯୋଗ କରିଛନ୍ତି ଯେ ତୃଣମୂଳ ସହ ଜଡିତ ଦୁର୍ବୃତ୍ତମାନେ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି। ତେବେ, ତୃଣମୂଳର ଦିନହାଟା ୱାନବି କମିଟି ବ୍ଲକ ସଭାପତି ଅନନ୍ତ ବର୍ମନ କହିଛନ୍ତି ଯେ ଏହି ଘଟଣା ସହିତ ତୃଣମୂଳର କୌଣସି ସମ୍ପର୍କ ନାହିଁ। ସେ ଏହାର ଜବାବ ଦେଇ କହିଛନ୍ତି ଯେ ବିଜେପି ନିଜ ଭିତରେ ଭଙ୍ଗାରୁଜା କରି ତୃଣମୂଳ କଂଗ୍ରେସକୁ ଦୋଷ ଦେବାକୁ ଚେଷ୍ଟା କରୁଛି। ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଜେପି ନେତାଙ୍କ ଘର ଭେଟାଗୁଡ଼ିର ରୁଏରକୁଠି ଅଞ୍ଚଳରେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ନିଶିଥ ପ୍ରାମାଣିକଙ୍କ ଘର ମଧ୍ୟ ସେଠାରେ। ବିଜେପି ନେତାଙ୍କ ଘର ତାଙ୍କ ନିକଟରେ ଥିବା ଜଣା ପଡ଼ିଛି। ରତନ ବର୍ମନ ଏହି ଅଞ୍ଚଳରେ ନିଶିଥଙ୍କ ଘନିଷ୍ଠ ବୋଲି ପରିଚିତ। ସେ ଭେଟାଗୁଡ଼ି ଗ୍ରାମପଞ୍ଚାୟତର ମୁଖ୍ୟ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଅଭିଯୋଗ, ଅଭିଯୁକ୍ତମାନେ ବୁଧବାର ତାଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଭଙ୍ଗାରୁଜା ହୋଇଥିଲା। ବିଜେପି ନେତା ଦାବି କରିଛନ୍ତି, 'ତୃଣମୂଳ କଂଗ୍ରେସ ବାଇକ୍ ସେନା ଏହି ଭଙ୍ଗାରୁଜା କରିଛି।' ରତନ ବର୍ମନ ଏପରିକି ଅଭିଯୋଗ କରିଛନ୍ତି ଯେ ଉତ୍ତରବଙ୍ଗ ବିକାଶ ମନ୍ତ୍ରୀଙ୍କ ପୁଅ ସାୟନ୍ତନ ଗୁହାଙ୍କ ନେତୃତ୍ୱରେ ଭଙ୍ଗାରୁଜା କରାଯାଇଛି। ତେବେ, ଶାସକ ତୃଣମୂଳ ଦଳ ଦାବି କରିଛି ଯେ ଏପରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଦିନହାଟା ୱାନ୍‌ବି କମିଟିର ବ୍ଲକ ଅଧ୍ୟକ୍ଷ ଅନନ୍ତ ବର୍ମନ କହିଛନ୍ତି, 'ମୁଁ ଗଣମାଧ୍ୟମରେ ଏହି ଭଙ୍ଗାରୁଜା ବିଷୟରେ ଶୁଣିଛି। ପ୍ରକୃତରେ, ବିଜେପିର ପାଦ ତଳୁ ମାଟି ଖସିଗଲାଣି।' ତେଣୁ, ତୃଣମୂଳ ନେତା ଦାବି କରିଛନ୍ତି ଯେ ନିଜ ନିଜ ମଧ୍ୟରେ ଭଙ୍ଗାରୁଜା କରି ସେମାନେ ତୃଣମୂଳ କଂଗ୍ରେସକୁ ଦୋଷ ଦେବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପକ୍ଷରେ, ଏହି ଘଟଣା କାହିଁକି ଘଟିଲା ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିସାରିଛି।

## ଅନ୍ତର୍ଜାତୀୟ ରଗବୀ ଖେଳାଳି ସନ୍ଧ୍ୟାରାଣୀଙ୍କୁ ସମ୍ବର୍ଦ୍ଧନା



**ବାରିପଦା,୨୪।୧୦ (ସଂଚାର ବ୍ୟୁରୋ):** ସନ୍ଧ୍ୟାରାଣୀ ଭାରତୀୟ ମହିଳା ଦଳରେ ସ୍ଥାନ ପାଇ ଚାଇନା ଓ ଶ୍ରୀଲଙ୍କା ଠାରେ ନିଜର ପ୍ରଥମ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରି ଫେରିବା ପରେ ମୟୁରଭଞ୍ଜ ଜିଲ୍ଲାର ଅଣ ରାଜନେତିକ ସଂଗଠନ ଭଞ୍ଜସେନା ଦ୍ୱାରା ବାରିପଦାର ପ୍ରବେଶ ପଥ ପାଲବଣୀ ବାଇପାସଠାରେ ସନ୍ଧ୍ୟାଙ୍କୁ ସମ୍ବର୍ଦ୍ଧନା ଦେବା ପରେ ଏକ ରୋଡ ରାଲି ଦ୍ୱାରା ସହିଦ୍ ସ୍ମୃତି ଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ସନ୍ଧ୍ୟାଙ୍କୁ ନିଜ ଅନୁଷ୍ଠାନ ତଥା ପ୍ରଶିକ୍ଷଣ ଗ୍ରହଣ କରୁଥିବା ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରତିଷ୍ଠା ଦିବସରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏସିଆ ଏମିରେଟ୍ ରଗବୀ ସେଭେନସ ସିରିଜ ଲେଗ୍-୧ ରେ ଭାରତୀୟ ମହିଳା ରଗବୀ ଦଳ ଚାଇନାରେ ପାଞ୍ଚଟି ମ୍ୟାଚ୍ ଖେଳିଥିବା ବେଳେ, ସନ୍ଧ୍ୟାରାଣୀ ଟୁଡୁ ଟପ୍ ସ୍କୋରର ରହି ୨୪ ପଏଣ୍ଟ ସ୍କୋର କରିବା ସହିତ ଭାରତୀୟ ଦଳ ପାଇଁ ଫିଲିପାଇନ୍ସ ବିରୋଧରେ ପ୍ରଥମ ସ୍କୋର କରିଥିଲେ। ୟୁଏଇ ବିପକ୍ଷରେ ବିଜୟୀ ସ୍କୋର କରି ଦଳକୁ ଦଶମ ସ୍ଥାନରୁ ଷଷ୍ଠ ସ୍ଥାନକୁ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୁନଶ୍ଚ ଶ୍ରୀଲଙ୍କା ଠାରେ ଅନୁଷ୍ଠିତ ଏସିଆ ଏମିରେଟ୍ ରଗବୀ ସେଭେନସ ସିରିଜ ଲେଗ୍-୨, ଭାରତୀୟ ମହିଳା ଦଳ ୫ଟି ମ୍ୟାଚ୍ ଖେଳି ସନ୍ଧ୍ୟା ୫ ପଏଣ୍ଟ ଦଳ ପାଇଁ ଯୋଡ଼ି ଦେଇଥିଲେ।ଆଜିର ଏହି କାର୍ଯ୍ୟକ୍ରମରେ ଭଞ୍ଜସେନାର ଟାଉନ ସଭାପତି ରାଜା ଖାନ ଓ ଯୁବ ସଦସ୍ୟ ବାଇକ୍ ରାଲିର ଆୟୋଜନ କରିଥିଲେ ।

## ବନ୍ଧୁମିଳନ ଓ ସିଲଭର ଜୁବୁଲି ପାଳିତ

**କଣାସ,୨୪।୧୦ (ସଂଚାର ବ୍ୟୁରୋ):** କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୧ ମସିହା ମାଟ୍ରିକ୍ ବ୍ୟାଚ ଛାତ୍ରଛାତ୍ରୀମାନଙ୍କର ବନ୍ଧୁମିଳନ ଉତ୍ସବ ତଥା ସିଲଭର ଜୁବୁଲି ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ କଣ୍ଡୁରିଚରଣ ଚମ୍ପତି, ସୁଲେଖା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର, ଲକ୍ଷ୍ମୀଧର ପାଢ଼ୀ, ଡମ୍ବରୁଧର ପାଟ୍ଟଶାଣୀ, ସୁବାସ ଚନ୍ଦ୍ର ନରେନ୍ଦ୍ର, ଭବାନିଶଙ୍କର ଦାସମହାପାତ୍ର, ମଞ୍ଜୁଲତା ବେହେରା, ଦେବେନ୍ଦ୍ର ତ୍ରିପାଠୀ ଉପସ୍ଥିତ ରହିଥିଲେ।

## ଆମ୍ବଗଡ଼ିଆ ଗ୍ରାମ ମୁଖ୍ୟ ରାସ୍ତା ଶୋଚନୀୟ



**ବୈଶିଙ୍ଗା,୨୩।୧୦(ସଂଚାର ବ୍ୟୁରୋ):** କେନ୍ଦ୍ର ବା ରାଜ୍ୟ ସରକାର ଜନସାଧାରଣଙ୍କୁ କିଭଳି ମୌଳିକ ସୁବିଧାରୁ ବଂଚିତ କରୁଛନ୍ତି ତାର ଉଦାହରଣ ସ୍ୱରୁପ ପ୍ରତି ଗ୍ରାମ ରେ ରାସ୍ତା, ପାଣି ଓ ଶିକ୍ଷାର ବ୍ୟବସ୍ଥା ଉପରେ ଅବଲୋକନ କରିଲେ ପ୍ରକୃତ ତଥ୍ୟ ଜଣାପଡ଼ିବ। 'ଗାଁ ପରିମଳ ଧୋବା ତୁଠରୁ' ଥିବା ଉକ୍ତି ପ୍ରକୃତ ଯଥାର୍ଥ। କାରଣ ଏହି ତିନୋଟି ବ୍ୟବସ୍ଥା ପ୍ରତି ସରକାର ଗୁରୁତ୍ୱ ଦେଲେ ଯାଇ ଗାଁ ବିକଶିତ ହୋଇପାରିବ। ରାଜ୍ୟ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଟି ର ସଫଳ ରୂପାୟନ ପାଇଁ ବର୍ତ୍ତମାନ ପଞ୍ଚାୟତ ରାଜ ବ୍ୟବସ୍ଥାର ଜନ ପ୍ରତିନିଧି ଙ୍କ ହାତରୁ କ୍ଷମତା କାଢି ନେଇ ବିଡିଓ ଙ୍କ ଉପରେ ନ୍ୟସ୍ତ କରା ଯିବା ଯୋଗୁଁ ଅସନ୍ତୋଷ ବଢି ଚାଲିଛି। ଗୋଟିଏ ଗାଁ ଭିତରକୁ ଯିବା ପାଇଁ ମୁଖ୍ୟ ରାସ୍ତା ଯଦି ଖରାପ ହୋଇଥାଏ ତେବେ ଲୋକଙ୍କ ଯାତାୟତ କିପରି କଷ୍ଟଦାୟକ ତାହା ନିଜ ଅଞ୍ଚଳର ବିଧାୟକଙ୍କ ଦାୟିତ୍ୱ ରହିବା କଥା। କିନ୍ତୁ ତାହା ହେଉନାହିଁ, ଆମ୍ବଗଡ଼ିଆ ଗ୍ରାମ ର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବିଧାୟକ ଙ୍କୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହିଭଳି ରଘପୁର ପଞ୍ଚାୟତର ଦିଗାନଗର ଗ୍ରାମ୍ୟ ରାସ୍ତା ରେ ଆଣ୍ଠୁଏ କାଦ ପଚ ପଚ ରାସ୍ତାରେ ଲୋକମାନେ ଯାଉଥିବା ବେଳେ ବାରମ୍ବାର ବିଧାୟକ, ବିଡିଓ ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା କାମ ହୋଇ ପାରିଲା ନାହିଁ।ଏଥିପାଇଁ ନିକଟରେ ବିଧାୟକ ଖୁଣ୍ଟାପୁର ଆର ଆଇ କାର୍ଯ୍ୟାଳୟର ନୂତନ ଗୃହର ଶିଳାନ୍ୟାସ କରିବା ପାଇଁ ଆସିଥିବା ବେଳେ ଦିଗାନଗର ଗ୍ରାମବାସୀ ଅଭିଯୋଗ କରିବାକୁ ଆସୁଥିବା ଦେଖି ତରତରରେ ବିଧାୟକ ଚମ୍ପଟ ମାରିଥିଲେ।ଏହା ଦ୍ୱାରା ଗାଁ କିପରି ବିକଶିତ ହୋଇ ପାରିବ ତାହା ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି।

## ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ



**ସୁବର୍ଣ୍ଣପୁର,୨୩।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଟାଉନ୍ ହଲ ଠାରେ ଜିଲ୍ଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଉତ୍ତରାଞ୍ଚଳ ଆଇ ଜି ଶ୍ରୀ ହିମାଂଶୁ ଲାଲ୍ ଯୋଗ ଦେଇ ଭିଡିଓ କଲ୍, ହ୍ୱାଟସପ୍ କଲ୍, ଫେସ୍ ବୁକ୍ କଲ୍ ପ୍ରତି ଆପଣ ମାନେ ସଜାଗ ରୁହନ୍ତୁ, ମଝିରେ ମଝିରେ ଆପଣ ଅନ ଲାଇନ ବ୍ୟାଙ୍କିଙ୍ଗ ରେ ପାସ୍ ୱାର୍ଡ ଚେଞ୍ଜ କରନ୍ତୁ, ତଥାପି ଯଦି କୌଣସି ଫ୍ରଡ ର ଶିକାର ହେଉଛନ୍ତି ତାହେଲେ ଗୁଗୁଲ୍, ଫେସ୍ ବୁକ୍, ହ୍ୱାଟ୍ସ ସପ୍ ମାଧ୍ୟମରେ ତୁରନ୍ତ ଅଭିଯୋଗ କରିପାରିବେ ବୋଲି କହିଥିଲେ। ଯଦି ଏଥିରେ ଫେଲ୍ ମାରନ୍ତି ତାହେଲେ ୧୯୩୦ କୁ ତୁରନ୍ତ କଲ୍ କରି ଅଭିଯୋଗ କରିବାକୁ କହିଥିଲେ। ଏହି ସାଇବର କ୍ରାଇମ କୁ ନିୟନ୍ତ୍ରଣ କରିବାକୁ ହେଲେ ସମସ୍ତ ଜନସାଧାରଣ ଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଉତ୍ସବ ରେ ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଯୋଗ ଦେଇ ଏ ଏ ଯୁଗରେ ସବୁ ସମ୍ଭବ, ସେଥିପାଇଁ ଆମେ ଲୋଭ ର ବଶବର୍ତ୍ତୀ ନ ହୋଇ ପୁରା ସତର୍କ ହେବା ଜରୁରୀ ବୋଲି କହିଥିଲେ।

## ସଚେତନ ହେଲେ ସାଇବର ଅପରାଧ କମିବ

**କଳାହାଣ୍ଡି,୨୩।୧୦(ସଂଚାର ବ୍ୟୁରୋ):** ଲୋକେ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ହେଉଥିବା ବେଳେ ସାଇବର ଠକେଇର ଶିକାର ହୋଇ ଆର୍ଥିକ, ଶାରୀରିକ ଓ ମାନସିକ ସ୍ତରରେ କଷ୍ଟ ପାଉଛନ୍ତି। ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ବୁଧବାର କଳାହାଣ୍ଡି ପୋଲିସ ପକ୍ଷରୁ ଭବାନୀପାଟଣାସ୍ଥିତ ଟାଉନ ହଲରେ ସାଇବର ସୁରକ୍ଷା ଅଭିଯାନ ଓଡିଶା -୨୦୨୫ ଆରମ୍ଭହୋଇଛି। କଳାହାଣ୍ଡି ଏସ୍‌ପି ନାଗରାଜ ଦେବର କୋଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏମ୍‌ପି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର୍ କଲାଇ ଭାନନ, ଅତିରିକ୍ତ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଜିଲା ଶିକ୍ଷାଧିକାରି ରାଧାକାନ୍ତ ଛତ୍ରି ପ୍ରମୁଖ ଯୋଗଦେଇଥିଲେ। ଲୋକେ ସଚେତନ ହେଲେ ସାଇବର ଅପରାଧକୁ ରୋକାଯାଇପାରିବ ବୋଲି ଅତିଥ୍ୟାମାନେ କହିଥିଲେ। ଜିଲାର ୧୩ ଟି ଥାନାରେ ଗତ ଦୁଇବର୍ଷ ମଧ୍ୟରେ ୧୪୪ ସାଇବର ଅପରାଧ ଘଟଣା ରେଜିଷ୍ଟ୍ରେଶନ ହୋଇଛି।

## ବନ୍ଧୁକ, ଭୁଜାଲି ଦେଖାଇ ଲୁଟିନେଲେ ଟଙ୍କା ସହ ସୁନା ଗହଣା

**ଝାରସୁଗୁଡ଼ା,୨୩।୧୦(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲା ଲଇକେରା ଥାନା କୁଅଁରମାଲ ଗାଁରେ ଏକ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଘର ଲୋକଙ୍କୁ ବାନ୍ଧି ବନ୍ଧୁକ ଏବଂ ଭୁଜାଲି ଦେଖାଇ ଟଙ୍କା ସହ ସୁନା ଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି।

୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଘଟଣା ପରେ ଫେରାର ହୋଇଯାଇଥିବା ଜଣାପଡିଛି। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଗାଁ ଲୋକେ ଭୟଭିତ ହୋଇପଡିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାର ସଫଳ ରୂପାୟନ ପାଇଁ ସ୍ୱତନ୍ତ୍ର ଗ୍ରାମସଭା



**ସୁବର୍ଣ୍ଣପୁର,୨୩।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀ ଙ୍କ ସଭାପତିତ୍ୱରେ ଏକ ୨୧ ଜଣିଆ ଗ୍ରାମ୍ୟ ସ୍ତରୀୟ ଅଭିସରଣ କମିଟି ଗଠନ କରାଯାଇଛି। ବୀରମହାରାଜ ପୁର୍ ବ୍ଲକ୍ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସତ୍ୟନାରାୟଣ ପଧାନ ସଭା ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସରପଞ୍ଚ ଶ୍ରୀୟା କର୍ମୀ ଗୌଡ କେଳା ରାଜସ୍ୱ ଗ୍ରାମ ସମସ୍ତ ଟଫସିଲ ଭୁକ୍ତ ଆଦିବାସୀ ବାସ କରୁଥିବା ପଡା ର ପିଇବା ପାଣି ଯୋଗାଣ, ଗ୍ରାମ୍ୟ ସଂଯୋଗିକରଣ, ଜୀବିକା ର ମାନବୃଦ୍ଧି, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଓ ଗୋଷ୍ଠୀ ସମସ୍ୟା, ସାମାଜିକ ସୁରକ୍ଷା ଓ ଗ୍ରାମୀଣ ଆବାସ ସମ୍ପର୍କିତ ସମସ୍ୟା ଓ ଉନ୍ନୟନ ପ୍ରସ୍ତବ୍ ଆଗତ କରିବାକୁ ଉପସ୍ଥିତ ଗ୍ରାମବାସୀ ମାନଙ୍କୁ ଅନୁରୋଧ କରିଥିଲେ।

## ପୁଇଁତୋଳାରେ ପିଇବା ପାଣି ସଙ୍କଟ, ହନ୍ତସନ୍ତ ଗ୍ରାମବାସୀ



**ଗଞ୍ଜାମ,୨୩।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ସହରର ପୁଇଁତୋଳା ଅଞ୍ଚଳର ୱାର୍ଡ ନଂ ୮ ଓ ୯ରେ ପିଇବା ପାଣି ଯୋଗାଣ ବନ୍ଦ ଥିବାରୁ ଗ୍ରାମବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟୋପାଏ ପାଣି ପାଇଁ ଲୋକେ ଦୀର୍ଘ ସମୟ ଅପେକ୍ଷା କରୁଛନ୍ତି, ଯାହା ସେମାନଙ୍କ ଦୈନନ୍ଦିନ ଜୀବନକୁ ବାଧାପ୍ରାପ୍ତ କରୁଛି। ବିଭାଗୀୟ ଜୁନିୟର ଇଞ୍ଜିନିୟର ଆଶିଷ ବରାଳଙ୍କ କହିବା ଅନୁସାରେ, ଗ୍ରିଡ୍‌ରେ ବିଦ୍ୟୁତ ସମସ୍ୟା ଯୋଗୁ ରାତିରେ ପାଣି ଲୋଡିଂ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ସମସ୍ୟାର ସମାଧାନ ହୋଇଛି ଏବଂ ପାଣି ଲୋଡିଂ ଚାଲିଛି। ସେ ଆହୁରି କହିଛନ୍ତି ଯେ, ଆଜି ସା ୮ଟା ସୁଦ୍ଧା ପାଣି ଯୋଗାଣ ପୁନଃ ଆରମ୍ଭ ହେବ। ଏହି ସଙ୍କଟ ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ ପ୍ରଶାସନଠାରୁ ଏଭଳି ସମସ୍ୟାର ଶୀଘ୍ର ସମାଧାନ ଓ ନିୟମିତ ପାଣି ଯୋଗାଣ ନିଶ୍ଚିତ କରିବାକୁ ଦାବି କରିଛନ୍ତି।

## ଚିଲିକା ଉତ୍ତରନାଶିରେ ହଜାର ହଜାର ବିଦେଶୀ ପକ୍ଷୀ



**କଣାସ,୨୩।୧୦(ସଂଚାର ବ୍ୟୁରୋ):** ଏସିଆ ମହାଦେଶର ବୃହତମ ଲୁଣାହ୍ରଦ ନିଳାମ୍ବୁ ଚିଲିକାକୁ ଶୀତର ଆଗମନ ସମୟରେ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ବିଭିନ୍ନ ଦେଶରୁ ଆସି ଚିଲିକାର ମୁଖ୍ୟ ଅଭିୟାରଣ୍ୟ ଭାବେ ପରିଚିତ ନଳବଣରେ ଆସ୍ଥାନ ଜମାନ୍ତି। ଚଳିତ ବର୍ଷ ମଧ୍ୟ ବିଦେଶୀ ପକ୍ଷୀମାନେ ଆଜି ଚିଲିକାରେ ପହଞ୍ଚିବା ପରେ ନଳବଣରେ ଖାଦ୍ୟ ଅଭାବ ଯୋଗୁଁ ଚିଲିକାର ଉତ୍ତରନାଶିରେ ପ୍ରଚୁରପରିମାଣର କଲିକତିଦଳ ଓ କଇଁଫୁଲ ଥିବାରୁ ହଜାର ହଜାର ପକ୍ଷୀ ପ୍ରତ୍ୟେକ ଦିନ ଉତ୍ତରନାଶିରେ ପହଞ୍ଚୁଛନ୍ତି। ବାଲୁଗାଁ ବନ୍ୟପ୍ରାଣି ବିଭାଗ ପକ୍ଷରୁ ପକ୍ଷୀମାନଙ୍କ ସୁରକ୍ଷା ଲାଗି ଚିଲିକାରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଉତ୍ତରନାଶିରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ଦୂରଦୁରାନ୍ତରୁ ପକ୍ଷୀ ଶିକାରୀମାନେ ସଂଧ୍ୟା ହେଲେ ଚିଲିକା ଉତ୍ତରନାଶିର ଆଖପାଖ ଗ୍ରାମକୁ ଆସି ନିଜ ନିଜର ଯାନ ରଖି ଚିଲିକା ମଧ୍ୟରେ ପ୍ରବେଶ କରି କଇଁଫୁଲ କେଶରରେ ନିଶା ଔଷଧ ଦେବା, ଫାସିଜାଲ ବସାଇ ପକ୍ଷୀମାନଙ୍କୁ ଧରି ନିରବିଘ୍ନରେ ଭୋରୁଭୋରୁ ଖସିପାଳାଉଛନ୍ତି। ଆଉକେତେକ ଶିକାରୀ ଉଜ୍ଜ୍ୱଳ ଆଲୋକ ବ୍ୟବହାର କରି କୂଳରେ ଖାଦ୍ୟ ଅନେଶ୍ବଣରେ ଥିବା ବିଦେଶୀ ପକ୍ଷୀମାନଙ୍କୁ ଠେଙ୍ଗା ଦ୍ୱାରା ବାଡେଇ ଧରିନେଉଛନ୍ତି। ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଉତ୍ତରନାଶିରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ପକ୍ଷୀପ୍ରେମୀମାନେ ଦାବିକରିଛନ୍ତି।

## ବାଇକ୍ ଧକ୍କାରେ ଯୁବକ ମୃତ

**ବାଲିପାଟଣା,୨୩।୧୦(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ନୂଆସାହି ନିମାପଡ଼ା କେନାଲ ବନ୍ଧ ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ହୋଇଛି।ମିସ୍ତ୍ରୀ କାମ କରୁଥିବା ପୂର୍ଣ୍ଣଚନ୍ଦ୍ର ଭୋଇ ମଟର ସାଇକେଲ ରେ ନିମାପଡ଼ା ପଟୁ ତାଙ୍କର ନିଜ ଗ୍ରାମ ମୁଣ୍ଡହଣାପାଟଣା ଫେରୁଥିବା ବେଳେ ନୂଆସାହି ପଟୁ ଦୃତଗତିରେ ଯାଉଥିବା ସ୍କୁଟି ସହିତ ମୁହାମୁହିଁ ଧକ୍କା ହୋଇଥିଲା। କୁଞ୍ଜପଦା ଠାରେ ପୂର୍ଣ୍ଣ ମଟର ସାଇକଲ ସହିତ ରାସ୍ତାକଡ ଗଛ ରେ ପିଟି ହେଇ ଯିବାରୁ ମୁହଁ ଛାତିରେ ଗଭୀର ଆଘାତ ଲାଗିଥିଲା।ତୁରନ୍ତ ତାଙ୍କୁ ଅଠାନ୍ତର ହସ୍ପିଟାଲ ଅଣା ଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆଉ ଅଳ୍ପ ବାଟ ଯାଇଥିଲେ ସେ ଘରେ ପହଞ୍ଚି ଯାଇଥାନ୍ତେ।ମୃତ ପୂର୍ଣ୍ଣ ପରିବାର ର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ।ଘରେ ତାଙ୍କର ବୃଦ୍ଧ ବାପା, ପତ୍ନୀ ଓ ଦୁଇଟି ସନ୍ତାନ ଅଛନ୍ତି। ବାଲିପାଟଣା ପୋଲିସ ଘଟଣା ର ତଦନ୍ତ କରୁଛି। ଘଟଣା ଘଟିବା ପରେ ସ୍କୁଟି ଚାଳକ ଫେରାର ହୋଇଯାଇଛି।

## ବିଜୁ ଏକ୍ସପ୍ରେସ ୱେ ରାସ୍ତାରେ ଅନାବନା ଗଛ



**କଳାହାଣ୍ଡି,୨୩।୨୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ର କୋକସରା ପଞ୍ଚାୟତ ଚିଲିଗୁଡା ଠାରୁ ଗମ୍ଭାରୀଗୁଡା ପଞ୍ଚାୟତ ର ଓଲମା ଗ୍ରାମ ଓ କୁଳେରଗୁଡା ଠାରୁ ବିଜୁ ଏକ୍ସପ୍ରେସ ୱେ କୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ର ରାସ୍ତା ଦୁଇ କଡ଼ ରେ ଅନାବନା ଗଛ ଜଙ୍ଗଲ ର ଭ୍ରମ ସୃଷ୍ଟି କରୁଛି। ଏହି ଦୁଇ ରାସ୍ତା ରେ ପ୍ରତିଦିନ ଶହ ଶହ ସଂଖ୍ୟକ ଗାଡିମୋଟର ଯାତାୟାତ କରୁଥିବା ବେଳେ ରାସ୍ତା ର ବୁଲାଣି ରେ ଅନାବନା ଗଛ ଉଠିଥିବା ଯୋଗୁଁ ବାଇକ ଓ ଗାଡିମୋଟର ରେ ଯାତାୟାତ କରୁଥିବା ଯାତ୍ରୀ ଓ ପଥଚାରି ଙ୍କ ପାଇଁ ପାଦେ ପାଦେ ଦୁର୍ଘଟଣା ର ଆଶଙ୍କା ରହିଛି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଦେଖିବାକୁ ମିଳୁଛି। କିଛିଦିନ ତଳେ ଜଣେ ଗର୍ଭବତୀ ମହିଳା ଓଲମା ଚିଲିଗୁଡା ରାସ୍ତା ରେ ବାଇକ ରେ ପଡ଼ି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଏନେଇ ଓଲମା ଗ୍ରାମର ସଚେତନ ନାଗରିକ ମାନେ କୋକସରା ରେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ଶିବିର ରେ ଅଭିଯୋଗ କରିଥିବା ଜଣାପଡ଼ିଛି। ତଥାପି ଗ୍ରାମ୍ୟ ଉନ୍ନୟନ କିମ୍ବା ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ଯାଇନାହିଁ। ଲୋକଙ୍କ ଜୀବନ ସୁରକ୍ଷା ପାଇଁ ଉଭୟ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।ଏନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନବ କିଶୋର ବେହେରା ଙ୍କ ପ୍ରତିକ୍ରିୟା ନେବାରୁ ଶୀଘ୍ର ଅନାବନା ଗଛ କାଟି ସଫା କରାଯିବ ବୋଲି କହିଛନ୍ତି। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।